
# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 23/2025 | Page 14 | ₹ 7.00

୫୧ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 148 | ମୂଲ୍ୟ ₹୭/-

## ପ୍ରଜ୍ଞାଙ୍କୁ ରୌପ୍ୟ ପଦକ

ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ।

୧୪ ୦୮

## ‘ଗୋଲ୍ଡ ହାଉସ୍ ଗାଲା ୨୦୨୫’ରେ ସମ୍ମାନିତ ହେବେ ପ୍ରିୟଙ୍କା

ଆସନ୍ତା ମାସରେ ହେବାକୁ ଥିବା ‘ଗୋଲ୍ଡ ହାଉସ୍ ଗାଲା ୨୦୨୫’ରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ସମ୍ମାନିତ କରାଯିବ।



### ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଗୁଳି

# ଓଡ଼ିଆଙ୍କ ସମେତ ୨୬ ମୃତ

କିଛିଦିନର ନୀରବତା ପରେ ଜମ୍ମୁ-କଶ୍ମୀରରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ପହଲଗାମ୍ ଜିଲାରେ ସେମାନେ ମଙ୍ଗଳବାର ଅପରାହ୍ନ ୩ଟାରେ ବଡ଼ଧରଣର ଆକ୍ରମଣ କରିଛନ୍ତି। ପ୍ରାକୃତିକ ଶୋଭାରାଜି ପାଇଁ ‘ମିନି ସ୍ୱିଜରଲାଣ୍ଡ’ ଭାବେ ପରିଚିତ ଦକ୍ଷିଣ କଶ୍ମୀରର ମୁଖ୍ୟ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସଦସ୍ୟମାନେ ଅନ୍ୟୂନ ୫୦ ରାଉଣ୍ଡ ଗୁଳି ଚଳାଇଛନ୍ତି। ଏହି ଅତର୍କିତ ଆକ୍ରମଣରେ ଜଣେ ଓଡ଼ିଆ ଓ ୨ ଜଣ ବିଦେଶୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ବାଲେଶ୍ୱର ରେମୁଣା ଅଞ୍ଚଳର ପ୍ରଶାନ୍ତ ଶତପଥୀ ସ୍ତ୍ରୀ ଓ ପୁଅଙ୍କ ସହିତ ବୈସରନ୍‌କୁ ବୁଲିବାକୁ ଯାଇଥିବାବେଳେ ସେ ପ୍ରାଣ ହରାଇଥିବା ଅନନ୍ତନାଗ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଆହତଙ୍କୁ ଉଦ୍ଧାର କରିବା ପାଇଁ ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ସାଉଦି ଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣକୁ ନିନ୍ଦା କରିବା ସହିତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ଶାହା ଦିଲ୍ଲୀରେ ସୁରକ୍ଷା ଏଜେନ୍ସିଗୁଡ଼ିକର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକ ପରେ ସ୍ଥିତି ସମୀକ୍ଷା ପାଇଁ ଶ୍ରୀନଗର ଯାଇଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଆକ୍ରମଣକାରୀଙ୍କୁ ପଶୁଙ୍କ ସହ ତୁଳନା କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଯୋଜନାବଦ୍ଧ ଭାବେ ଘଟାଯାଇ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତିକୁ ଦର୍ଶାଇବା ପାଇଁ ଉଦ୍ୟମ କରାଯାଇଥିବା କୁହାଯାଉଛି।





ପ୍ରଶାନ୍ତ ଶତପଥୀ

**ଶ୍ରୀନଗର/ପହଲଗାମ୍,୨୨।୪**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ଅପରାହ୍ନରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ଓଡ଼ିଆଙ୍କ ସମେତ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ବିଦେଶୀ ଓ ୨ ସ୍ଥାନୀୟ ଲୋକ ଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ କେତେଜଣ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପହଲଗାମ୍‌ର ବୈସରନ ପର୍ବତ ଶିଖରରେ ଏକ ୪୦ ଜଣିଆ ପର୍ଯ୍ୟଟକ ଦଳଙ୍କୁ ଟାର୍ଗେଟ କରି ସଶସ୍ତ୍ର ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ଆକ୍ରମଣ ସ୍ଥଳରେ ଅନେକଙ୍କ ରକ୍ତ ଜୁଡୁବୁଡୁ ମରଶରୀର ପଡ଼ିଥିବା ଦେଖାଯାଇଛି। ଆକ୍ରମଣ ପାଇଁ ଲଶ୍କର-ଇ-ତୋଇବାର ଛାମୁଆ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଛି।

ଘଞ୍ଚ ଜଙ୍ଗଲ, ସ୍ୱଚ୍ଛ ହ୍ରଦ ଏବଂ ବିସ୍ତୀର୍ଣ୍ଣ ପ୍ରାନ୍ତର ପାଇଁ ଜଣାଶୁଣା ପହଲଗାମ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଚାଲିଥିବା ବେଳେ ଉକ୍ତ ଅଞ୍ଚଳରେ ପର୍ଯ୍ୟଟକଙ୍କ ଗହଳି ଲାଗିଛି। ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଭାରତ ଗସ୍ତ ସମୟରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ୨୦୧୯ ଫେବୃଆରୀରେ ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୭ ଜଣ ସିଆର୍‌ପିଏଫ୍ ଯବାନ ପ୍ରାଣ ହରାଇଥିଲେ। ଏହା ପରଠାରୁ ମଙ୍ଗଳବାରର ଆକ୍ରମଣ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି।

ସଶସ୍ତ୍ର ଆତଙ୍କବାଦୀ ପହଲଗାମ ରିସର୍ଟ ସହରଠାରୁ ୬ କି.ମି. ଦୂରରେ ଥିବା ବୈସରନ୍‌ରେ ପହଞ୍ଚି ସେଠାରେ ରେଷ୍ଟୁରାଣ୍ଟ ନିକଟରେ ଚାଲବୁଲ କରୁଥିବା ବା ପିକ୍‌ନିକ୍ କରୁଥିବା ପର୍ଯ୍ୟଟକମାନଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି।

# ଆଜିଠୁ ସ୍କୁଲ, କଲେଜ ବନ୍ଦ

**ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)**

ବୁଧବାରଠାରୁ ସ୍କୁଲ୍ ଓ କଲେଜ ପିଲାଙ୍କ ପାଇଁ ଖରା ଛୁଟି ଘୋଷଣା କରାଯାଇଛି। ଏପ୍ରିଲ ୨୩ରୁ ଅଙ୍ଗନୱାଡି ଓ ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ଏହି ସମୟରେ କଲେଜର ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏଥିପାଇଁ ଯତ୍ନବାନ ହେବାକୁ କୁହାଯାଇଛି।


BGU BIRLA GLOBAL UNIVERSITY BHUBANESWAR

ADMISSIONS OPEN www.bgu.ac.in

A Hub of Excellence in Education

BIRLA SCHOOL OF COMMERCE

Mastering Analytics to Decode Business Finances

ACADEMIC PROGRAMS OFFERED

- B.Com (Hons.)
- M.Com (Financial Analytics)

OUR EDGE

- Focus on Financial Modeling, Fintech & Business Forecasting
- Continuous Mentoring & Career Counseling
- Advanced Analytics with R, Python, Power BI, Tableau etc.
- Internship opportunities & Industry exposure
- B.K. Birla & Sarala Birla Academic Merit Scholarships

OUR OTHER SCHOOLS

- Birla School of Management
- Birla School of Economics
- Birla School of Communication
- Birla School of Law
- Birla School of Applied Science
- Birla School of Engineering & Technology

Apply online forms.bgu.ac.in

IDCO Plot No. 2, Institutional Area, Gothapatna, Bhubaneswar – 751029

WhatsApp/Call: 9776129900/7381058307 Email: admission@bgu.ac.in

scan to apply


## ଟଙ୍କା ପାଇଁ ଶିଶୁ ଅପହରଣ

### ୬ ଘଣ୍ଟାରେ ଉଦ୍ଧାର, ୭ ଗିରଫ

**ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ)**


ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁରେ ମଙ୍ଗଳବାର ସ୍କୁଲକୁ ଯାଉଥିବା ୮ବର୍ଷର ଶିଶୁ ପ୍ରତ୍ୟୁଷଙ୍କୁ ଅପହରଣ କରାଯାଇଥିଲା। ମୁକ୍ତିଜାମିନ ରଖି ଅପହର୍ତ୍ତାମାନେ ଶିଶୁଙ୍କ ମା’ଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ହେଲେ ଅପହରଣର ୬ଘଣ୍ଟା ଭିତରେ କମିଶନରେଟ୍ ପୋଲିସ ଖୋର୍ଦ୍ଧା ନିରାକାରପୁରରେ ଚଢ଼ାଉ କରି ଅପହୃତ ଶିଶୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବକ ତଥା ପ୍ରତ୍ୟୁଶଙ୍କ ଟିଉଶନ୍ ମ୍ୟାମ୍‌ଙ୍କ ଭାଇ ହିଁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ବିଲ୍ ପୈଠ କରି ନ ଥିଲେ ବି ବିଦ୍ୟୁତ୍ କାଟ ହେବନି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୪(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ତାପମାତ୍ରା ଏବେ ଅଧିକାଂଶ ଜିଲାରେ ୪୦ ଡିଗ୍ରୀରୁ ଅଧିକ ରହୁଛି। ଏଭଳି ସ୍ଥିତିରେ ଏକାଧିକ ଥର ହେଉଥିବା ବିଦ୍ୟୁତ୍ କାଟ(ପାୱାର୍ କଟ୍) ଲୋକମାନଙ୍କ ପାଇଁ ବଡ଼ ସମସ୍ୟା ହୋଇ ଉଭାହୋଇଛି। ଏହା କେବଳ ଚଳିତ ବର୍ଷର ସମସ୍ୟା ନୁହେଁ। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଋତୁ ଆସିଲେ ବିଦ୍ୟୁତ୍ କାଟ ସମସ୍ୟା କାରଣରୁ ଲୋକମାନଙ୍କ ଭିତରେ ଅସନ୍ତୋଷ ରହିଥାଏ। ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପାୱାର କଟ୍ ନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଦ୍ୟୁତ୍ କାଟ ହେବନାହିଁ। ଗ୍ରୀଷ୍ମପ୍ରବାହ ସମୟରେ କାହାର ମଧ୍ୟ ବିଦ୍ୟୁତ୍ କାଟ କରାଯିବନାହିଁ। ଉପଭୋକ୍ତା ବକେୟା ବିଲ୍ ପ୍ରଦାନ କରି ନ ଥିଲେ ମଧ୍ୟ ଲାଇନ କଟିବନାହିଁ। କିନ୍ତୁ ଉପଭୋକ୍ତାଙ୍କୁ ବକେୟା ବିଲ୍ ପୈଠ କରିବାକୁ ପଡ଼ିବ। ପୂର୍ବରୁ ମଧ୍ୟ ବିଧାନସଭା ସମୟରେ କହିଥିଲେ, ବିଲ୍ ଦେଇ ନ ଥିଲେ ବି ଜୁନ୍ ପର୍ଯ୍ୟନ୍ତ ଲୋକଙ୍କ ବିଦ୍ୟୁତ୍ କାଟ ହେବନାହିଁ। କାଳବୈଶାଖୀ ଯୋଗୁ କୌଣସି ସ୍ଥାନରେ ଯଦି ବିଦ୍ୟୁତ୍ କାଟ ହେଉଛି ତେବେ ତାକୁ ତୁରନ୍ତ କାମ କରିଦିଆଯାଉଛି। ପୂର୍ବ ତୁଳନାରେ ବିଦ୍ୟୁତ୍ ଯୋଗାଣ ଠିକ୍‌ଠାକ୍ କରାଯାଉଛି। ଯେଉଁସବୁ ସ୍ଥାନରେ ବିଦ୍ୟୁତ୍ କାମ ଚାଲୁଛି, ପୂର୍ବରୁ ଏନେଇ ଲୋକମାନଙ୍କୁ ଜଣାଇ ଦିଆଯାଉଛି। କେତେ ସମୟ ପାଇଁ ଏବଂ କେଉଁ କାରଣରୁ ବିଦ୍ୟୁତ୍ କାଟ ହେଉଛି ସେକଥା ମଧ୍ୟ କୁହାଯାଉଛି। ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲେ ମଧ୍ୟ ତୁରନ୍ତ ସମାଧାନ ହେଉଛି। ସରକାର କେବେହେଲେ ଜାଣି ପାୱାର୍ କଟ୍ କରନ୍ତି ନାହିଁ, କାରଣ ଏଥିରୁ ସରକାରଙ୍କୁ ରାଜସ୍ୱ ମିଳୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



କନକ ବର୍ଦ୍ଧନ ସିଂଦେଓ

ସୂଚନାଯୋଗ୍ୟ, କାଳବୈଶାଖୀ ପରେ ରାଜ୍ୟରେ ପୁଣି ପ୍ରଚଣ୍ଡ ତାତି ଫେରିଛି। ଦିନବେଳା ଘରୁ ବାହାରିବା ଲୋକଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଛି। ଗରମ ଗୁଳିଗୁଳିରେ ଘରେ ରହିବା ମଧ୍ୟ କଷ୍ଟକର ହୋଇପଡୁଛି। ମଙ୍ଗଳବାର ସାଢେ ୧୧ଟା ସୁଦ୍ଧା ରାଜ୍ୟରେ ତାପମାତ୍ରା ୪୨ ଡିଗ୍ରୀ ଟପିଛି। ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୦, ସମ୍ବଲପୁର ୩୯.୬, ରାଉରକେଲାରେ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। କେନ୍ଦୁଝରରେ ୩୬.୮, ଚାନ୍ଦବାଲି ୩୬.୪, ଭୁବନେଶ୍ୱରରେ ଦିନ ସାଢେ ୧୧ଟା ସୁଦ୍ଧା ୩୫.୪ ଡିଗ୍ରୀ ଛୁଇଁଛି।

**ଆଜିର ସମ୍ପାଦକୀୟ**

୩୦ ବର୍ଷ ପୂର୍ବରୁ ଓ ପରେ

# ସିଭିଲ୍ ସର୍ଭିସ୍‌ରେ ଓଡ଼ିଶାରୁ ୧୮ କୃତକାର୍ଯ୍ୟ

**ଭୁବନେଶ୍ୱର(ସୁଚିସ୍ମିତା ସାହୁ)/ ନୂଆଦିଲ୍ଲୀ(ପି.ଟି.),୨୨।୪**

କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ମଙ୍ଗଳବାର ସିଭିଲ୍ ସର୍ଭିସେସ୍ ପରୀକ୍ଷା-୨୦୨୪ର ଫଳାଫଳ ଘୋଷଣା କରିଛି। ଓଡ଼ିଶାରୁ ୧୮ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରହୁଥିବା କୋରାପୁଟ ଜିଲା ଜୟପୁରର ରିତିକା ରଥ ୪୮ତମ ସ୍ଥାନରେ ରହିଛନ୍ତି। ଆଲ୍ଲାହାବାଦ ୟୁନିଭର୍ସିଟିରୁ ବାୟୋକେମେଷ୍ଟ୍ରିରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶକ୍ତି ଦୁବେ ସିଭିଲ୍ ସର୍ଭିସ ପରୀକ୍ଷାରେ ଟପ୍ପର ହୋଇଥିବାବେଳେ ହର୍ଷିତା ଗୋୟଲ ଏବଂ ଡୋଙ୍ଗ୍ରେ ଅର୍ଚ୍ଚିତ ପରାଗ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ର୍‍ୟାଙ୍କ୍ ପାଇଛନ୍ତି।

### ୪୮ତମ ସ୍ଥାନରେ ରିତିକା ରଥ, ଶକ୍ତି ଦୁବେ ଟପ୍ପର



ରିତିକା ରଥ


ଓଡ଼ିଶାର ଦେବିକା ପ୍ରିୟଦର୍ଶିନୀ ୯୫ତମ ସ୍ଥାନରେ ରହିଥିବାବେଳେ ୯୬ତମ ସ୍ଥାନରେ ଆଦର୍ଶ ଆଚାର୍ଯ୍ୟ, ୧୬୪ରେ ଦୀପ୍ତିରଞ୍ଜନ ପତି, ୧୭୫ରେ ରଶ୍ମୀ ପ୍ରଧାନ, ୧୯୩ରେ ନୀଳମାଧବ ପ୍ରଧାନ, ୧୯୮ରେ ଆଶୁତୋଷ ମିଶ୍ର, ୨୧୨ରେ ଅନୁପ ନାୟକ, ୪୧୪ରେ ପଦ୍ମନାଭ ମିଶ୍ର, ୪୧୬ରେ ପ୍ରଶାନ୍ତ ମିଶ୍ର, ୪୨୮ରେ ଧ୍ରୁତିରାଜ ମିଶ୍ର, ୪୪୩ରେ ଅଙ୍କିତା ରଥ, ୫୩୫ରେ କୌଶିକ ମିଶ୍ର, ୫୬୮ରେ ସିମରନ ସାହୁ, ୮୪୦ରେ ରିଶିତା ଦାଶ, ୯୭୧ରେ ଗୋପୀନାଥ ସାହୁ, ୯୮୭ରେ ଆଦିତ୍ୟ ବେହେରା ଓ ୯୯୪ତମ ସ୍ଥାନରେ ଅର୍ଣ୍ଣପୂର୍ଣ୍ଣା ମିଶ୍ର ରହିଛନ୍ତି।

୨ୟ ର୍‍ୟାଙ୍କରେ ଥିବା ହର୍ଷିତା ଗୋୟଲ ବରୋଦାର ଏମ୍‌ଏସ୍ ୟୁନିଭର୍ସିଟିର ବାଣିଜ୍ୟ ସ୍ନାତକ ହୋଇଥିବାବେଳେ ୩ୟ ସ୍ଥାନରେ ଥିବା ପରାଗ ତାମିଲନାଡୁର ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ କରିଛନ୍ତି। ଟପ୍ପର ଦୁବେ ଏବଂ ଗୋୟଲ ରାଜନୀତି ବିଜ୍ଞାନ ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଇଚ୍ଛାଧୀନ ବିଷୟ ରଖି କୃତକାର୍ଯ୍ୟ ହୋଇଥିବାବେଳେ ପରାଗ ଦର୍ଶନ ଶାସ୍ତ୍ରକୁ ଇଚ୍ଛାଧୀନ ବିଷୟ ରଖିଥିଲେ। ଗୁଜରାଟ ଟେକ୍ନୋଲୋଜି ୟୁନିଭର୍ସିଟିରୁ କମ୍ପ୍ୟୁଟର ଇଞ୍ଜିନିୟରିଂରେ ବ୍ୟାଚେଲର ଡିଗ୍ରୀ କରିଥିବା ଶାହ ମାର୍ଗି ଚିରାଗ ଚତୁର୍ଥ ର୍‍ୟାଙ୍କ୍ ପାଇଛନ୍ତି।





A quality product from
PAN BAHAR
ସବୁଆଡ଼େ
बहार
ଅଛି !
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258 | www.panbahar.in




# ଆତଙ୍କବାଦୀ ଆକ୍ରମଣ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ | ଇଶାଣୀ ଗାଁରେ ଶୋକାକୁଳ ପରିବେଶ

ବାଲେଶ୍ୱର,୨୨।୪ (ବାଞ୍ଛାନିଧି ଦେ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ଓଡ଼ିଆ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ସେ ହେଲେ ବାଲେଶ୍ୱର ସଦର ବ୍ଲକ୍ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ(୪୧)। ତାଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ତାଙ୍କର ମୃତ୍ୟୁ ଘଟିଥିବା ନେଇ ଅନନ୍ତନାଗ ପୋଲିସ ସ୍ପଷ୍ଟ କରିଥିବା ପରିବାର ଲୋକେ କହିଛନ୍ତି। ଖବର ପ୍ରଚାରିତ ହେବା ପରେ ସମଗ୍ର ଜିଲା ସମେତ ଇଶାଣୀ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ପ୍ରଶାନ୍ତଙ୍କ ମା', ୩ ଭାଇ ଓ ଜଣେ ଭଉଣୀ ଅଛନ୍ତି। ବଡ଼ ଭାଉଜ ସବିତା ମଲ୍ଲିକ ସାରଗାଁ ପଞ୍ଚାୟତର ସରପଞ୍ଚ ଅଛନ୍ତି। ପରିବାର ଲୋକେ ପ୍ରଶାନ୍ତଙ୍କ ମୃତ୍ୟୁ ଖବର ପାଇ ହତବାକ୍ ହୋଇପଡ଼ିଛନ୍ତି। ତାଙ୍କ ବାସଭବନରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ, ବାଲେଶ୍ୱର ସିପେଟ୍‌ରେ ପ୍ରଶାନ୍ତ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗ୍ରୀଷ୍ମଋତୁରେ ଜମ୍ମୁ-କଶ୍ମୀର ବୁଲିବା ପାଇଁ ସେ ଗତ ୧୯ ତାରିଖରେ ଘରୁ ବାହାରିଥିଲେ। ତାଙ୍କ ସହ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସରନ୍ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଭାବେ ଗୁଳି ଚଳାଇଥିଲେ। ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସହାୟତା ପାଇଁ ପ୍ରିୟଦର୍ଶିନୀ ଚିତ୍କାର କରିଥିଲେ। ଦୀର୍ଘ ସମୟ ପରେ ଯବାନମାନେ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ନେଇଯାଇଥିବା ପ୍ରିୟଦର୍ଶିନୀଙ୍କଠାରୁ ସୂଚନା ମିଳିଛି।


ପ୍ରଶାନ୍ତ ଶତପଥୀ

### ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀର ଭଲରେ ପଞ୍ଚାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

କଶ୍ମୀରର ପହଲଗାମ୍ ଠାରେ ଉଗ୍ରପନ୍ଥୀମାନେ ମଙ୍ଗଳବାର ଏକ ଜଘନ୍ୟକାଣ୍ଡ ଘଟାଇ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହ ମୃତ ପର୍ଯ୍ୟଟକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜଣେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସମ୍ପୃକ୍ତ ଓଡ଼ିଆ ପର୍ଯ୍ୟଟକଙ୍କ ମରଶରୀରକୁ କିପରି ତାଙ୍କ ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିପାରିବ, ସେ ସମ୍ପର୍କରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦେବପ୍ରସାଦ ଦାଶଙ୍କୁ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୨।୪ (ରବିନାରାୟଣ ଜେନା)

ଦୀର୍ଘ ୫୦ଦିନ ବ୍ୟବଧାନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ପଦ ପୂରଣ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୁଗ୍ମସଚିବ ଦେବପ୍ରସାଦ ଦାଶଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ପ୍ରତି ଦେବପ୍ରସାଦ ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ ଅଛନ୍ତି। ସରକାରଙ୍କ ପକ୍ଷରୁ ନୋସ୍‌ନାଲି ଦୁଇଟି ପର୍ଯ୍ୟାୟରେ ତାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ଅବଧି ମଧ୍ୟରେ ସେ ପୂର୍ବ ବକେୟା ସହିତ ଅନ୍ୟାନ୍ୟ ପ୍ରାପ୍ୟ ପାଇବେ ନାହିଁ। ବିଜ୍ଞପ୍ତି ଅନୁଯାୟୀ, ଦେବପ୍ରସାଦ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ପଦରୁ ସରୋଜ ସାମଲ ଅବସର ଗ୍ରହଣ କରିଥିଲେ। ସେବେଠାରୁ ଉକ୍ତ ପଦ ଖାଲି ପଡ଼ିଥିଲା।



# ହାଇୱା ତଳେ ଚାପିହୋଇ ଯୁବକ ମୃତ


ଉତ୍ତେଜନା, ରାସ୍ତା ଅବରୋଧ କଲେ ଲୋକେ

ତିହିଡ଼ି,୨୨।୪(ସଞ୍ଜିତ ବଳ)

ଭଉଣୀଙ୍କୁ କଲେଜରେ ଛାଡ଼ି ଘରକୁ ଫେରୁଥିବା ବେଳେ ହାଇୱା ତଳେ ଚାପିହୋଇ ଚାଲିଗଲା ଭାଇଙ୍କ ଜୀବନ। ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧାବଜାରଠାରୁ କିଛି ଦୂରରେ ମଙ୍ଗଳବାର ସକାଳ ୮ଟା ୩୦ ମିନିଟ ବେଳେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ କଣ୍ଡରାଗଡ଼ିଆ ଗ୍ରାମର ଉତ୍ତମ କୁମାର ଶଙ୍ଖୁଆ(୨୪)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଉତ୍ତମ ତାଙ୍କ ଭଉଣୀଙ୍କୁ ତିହିଡ଼ି କଲେଜରେ ଛାଡ଼ି ବାଇକ୍‌ରେ ଘରକୁ ଫେରୁଥିଲେ। ବିନ୍ଧାବଜାରଠାରୁ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉତ୍ତମ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଏକ ହାଇୱା ଉତ୍ତମଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ତିହିଡ଼ି ଥାନା ଏସ୍‌ଆଇ ପ୍ରବୀଣ ଗିରି ଓ ଏଏସ୍‌ଆଇ କମଳାକାନ୍ତ ଶତପଥୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍ଥାନୀୟ ଅଞ୍ଚଳର ଭାଜପା ନେତା ସଂଗ୍ରାମ କେଶରୀ ମହାନ୍ତି, ସନାତନ ମିଶ୍ର, ରତିକାନ୍ତ ମହାକୁଡ଼, ପୂର୍ବତନ ସରପଞ୍ଚ ବଳଭଦ୍ର ମାଠ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ସହଯୋଗ କରିବାରୁ ପରିସ୍ଥିତି ଶାନ୍ତପଡ଼ିଥିଲା। ତେବେ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ହାଇୱାକୁ ଜବତ କରିଛି। ଏହି ଘଟଣାରେ ପୀରହାଟ ଥାନା ପୋଲିସ ଏକ ମାମଲା (ନଂ.୯୯/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଛାତ୍ରଙ୍କୁ ଶ୍ୱାସରୁଦ୍ଧ କରି ମାରିଦେଲେ

- ବେସରକାରୀ କଲେଜ ଛାତ୍ରାବାସରେ ହତ୍ୟା
- ୩ ଜଣଙ୍କୁ ଅଟକ ରଖି ପଚରାଉଚରା

କେନ୍ଦୁଝର,୨୨।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳରେ ଥିବା ଘରୋଇ କଲେଜର ଢାଙ୍ଗରପଡ଼ାସ୍ଥିତ ଛାତ୍ରାବାସରେ ଜଣେ ଛାତ୍ରଙ୍କୁ ହତ୍ୟା ଅଭିଯୋଗ ହୋଇଛି। ସାମାନ୍ୟ ବଚସାକୁ ନେଇ ୩ ଅନ୍ତେବାସୀ ସମ୍ପୃକ୍ତ ଛାତ୍ରଙ୍କ ମୁହଁରେ କମ୍ବଳ ପକାଇ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଚମ୍ପୁଆ ବ୍ଲକ୍ ଜାଲି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପଡ଼ା ଗ୍ରାମର ଜଗବନ୍ଧୁ ମହାନ୍ତଙ୍କ ପୁଅ ଜଳଧର ମହାନ୍ତ(୧୫)। ମାଟ୍ରିକ ପରୀକ୍ଷା ପରେ ଛାତ୍ରାବାସରେ ରହି ଉକ୍ତ କଲେଜରେ ସମର କୋର୍ସ କରୁଥିଲେ। ମୃତକଙ୍କ ବାପା ପୁଅକୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୩ ଛାତ୍ରଙ୍କୁ ହେପାଜତକୁ ନେଇ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧୦ଟା ସମୟରେ ଜଳଧର ସବୁଦିନ ପରି ରାତ୍ରିଭୋଜନ ପରେ ସାଙ୍ଗମାନଙ୍କ ସହ ଦ୍ୱିତୀୟ ମହଲାରେ ଥିବା ରୁମ୍‌ରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ଅନ୍ୟ ଜଣେ ଛାତ୍ର ରୁମ ପାଖରେ ଥିବା ଆକ୍ୱାଗାର୍ଡକୁ ପାଣି ପାଇଁ ଆସିଥିଲେ। ସେଠାରେ ଏକ ବେଡ୍‌ରେ ଜଳଧର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ୱାର୍ଡେନକୁ ଜଣାଇଥିଲେ। ୱାର୍ଡେନ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ପ୍ରାଥମିକ ତଦନ୍ତ ବେଳେ କୌଣସି ଘଟଣାକୁ ନେଇ ୩ ସହପାଠୀଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ସହପାଠୀ ଗାମୁଛାରେ ତଣ୍ଟି ଚିପିବା ପରେ କମ୍ବଳରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମୃତ ଛାତ୍ରଙ୍କ ବାପା ଏତଲାରେ ଦର୍ଶାଇଛନ୍ତି, କଲେଜ କର୍ତ୍ତୃପକ୍ଷ ତାଙ୍କୁ ରାତି ୩ଟାରେ ପୁଅର ଦେହ ଭଲ ନାହିଁ, ଶୀଘ୍ର ଆସିବାକୁ କହିଥିଲେ। ପହଞ୍ଚିବା ପରେ ପୁଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପୁଅ ସୁସ୍ଥ ଥିଲା ଏବଂ କୌଣସି ରୋଗ ନ ଥିଲା। ଏଣୁ କଲେଜ, ହଷ୍ଟେଲ କର୍ତ୍ତୃପକ୍ଷ ମାରି ଦେଇଥିବା ଅଭିଯୋଗ କରିଥିଲେ। ଏଥିସହ ତାଙ୍କୁ ରାଗିଂ କରାଯାଇଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି।

କଲେଜ ପରିଚାଳନା କମିଟି ସଦସ୍ୟ ରଞ୍ଜିତ କୁମାର ଗୌଡ଼ କହିଛନ୍ତି, ଘଟଣାର ଅନୁଧ୍ୟାନ କରି ମୃତକଙ୍କ ପରିବାର ସଦସ୍ୟଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଗ୍ରୀଷ୍ମକାଳୀନ କୋଚିଂ ପାଇଁ ୧୦୦ ପିଲା ରହୁଛନ୍ତି। ଏଭଳି ଘଟଣା କାହିଁକି ଘଟିଲା ତାହାର ଅନୁଧ୍ୟାନ କରାଯାଉଛି।

ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଏତଲା ମିଳିବା ପରେ ତଦନ୍ତ ବେଳେ ହତ୍ୟା ଘଟଣା ଜଣାପଡ଼ିଥିଲା। ଏକ ମାମଲା(ନଂ. ୨୨୭/୨୦୨୫) ରୁଜୁ ହୋଇ ୩ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖାଯାଇଛି। ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ।


ଜଳଧର ମହାନ୍ତ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିଏଆଇଟି ପକ୍ଷରୁ ଖବରଦାତାତ ସମ୍ମିଳନୀ, ସ୍ଥାନ: ଷ୍ଟଲୱାର୍ଟ ଯଯାତି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- ୧୩ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଯୋଗ ଗ୍ରାଉଣ୍ଡ, ମନୋରମା ଇଷ୍ଟେଟ ପ୍ରେମିସେସ୍, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଆଶାସନ, ରୂପ୍‌ସା, ସମୟ: ସକାଳ ୯ଟା।

## ଭଦ୍ରକ

- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ନୌରଙ୍ଗପୁର,ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବୈଶାଖୀ ଦହି ପଖାଳ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ମଧ୍ୟହ୍ନ ୧୨ଟା ୩୦।
- ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଜୀବନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ପଞ୍ଚାୟତରେ ସମ୍ପର୍କ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ୍, ସମୟ: ସକାଳ ୮ ଟା।
- ଖଜୁରୀଜିଆଣୀ ଗ୍ରାମରେ ବାଦୀପାଲା, ସ୍ଥାନ: ଖଜୁରୀଜିଆଣୀ ପାଲା ମଣ୍ଡପ, ଢେଙ୍କିକୋଟ୍, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ଅଣଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଏଫଆଇଏସ ବୈଠକ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ, ଚିତ୍ରଡା, ମୋରଡା, ସମୟ: ସକାଳ ୮ ଟା।
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା, ସମୟ: ସକାଳ ୮ ଟା
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## କନ୍ଧମାଳ

- ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ମିଡିଆକିଆ, ବାଲିଗୁଡା, ସମୟ : ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ବାସୁ ବିଶ୍ୱନିଙ୍କ ଆତ୍ମ ବଳିଦାନ ସ୍ମୃତିଚାରଣ ସଭା, ସ୍ଥାନ: ବେବର୍ତ୍ତା ଶହୀଦ ସରୋବର ସ୍ମୃତିପୀଠ, ରାଜକନିକା, ସମୟ: ସକାଳ ୭ଟା।

## ଯାଜପୁର

- ଜିଲା ପରିଷଦର ୬ଷ୍ଠ ସାଧାରଣ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୮ତମ ଦିବସରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସକାଳ ୬ଟା।
- ମା'ରତ୍ନମାଳା ଠାକୁରାଣୀଙ୍କ ପୀଠରେ ଘୃତ ଯଜ୍ଞ, ନାମଯଜ୍ଞ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ,ସ୍ଥାନ: ଚଢ଼େୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ:ସକାଳ ୮ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସେତୁବନ୍ଧ ପ୍ରତିଷ୍ଠା, ରାବଣର ଛତ୍ରଭଙ୍ଗ,ବିଭୀଷଣ ଶରଣ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

## ରାୟଗଡ଼ା

- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡାଙ୍ଗସୋରଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଏସ୍‌ଏଚ୍‌ଜିଙ୍କୁ ତାଲିମ୍, ସ୍ଥାନ: ଡାବୁଗାଁ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର,ବିଲେଇଗୁଡ଼ା, ସେମିଳିଗୁଡ଼ା, ସମୟ:ସକାଳ ୯ଟା।

## ସମ୍ବଲପୁର

- ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ପ୍ରତିଷ୍ଠା ଦିବସ, ସ୍ଥାନ : ଲାଇବ୍ରେରୀ ପରିସରସ୍ଥ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଟିପିଡବ୍ଲ୍ୟୁଓଡିଏଲ ଆୟୋଜିତ ପେ ଆଣ୍ଡ ଉଇନ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- କବାଡି ପ୍ରତିଯୋଗିତା ସକାଶେ ପଶ୍ଚିମାଞ୍ଚଳ ପାର୍ଟିଶ୍ ଖେଳାଳିଙ୍କ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୫ଟା ।

## ରାଉରକେଲା

- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ, ବରଗଡ଼, ସମୟ:ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ନବନିର୍ମିତ ଯାଦବ ଭବନର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭବାନୀପାଟଣା ବ୍ଲକ ସଙ୍କରିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଅଷ୍ଟାଦଶ ଦିବସରେ ରାମ ରାବଣ ସମର ଶୋଭାଯାତ୍ରା, ସ୍ଥାନ: ଷ୍ଟାଡିୟମ ଖେଳ ପଡିଆ, ବୌଦ୍ଧ, ସମୟ: ରାତି ୧୦ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଉଲୁଣ୍ଡା ବ୍ଲକ ବାଘପାଲିରେ ଭାଗବତ ସପ୍ତାହର ଚତୁର୍ଥ ଦିବସ, ସ୍ଥାନ: ବାଘପାଲି ହରିବାବା ମଠ, ସମୟ: ସକାଳ ୮ଟା।
- ଚମ୍ପାମାଳ ରାମଲୀଳା ନାଟକରେ ଲକ୍ଷ୍ମଣ ଶକ୍ତି ଭେଦ, ସ୍ଥାନ: ରାମଲୀଳା ମଣ୍ଡପ, ସମୟ: ସମୟ ରାତି ୮ଟା ୩୦।
- ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଦିନିକିଆ ତାଲିମ ଶିବିର, ସ୍ଥାନ: ସୁବର୍ଣ୍ଣପୁର ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୫।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅଧାହ୍ନ ୧୨ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପ୍ରାତଃ ୫ଟା ୧୫।

# ମା'କୁ ବଞ୍ଚାଇବାକୁ ଯାଇ ପୁଅର ବି ଜୀବନ ଗଲା

**ଭବାନୀପାଟଣା,୨୨।୪ (ଉତ୍ତମ କୁମାର ଦାଶ)**

### ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ସାଇଦଲଙ୍ଗା ପଞ୍ଚାୟତର ଟୁର୍ଚି (ଡଙ୍ଗରପଡ଼ା)ରୁ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳ ପ୍ରାୟ ୯ଟା ସମୟରେ ବୃଦ୍ଧା ସୁନାଫୁଲ ସୁନା (୬୨) ଓଦା କପଡ଼ା ଶୁଖାଇବାକୁ ଛାତ ଉପରକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ମା'ଙ୍କ ଅବସ୍ଥା ଦେଖି ଜୀବନ ବଞ୍ଚାଇବାକୁ ପୁଅ ରବି ସୁନା(୩୫) ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ପୋଲିସ ପାଖରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର କରିଦେଇଥିବା ଜଣାପଡିଛି।

# ସୋସିଆଲ ମିଡିଆଠାରୁ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେଉଥିଲି: ରିତିକା

**ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)**

ସିଭିଲ ସର୍ଭିସେସ୍ ପରୀକ୍ଷାରେ ୪୮ତମ ର୍‍ୟାଙ୍କ୍ ପାଇଥିବା ରିତିକା ରଥଙ୍କ ଘର କୋରାପୁଟ ଜିଲା ଜୟପୁର ସୁନାରି ସାହିରେ। ସେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରୁହନ୍ତି। ସେ ନିଜ ସଫଳତା ସମ୍ପର୍କରେ କହିଛନ୍ତି, ଭୁବନେଶ୍ୱରରେ ସ୍କୁଲ ପାଠପଢ଼ା ସରିବା ପରେ ଦିଲ୍ଲୀ ଓ ଇନ୍ଦୋରରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ। ଗୋଟେ ବର୍ଷ କର୍ପୋରେଟ ଚାକିରି କରିଥିଲେ। ପରେ ଚାକିରି ଛାଡ଼ି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ପୂର୍ବରୁ କୌଣସି ର୍‍ୟାଙ୍କ୍ ପାଇ ନ ଥିବାବେଳେ ଚଳିତ ବର୍ଷ ତୃତୀୟ ଚେଷ୍ଟାରେ ସଫଳତା ପାଇଥିବାରୁ ବହୁତ ଖୁସି ବୋଲି ରିତିକା କହିଛନ୍ତି। ତେବେ ଏହାର ଶ୍ରେୟ ସେ ବାପାଙ୍କୁ ଦେଇଛନ୍ତି। ବାପା ତାଙ୍କ ପାଠପଢ଼ା ପାଇଁ ପୂରା ସାଥ୍ ଦେଉଥିଲେ। ତିନିବର୍ଷ ଧରି ନିଜେ ପଢ଼ାପଢ଼ି କରିବା ସହ କୋଚିଂ ନେଉଥିଲେ। ଏଥିପାଇଁ ଆଗୁଆ ଗୋଟିଏ ମାସର ପାଠପଢ଼ା ସିଡ୍ୟୁଲ କରୁଥିଲେ। ସକାଳ ୫ଟା ୩୦ରୁ ପାଠପଢ଼ା ଆରମ୍ଭ କରିଥାନ୍ତି। ସୋସିଆଲ ମିଡିଆକୁ ବହୁତ କମ୍ ବ୍ୟବହାର କରୁଥିଲେ। ତେବେ ସେ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହିତ ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ଅଧିକ ପ୍ରାଧାନ୍ୟ ଦେବେ। ଶିକ୍ଷା ଓ ମହିଳା ସଶକ୍ତୀକରଣ ବିଭାଗରେ କାର୍ଯ୍ୟ କରିବାକୁ ଅଧିକ ଇଚ୍ଛା ରହିଛି ବୋଲି ରିତିକା କହିଛନ୍ତି।

# ସୁନା ଲକ୍ଷେ ଟପିଲା

**ନୂଆଦିଲ୍ଲୀ,୨୨।୪(ପି.ଟି.)**

ସୁନା ଦର ୧୦ ଗ୍ରାମ ପ୍ରତି ୧,୮୦୦ ଟଙ୍କା ବୃଦ୍ଧି ପାଇ ମଙ୍ଗଳବାର ଲକ୍ଷେ ଟଙ୍କା ଅତିକ୍ରମ କରିଛି। ଆଗକୁ ଅକ୍ଷୟ ତୃତୀୟା ଏବଂ ବିବାହ ଋତୁ ଥିବାରୁ ସୁନା କିଣା ବୃଦ୍ଧି ପାଇଛି। ଅଲ୍ ଇଣ୍ଡିଆ ସରାଫ୍ ଆସୋସିଏଶନ୍‌ର ସୂଚନା ଅନୁଯାୟୀ, ୯୯.୯ ପ୍ରତିଶତ ଶୁଦ୍ଧ ସୁନା ୧୦ ଗ୍ରାମ ପ୍ରତି ଦର ନୂଆଦିଲ୍ଲୀରେ ୧,୦୧,୬୦୦ ଟଙ୍କା ରହିଥିବାବେଳେ ୯୯.୫ ପ୍ରତିଶତ ଶୁଦ୍ଧ ସୁନା ଦର ୧,୦୨,୧୦୦ ଟଙ୍କାରେ ପହଞ୍ଚିଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ୩,୧୦୦ ଟଙ୍କା ବୃଦ୍ଧି ପାଇ ୧,୦୧,୩୫୦ ଟଙ୍କା ହୋଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୨,୭୫୦ ଟଙ୍କା ବଢ଼ି ୯୨,୯୦୦ ଟଙ୍କା ରହିଛି। ଗତବର୍ଷ ଡିସେମ୍ବରରୁ ଇତିମଧ୍ୟରେ ସୁନା ଦର ୧୦ ଗ୍ରାମ ପ୍ରତି ୨୨,୬୫୦ ଟଙ୍କା ବା ପ୍ରାୟ ୨୯ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ରୁପା ଦର କିଲୋଗ୍ରାମ ପ୍ରତି ୯୮,୫୦୦ ଟଙ୍କା ରହିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଟା ମୃଦଙ୍ଗକୁ ଜଡ଼ା ବାଇଦ**
**କାଣୀ ଦାରୀ ସେଠି ନାଚୁଛି**
**ଅବୁଝା ରଜାକୁ କେମ୍ପା ମୁଖ୍ୟମନ୍ତ୍ରୀ**
**ଯାହା ଇଚ୍ଛା ତାହା କରୁଛି ।**

ଅଯୋଗ୍ୟଙ୍କ ସମାହାର। କିଏ କାହା କଥା ବୁଝିବାକୁ ନାହିଁ। ରାଜ୍ୟ ଦୁଃଖ ସାଗରରେ ଭାସୁଛି। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫୁଲ ଫୁଟିଗଲା ଫୁଲରୀ**
**ଲକ୍ଷେ ଭେଣ୍ଡିଆଙ୍କୁ କାହାକୁ ଦେଇ**
**ଭାର ଘେନି ଗଲୁ ସୁନ୍ଦରୀ ।**

ସୁନ୍ଦରୀ ଝିଅ ପଛରେ ଅନେକ ପ୍ରଶଂସକ ବା ପ୍ରେମିକଙ୍କ ଧାଡି ଛୁଟିଥାଏ। ଏପରି ଝିଅକୁ ବିବାହ କରିବା ଲାଗି ପ୍ରତୀକ୍ଷା ଫସର ଫାଟିବା ପରେ ସେ ଜଣଙ୍କୁ ହିଁ ଯଥାର୍ଥରେ ବିବାହ କରିବା ଦେଖି ତାହା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବେଲବାହାଲିରେ ବାଘ ଆତଙ୍କ



ବନ କର୍ମଚାରୀମାନେ ଘଟଣାସ୍ଥଳରେ ତନଖି କରୁଛନ୍ତି।

**ଆନନ୍ଦପୁର,୨୨।୪ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବେଲବାହାଲିରେ ବାଘ ଆତଙ୍କ ଦେଖାଯାଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ବାଘ ଦେଖିଥିବା କହିଛନ୍ତି। ଖବର ପ୍ରଚାରହେବା ପରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବେଲବାହାଲି ଗାଁର କେତେଜଣ ଲୋକ ମଙ୍ଗଳବାର ସକାଳେ ଛେଳି ଚରାଇବା ଓ କାଠ ଆଣିବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ବେଲବାହାଲି ଗାଁରୁ ଟୋଲଙ୍କପଡ଼ା ଯିବା ରାସ୍ତାର କୁଶେଇ ନଦୀକୂଳରେ ଥିବା ଝଙ୍କାଳିଆ ବଣରେ ବାଘ ଦେଖିଥିଲେ। ବାଘକୁ ସମ୍ମୁଖରେ ଦେଖି ଭୟଭୀତ ହୋଇ ଗାଁକୁ ପଳାଇଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ଆନନ୍ଦପୁର ବନ ବିଭାଗର ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ଶେଷ ନ ହେବା ଯାଏ ସତ୍ୟାସତ୍ୟ କହିହେବ ନାହିଁ ବୋଲି ବନ ବିଭାଗ ଅଧିକାରୀ ନବକିଶୋର ନାଏକ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ମୃତ ଦର୍ଶାଇ ରାଶନକାର୍ଡରୁ ନାଁ କାଟିଦେଲେ

**ଆନନ୍ଦପୁର,୨୨।୪(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଗ୍ରାମରେ ଜଣେ ମହିଳା ଜୀବିତ ଥାଇ ବି ତାଙ୍କୁ ମାରି ଦିଆଯାଇଛି। ଏପରିକି ମହିଳାଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇ ତାଙ୍କ ନାମକୁ ରାଶନକାର୍ଡରୁ ନାମ କାଟିଦିଆଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ନାମ କଟିଯାଇଥିବା ମହିଳା ପିନାକ୍ଷୀ ପେରେଇ (୨୫)ଙ୍କ ସ୍ୱାମୀ ବ୍ଲକ୍‌ରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପିନାକ୍ଷୀ ୨ ବର୍ଷ ତଳେ ବିରିଡ଼ିହା ଗ୍ରାମର ଦେବାଶିଷ ଜେନାଙ୍କୁ ବିବାହ କରିଥିଲେ। ସେ ଜଣେ ରାଶନକାର୍ଡ ହିତାଧିକାରୀ ହୋଇଥିବା ବେଳେ ନୂତନ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନକରି ୫୦୦୦ ଟଙ୍କା ପ୍ରଥମ କିସ୍ତି ପାଇଥିଲେ। ଦ୍ୱିତୀୟ କିସ୍ତି ଟଙ୍କା ଖାତାକୁ ନ ଆସିବାରୁ ସ୍ୱାମୀ ଦେବାଶିଷ ମଙ୍ଗଳବାର ଦିନ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ପଚାରି ବୁଝିଥିଲେ। ସେଠାରେ ସେ ଜାଣିବାକୁ ପାଇଥିଲେ ତାଙ୍କ ସ୍ତ୍ରୀଙ୍କୁ ମୃତ ଦର୍ଶାଇ ରାଶନକାର୍ଡରୁ ନାଁ କାଟିଦିଆଯାଇଛି। ସେହିକାରଣରୁ ସୁଭଦ୍ରା କିସ୍ତି ବନ୍ଦ ହୋଇଥିବା ବ୍ଲକ୍‌ରେ କୁହାଯାଇଥିବା ଦେବାଶିଷ କହିଛନ୍ତି। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମଞ୍ଜୁଲତା ସିଂଙ୍କ କହିଛନ୍ତି, ରାସନ ବିଭାଗରେ କିପରି ଏଭଳି ଭୁଲ କଲେ। ଯଦି ଏ ନେଇ ଦରଖାସ୍ତ ଦେଇଥିବେ ଠିକ୍ ହୋଇଯିବ।




ପିନାକ୍ଷୀ ପେରେଇ

# ରେକର୍ଡ ଭାଙ୍ଗିଲା ଏପ୍ରିଲ ତାତି

## ୪୬.୨ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)**

ଦିନକୁ ଦିନ ରାଜ୍ୟରେ ତାପମାତ୍ରା ବଢ଼ୁଥିବାବେଳେ ମଙ୍ଗଳବାର ପୂର୍ବର ସବୁ ରେକର୍ଡ ଭାଙ୍ଗିଛି। ଝାରସୁଗୁଡା ଏପ୍ରିଲ ମାସର ତାତିରେ ସର୍ବକାଳୀନ ରେକର୍ଡ କରିଛି। ୧୯୫୩ ପରେ ୨୦୧୦ରେ ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ୪୬.୧ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ମଙ୍ଗଳବାର ଝାରସୁଗୁଡ଼ାରେ ତାପମାତ୍ରା ୪୬.୨ ଡିଗ୍ରୀ ଛୁଇଁବା ସହ ଏହି ରେକର୍ଡକୁ ଭାଙ୍ଗିଛି। ଏଥିସହ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୨ଡିଗ୍ରୀ ଉପରେ ରହିଛି। ଝାରସୁଗୁଡା ତଳକୁ ହୀରାକୁଦରେ



ତାପମାତ୍ରା ୪୪.୭ ଡିଗ୍ରୀ ରହିଥିବାବେଳେ ସମ୍ବଲପୁରରେ ୪୪.୬ ଡିଗ୍ରୀ, ବୌଦ୍ଧରେ ୪୪.୫ ଡିଗ୍ରୀ, ଟିଟିଲାଗଡ଼ରେ ୪୪ ଡିଗ୍ରୀ, ସୁନ୍ଦରଗଡ଼ ଓ ସୋନପୁରରେ ୪୩.୮, ବଲାଙ୍ଗୀରରେ ୪୩.୨, ବରଗଡ଼, ଭବାନୀପାଟଣା ଓ ରାଉରକେଲାରେ ୪୨.୮, ଅନୁଗୋଳରେ ୪୨.୩, ନୂଆପଡ଼ାରେ ୪୨, ତାଳଚେରରେ ୪୦.୬, ପାରଳାଖେମୁଣ୍ଡିରେ ୪୦, କେନ୍ଦୁଝରରେ ୩୯.୯, ଚାନ୍ଦବାଲିରେ ୩୮.୭, ଭୁବନେଶ୍ୱର ୩୬.୭ ଓ ବାଲେଶ୍ୱରରେ ୩୫.୫ ଡିଗ୍ରୀ ତାପମାତ୍ରା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଧିକାଂଶ କ୍ଷେତ୍ରରେ ମନରେ ଭୟ ସୃଷ୍ଟି ହେବା ସହ ଆଶଙ୍କା କରି ମନ ଅସ୍ଥିର ରହିବ। କେବଳ ରବିଙ୍କ ସୁପ୍ରଭାବ ଯୋଗୁ କାମଗୁଡ଼ିକ ସମାପନ ହେବାର ଆଶା କରାଯାଇପାରେ । ଦ୍ୱିଜା ନକ୍ଷତ୍ର ଦୂରଯାତ୍ରା କରିପାରନ୍ତି ଓ ବ୍ୟବସାୟିକ ଦିଗଟି ଆଶାନୁଯାୟୀ ସଫଳତା ମିଳିବ। ସବୁ ସୁବିଧା ଥିଲେ ମଧ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ** – ଆଜି ରୋହିଣୀ ନକ୍ଷତ୍ର ଖୁସୀ ମନରେ କାମ କରିବାରେ ଶୁକ୍ର ସହାୟକ ହେବେ। ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କାମ ଓ ପ୍ରବଚନାଦିରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ଆଳାପ ଆଲୋଚନାର ସୁଯୋଗ ଲାଭ କରିବେ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଏକ ପ୍ରକାର ହାଲୁକା ଅନୁଭବ କରିପାରନ୍ତି। ଆର୍ଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଅଭିଳାଷ ପୂରଣ କରିପାରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେବାରେ ନିକଟ ସମ୍ପର୍କୀୟମାନଙ୍କ ଅବଦାନ ରହିବ।

**କର୍କଟ** – କର୍ମକ୍ଷେତ୍ରରେ ମାନସିକ ଚାପ ବଢ଼ିବା ସଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ବଢ଼ିବ। ପୁନର୍ବସୁ ନକ୍ଷତ୍ର ସକାଶେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ସାହାଯ୍ୟ କରିବ। ବାଣିଜ୍ୟ ଓ ପ୍ରଶାସନ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**ସିଂହ** – ସ୍ୱାସ୍ଥ୍ୟ ସମସ୍ୟା ଦୂରେଇଯିବ ଏବଂ ବନ୍ଧୁବର୍ଗ ଓ ସମ୍ପର୍କୀୟଙ୍କ ସହଯୋଗ ପାଇବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିପାରେ। ଶିଳ୍ପ, ବ୍ୟବସାୟରେ ପରୋକ୍ଷ ଶତ୍ରୁତା ଓ ପ୍ରତିବନ୍ଧକ ଯୋଗୁ ଟେନ୍‌ସନ ଲାଗି ରହିବ। ଆତ୍ମୀୟଙ୍କ ସହୃଦୟତାରୁ ପୂର୍ବାଫାଲଗୁନୀର ପାରିବାରିକ ଉନ୍ନତି ଖୁସି ଆଣିଦେବ।

**କନ୍ୟା** – ଆଜି ହସ୍ତା ନକ୍ଷତ୍ର ପାରିବାରିକ ଜୀବନରେ ମତାନ୍ତରଜନିତ ବିଶୃଙ୍ଖଳିତ ସ୍ଥିତି ଉପୁଜିପାରେ। ବନ୍ଧୁ ଗହଣରେ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସାମାଜିକ ସ୍ତରରେ ଖଳଲୋକଙ୍କ ମିଥ୍ୟାଭିଯୋଗ ମନକୁ ଭାରାକ୍ରାନ୍ତ କରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ।

**ତୁଳା** – ଆର୍ଥିକ ସ୍ଥିତି ଭଲ ରହିଲେ ମଧ କାମ ଗଡ୍‌ବଡ୍ ହେବାରୁ ଅସ୍ଥିରତା ଦେଖାଦେବ। ଚିତ୍ରା ନକ୍ଷତ୍ର ଯେମିତି କଲେ ମଧ ପରିବାରରେ ସମାଲୋଚନାର ପାତ୍ର ହେବେ। କୌଣସି କଥା ନ ବୁଝି ବନ୍ଧୁ କ୍ରୋଧ ପ୍ରକାଶ କରିପାରନ୍ତି। ଶୁକ୍ରଙ୍କ ଶୁଭ ସଂସ୍ଥାନ ହେତୁ କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ବିଛା** – ଅନୁରାଧା ନକ୍ଷତ୍ର କୌଣସି କ୍ଷେତ୍ରରେ ମଧ ଧୈର୍ଯ୍ୟ ହରାଇବାର ପରିସ୍ଥିତି ସୃଷ୍ଟି ହେବ ନାହିଁ। ସ୍ଥଗିତ ଥିବା ଅର୍ଥ ଓ ସମ୍ମାନ ପାଇବା ସହ ପ୍ରଶାସନିକ ସଫଳତା ମିଳିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆନୁଷ୍ଠାନିକ କ୍ଷେତ୍ର, ରାଜନୀତି, ପ୍ରଶାସନ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ** – ପୂର୍ବାଷାଢ଼ା ନକ୍ଷତ୍ରର ପାରିବାରିକ ଜୀବନ, ଲୋକ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ବନ୍ଧୁମିଳନ ଜନିତ ଆନନ୍ଦ ପ୍ରଦାନ କରିବ। ଛୋଟ ଦୋକାନୀ, ହୋଟେଲ କ୍ଷେତ୍ରରୁ ଲାଭବାନ ହେବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀଙ୍କ ସହ ଆଲୋଚନା କରିବା ଭଲ ହେବ।

**ମକର** – ବାହାର ଦୁନିଆରେ ଲୋକପ୍ରିୟତା ଶୀର୍ଷରେ ରହିଥିବା ସମୟରେ ପାରିବାରିକ କ୍ଷେତ୍ରରେ ଓଲଟା ପ୍ରତିଛବି ଦେଖିବାକୁ ପାଇବେ। ଧନିଷ୍ଠା ନକ୍ଷତ୍ରର ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରିବ। ଅବହେଳାଜନିତ ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେ କରିପାରନ୍ତି। ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ।

**କୁମ୍ଭ** – ବିଭିନ୍ନ ବିବାଦୀୟ ବିଷୟ ଅନୁଶୀଳନ କରି ମନ ଭାରାକ୍ରାନ୍ତ ରହିବ। ସବୁ ସମୟରେ ମିଶୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ସନ୍ଦେହଜନକ ଦୃଷ୍ଟିରେ ଦେଖି ପାରନ୍ତି। ପ୍ରଶାସନିକ କ୍ଷେତ୍ର, ଆଇନଅଦାଲତ ଓ ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶତଭିଷା ନକ୍ଷତ୍ର କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଆନୁଷଙ୍ଗିକ ସାହାଯ୍ୟ ପାଇବେ।

**ମୀନ** – କେତେକ ଅସମାହିତ କାମକୁ ସମ୍ପନ୍ନ କରିବାରେ କୂଟନୀତି ପ୍ରୟୋଗ କରିବାକୁ ପଡ଼ିପାରେ। ରେବତୀ ନକ୍ଷତ୍ରର ବିଳାସବ୍ୟସନ ଦିଗକୁ ମନ ଢଳିବ କିନ୍ତୁ ସମସ୍ୟା ବିଜଡିତ ରହିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ଓ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୩ ତାରିଖ, ବିଶ୍ୱ ପୁସ୍ତକ ଦିବସ, କପି ରାଇଟ୍ ଦିବସ, ଇଂଲିଶ ଭାଷା ଦିବସ, ବୈଶାଖ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର– ଦିବା ଘ.୧୨.୦୬ମି. ଗତେ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଦେବତା ଗଠନ, ବାଣିଜ୍ୟକରଣ, ଗୃହପ୍ରବେଶ, ବିଦ୍ୟାରମ୍ଭ, ନବବଧୂଯାତ୍ରା ସକାଶେ ଶୁଭଦିନ। ଦିବା ଘ.୦୫.୨୬ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଖରସ୍ରୋତାରେ ନିଖୋଜ ନାବାଳକଙ୍କ ମୃତଦେହ ମିଳିଲା

ବିଞ୍ଝାରପୁର,୨୨।୪(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ସଂଲଗ୍ନ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ସୋମବାର ନିଖୋଜ ହୋଇଥିବା ଜଣେ ୧୩ ବର୍ଷୀୟ ନାବାଳକଙ୍କ ମୃତଦେହ ସନ୍ଧ୍ୟାରେ ମିଳିଛି। ମୃତକ ହେଲେ ବିଞ୍ଝାରପୁର ଥାନା କପିଳା ପଞ୍ଚାୟତ ଗାଁସ-ଗୁହାଳୀ ଗାଁର ପ୍ରତାପ ମଲ୍ଲିକଙ୍କ ବଡ଼ପୁଅ ପ୍ରସାଦ ମଲ୍ଲିକ(୧୩)। ମଙ୍ଗଳବାର ଶୋକାକୁଳ ପରିବେଶରେ ନିଜ ଗାଁରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ସେ ଜରିସ୍ଥିତ ତାଙ୍କ ମାମୁଘରକୁ ଗତ ଦୁଇଦିନ ହେବ ବୁଲିବାକୁ ଆସିଥିଲେ। ଅନ୍ୟ ଦୁଇ ସାଙ୍ଗଙ୍କ ସହ ପୂର୍ବାହ୍ନରେ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ପ୍ରସାଦଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହୋଇଯିବାରୁ ଅଗ୍ନିଶମ ବାହିନୀ ଫେରିଯାଇଥିଲେ। ପରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ନଦୀକୁ ମାଛ ଧରିବା ପାଇଁ ଯାଇଥିଲାବେଳେ ସେମାନଙ୍କ ଜାଲରେ ପ୍ରସାଦଙ୍କ ମୃତଦେହ ଲାଗିଥିଲା। ଖବର ପାଇ ଜରି ଫାଣ୍ଡି ଅଧିକାରୀ ଇନ୍ଦ୍ରମଣି ଜୁଆଙ୍ଗ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୯/୨୫ ରୁଜୁ ହୋଇଛି।

### ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ ଦାବି

ଧର୍ମଶାଳା,୨୨।୪(ବଟକୃଷ୍ଣ ପରିଡ଼ା): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ଆବଶ୍ୟକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲିବା ପାଇଁ ଧର୍ମଶାଳା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କିଷାନ ପଣ୍ଡା ଦାବି କରିଛନ୍ତି। ବ୍ଲକ ଅଞ୍ଚଳରେ ମଙ୍ଗଳବାର ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିଛି। ଫଳରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ଯାଏ ରାସ୍ତାରେ ଅଧିକାଂଶ ଯାତାୟାତ ବନ୍ଦ ହୋଇଯାଇଥିଲା। ବ୍ଲକର ୪୫ ପଞ୍ଚାୟତର ୨/୩ଟି ସ୍ଥାନରେ ଜଳଛତ୍ର ଖୋଲିବାର ଆବଶ୍ୟକତା ଅଛି। ପୂର୍ବ ବର୍ଷଗୁଡ଼ିକରେ ଅନେକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା। ଫଳରେ ପଥଚାରୀ ଜଳପାନ କରୁଥିଲେ। ଚଳିତ ବର୍ଷ କେତେକ ଅନୁଷ୍ଠାନ ଜଳଛତ୍ର ଖୋଲିଛନ୍ତି। ମାତ୍ର ଅନେକ ପଞ୍ଚାୟତ ଜଳଛତ୍ର ଖୋଲି ନ ଥିବା ପଣ୍ଡା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବା ପାଇଁ ବ୍ଲକ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଅନେକ ପଞ୍ଚାୟତ ଜଳଛତ୍ର ଖୋଲି ନ ଥିବାରୁ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

# ଗ୍ରାମ୍ୟ ରାସ୍ତା ମରାମତି ନାଁରେ ହେରଫେର

**ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ**
- ୨୦୨୫-୨୬ ପାଇଁ ୧୬ କୋଟି ଟଙ୍କା ପ୍ରସ୍ତାବ

ଯାଜପୁର,୨୨।୪(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ବିଗତ ବର୍ଷଗୁଡିକରେ ବାର୍ଷିକ, ସାମୟିକ, ରୁଟିନ ଏବଂ ସୋସିଆଲ ମରାମତି ନାମରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ପ୍ରାରମ୍ଭରୁ ରାସ୍ତା ନିର୍ମାଣ ନିମ୍ନମାନର ଯୋଗୁ ତାହା ୬ ମାସ ମଧ୍ୟରେ ଦବିଯାଉଛି କିମ୍ବା ସ୍ଥାନେ ସ୍ଥାନେ ଫାଟି ଯାଉଥିବା ଅଭିଯୋଗ ହୋଇ ଆସୁଛି। ଏହାସହ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ମରାମତି ହେଉଥିଲେ ହେଁ ରାସ୍ତା କମ୍ ସମୟ ମଧ୍ୟରେ ବିପର୍ଯ୍ୟସ୍ତ ହୋଇଯାଉଛି। ଏମିତିକି କେତେକ ସ୍ଥାନରେ ରାସ୍ତା ଅବସ୍ଥା ଠିକ୍ ଥିଲେ ବି ମରାମତି ନାଁରେ ଅର୍ଥ ମଞ୍ଜୁର କରାଯାଉଥିବା ଅଭିଯୋଗ ହେଉଛି। ଏଭଳିସ୍ଥଳେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ବିଭିନ୍ନ ମରାମତି ନାମରେ ୧୬ କୋଟି ୭୩ ଲକ୍ଷ ଟଙ୍କା ପ୍ରସ୍ତାବ ଦିଆଯାଇଛି। ତେଣୁ ମରାମତି କାର୍ଯ୍ୟ ସହ ନୂତନ ରାସ୍ତା ନିର୍ମାଣରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଗ୍ରାମାଞ୍ଚଳବାସୀ ଦାବି କରିଛନ୍ତି।

ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ଼ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ସୁଦୃଢ଼ ରାସ୍ତା ନିର୍ମାଣରେ ସ୍ଥାନୀୟ ନେତୃବର୍ଗଙ୍କ ଅନାଗ୍ରହ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ବ୍ୟାପକ ହରିଲୁଟ ହେଉଛି। କେତେକ ସ୍ଥଳେ ରାଜନୈତିକ କର୍ମୀଙ୍କୁ ପୋଷିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଅର୍ଥକୁ ମାଧ୍ୟମ କରାଯାଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗ ଜରିଆରେ ହେଉଥିବା ରାସ୍ତା କାର୍ଯ୍ୟକୁ ଅବଲୋକନ କଲେ, ଏହା ଜଳଜଳ ହୋଇ ଦିଶୁଛି। ଗତ ୫ ବର୍ଷ ମଧ୍ୟରେ ଏହି ବିଭାଜନ ଅଧୀନରେ ପିଏମ୍‌ଜିଏସ୍‌ୱାଇ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ), ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆର୍‌ଆଇଡିଏଫ୍) ଓ ନିଜସ୍ୱ ପାଣ୍ଠିରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ସେହି ରାସ୍ତାଗୁଡ଼ିକ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି।


ଦଶରଥପୁର ବ୍ଲକ୍ ଅଞ୍ଚଳରେ ଥିବା ରାସ୍ତା।

ଏହିକ୍ରମରେ ବିଭାଗ ପକ୍ଷରୁ ୬୦ଟି ରାସ୍ତା ପ୍ରକଳ୍ପର ମରାମତି କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ଦଶରଥପୁର ବ୍ଲକର ସୁସୁଆଠାରୁ ଈଶ୍ୱରପୁର ରାସ୍ତା ମରାମତି କରିବାକୁ ୧୭ ଲକ୍ଷ, ଆରଡି ରାସ୍ତାଠାରୁ ଧୋବାବିଲ ରାସ୍ତା ପାଇଁ ୧୮ ଲକ୍ଷ, ଚିତାଲୋ-ତନ୍ତରା-କୁରୁଳି ରାସ୍ତା ୧୬ ଲକ୍ଷ, ଆର୍ ଆଣ୍ଡ୍ ବି ରାସ୍ତାଠାରୁ ମାଧପୁର ରାସ୍ତା ପାଇଁ ୧୮ ଲକ୍ଷ, ଆର୍ ଆଣ୍ଡ୍ ବି ରାସ୍ତାଠାରୁ ରାମପୁର ଭାୟା କୋଟପୁର ପାଇଁ ୧୭ ଲକ୍ଷ ଟଙ୍କା, ବିଞ୍ଝାରପୁର ବ୍ଲକର ଉଠାଜଳସେଚନ ପ୍ରକଳ୍ପଠାରୁ ଖରସ୍ରୋତା ନଦୀବନ୍ଧ ରାସ୍ତା ପାଇଁ ୧୫ ଲକ୍ଷ ଭଳି ଅନେକ ପ୍ରସ୍ତାବ ଦିଆଯାଇଛି। ତେବେ ଅତୀତରେ କାଁ ଭାଁ ମରାମତି କରାଯାଇ ଆବଣ୍ଟିତ ଅର୍ଥର ସିଂହଭାଗକୁ ମିଥ୍ୟା ବିଲ୍ ଜରିଆରେ ହଡ଼ପ ହୋଇଥିବା ଅଭିଯୋଗ ହେଉଛି। ଫଳରେ ଗ୍ରାମ୍ୟ ରାସ୍ତା ଯେଉଁଭଳି ଭାବେ ନିର୍ମାଣ ହେବା କଥା ତାହା ହୋଇପାରୁନାହିଁ। ଏହିସବୁ ରାସ୍ତାରେ ଏବେ ବି ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ରାସ୍ତା ସଙ୍କୁଚିତ ହେଉଥିବା ଦେଖିବାକୁ ମିଳିଛି। କଂକ୍ରିଟ ରାସ୍ତାଗୁଡ଼ିକ ମଝିରେ ଫାଟ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଭାରପ୍ରାପ୍ତ ଗ୍ରାମ୍ୟ ନିର୍ମାଣର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ଛାତ୍ରୀ ବଳାତ୍କାରୀଙ୍କୁ ୩୦ ବର୍ଷ ଜେଲ

ଯାଜପୁର ଟାଉନ,୨୨।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ୭ମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀଙ୍କୁ ୩୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଦେଇଛନ୍ତି। ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଟାଉନ ଥାନା କୋଦଣ୍ଡପୁର ଅଞ୍ଚଳର ବଳରାମ ରଣା ତାଙ୍କ ଅଟୋରେ ସମ୍ପୃକ୍ତ ୭ମ ଶ୍ରେଣୀ ସଂଖ୍ୟାଲଘୁ ଛାତ୍ରୀଙ୍କୁ ପ୍ରତିଦିନ ସ୍କୁଲ ଓ ଟ୍ୟୁସନକୁ ନେବା ଆଣିବା କରୁଥିଲେ। ୨୦୨୪ ମାର୍ଚ୍ଚ ୧୮ରେ ବଳରାମ ଛାତ୍ରୀଙ୍କୁ ଅପହରଣ କରି ନେଇଥିଲେ। ଏନେଇ ଛାତ୍ରୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ.୧୨୪/୨୪ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଳରାମ ଛାତ୍ରୀଙ୍କୁ ପ୍ରଥମେ ଭଦ୍ରକ ଓ ପରେ ବାଲେଶ୍ୱର, ଦୀଘା, କୋଲକାତା ଆଦି ସ୍ଥାନରେ ରଖି ବାରମ୍ବାର ବଳାତ୍କାର କରିଥିଲେ।



ଏହାପରେ ଛାତ୍ରୀଙ୍କୁ ବରଗଡ଼ ଜିଲାର ଏକ ହୋଟେଲରେ ନେଇ ରଖି ଏକ ସଂସ୍ଥାରେ ଶ୍ରମିକ ଭାବେ କାମ କରିବାକୁ ଯାଉଥିଲେ। ହୋଟେଲ ମାଲିକଙ୍କ ସନ୍ଦେହ ହେବାରୁ ସେ ସୋସିଆଲ ମିଡିଆରେ ଏହାକୁ ପ୍ରକାଶ କରିଥିଲେ। ଯାଜପୁର ପୋଲିସ ଏହି ଖବର ପାଇବା ସହ ଛାତ୍ରୀଙ୍କ ମା' ମଧ୍ୟ ସୋସିଆଲ ମିଡିଆରେ ପ୍ରକାଶ ହୋଇଥିବା ତାଙ୍କ ଝିଅଙ୍କ ଫଟୋ ଚିହ୍ନଟ କରିଥିଲେ। ପରେ ଯାଜପୁର ପୋଲିସ ବରଗଡ଼ରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ୧୫ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ୍ ପବ୍ଲିକ ପ୍ରସିକ୍ୟୁଟର ରାଜୀବ କୁମାର ମହାନ୍ତି ପରିଚାଳନା କରୁଥିଲେ।

# ବିଶ୍ୱ ଧରିତ୍ରୀ ଦିବସରେ ସଚେତନତା


ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ସିଂହପୁର,୨୨।୪(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କଲେଜ ଛକ ନିକଟରେ ଅବସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ମଙ୍ଗଳବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ନରୋତ୍ତମ ନାୟକଙ୍କ ତତ୍ତ୍ୱାବଧାନରେ ସ୍କୁଲ ଅଧ୍ୟକ୍ଷା ସୁନିତା ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ପ୍ଲାକାର୍ଡଧରି ସ୍କୁଲ୍ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସିଂହପୁର ବଜାରରେ ପହଞ୍ଚି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବଜାରରେ ଏକ ପଥପ୍ରାନ୍ତ ସଭା କରି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିକ୍ରମ କେଶରୀ ଧଳ, ପ୍ରଦୀପ କୁମାର ନାୟକ, ଶୁଭ୍ରଜିତ ଜେନା, ଶଶିକାନ୍ତ ପାତ୍ର, ଶିକ୍ଷକ କାମଦେବ ଜେନା, ତାରାକାନ୍ତ ସାମଲ, ଶିକ୍ଷୟିତ୍ରୀ କଲ୍ୟାଣୀ ଜେନା, ସବିତା ଆଚାର୍ଯ୍ୟ, ବନସ୍ମିତା ପରିଡ଼ା, ଲକ୍ଷ୍ମୀପ୍ରିୟା ଜେନା, ସ୍ୱାଗତିକା ସାମଲ, ସରିତା ପଣ୍ଡା, ବନଜା ପଣ୍ଡା, ନିରୁପମା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାଛୁରୀ ଛାଡ଼ିବାକୁ ଯାଇ ମହିଳା ନିଖୋଜ

ଧର୍ମଶାଳା,୨୨।୪(ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଗଡ଼ମଧୁପୁର ପଞ୍ଚାୟତ ଭୁବନପୁର ଗ୍ରାମର ଜଣେ ବୃଦ୍ଧା ଘର ନିକଟ ବିଲ ପାଟକୁ ବାଛୁରୀ ଛାଡ଼ିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ମହିଳା ହେଲେ ଗ୍ରାମର ସନାତନ ମିଶ୍ରଙ୍କ ସ୍ତ୍ରୀ ରୁକ୍ମିଣୀ ମିଶ୍ର(୭୮)। ମଙ୍ଗଳବାର ସକାଳ ୯ଟାରେ ରୁକ୍ମିଣୀ ବାଛୁରୀ ଛାଡ଼ିବାକୁ ଯାଇ ଫେରି ନ ଥିଲେ। ବିଳମ୍ବ ହେବାରୁ ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ। ଏହାପରେ ତାଙ୍କ ପରିବାର ଲୋକେ ଥାନାରେ ଆଶ୍ରୟ ନେଇଥିଲେ। ପୋଲିସ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଅପରାହ୍ନ ୫ଟା ଯାଏ ଖୋଜାଖୋଜି କରିଥିଲେ ମଧ୍ୟ ମହିଳାଙ୍କ ପତ୍ତା ପାଇ ନ ଥିଲା। ସେହିପରି ଧର୍ମଶାଳା ଦମକଳବାହିନୀ ପକ୍ଷରୁ ନିକଟ ପୋଖରୀ ଓ ଜଳାଶ୍ରୟରେ ଖୋଜାଖୋଜି କରାଯାଇଥିଲେ ବି ବୃଦ୍ଧାଙ୍କ ପତ୍ତା ମିଳିପାରିନାହିଁ।


# ପଞ୍ଚମୁଖୀ ହନୁମାନ ବିଗ୍ରହ ପ୍ରତିଷ୍ଠା

ବିଞ୍ଝାରପୁର,୨୨।୪ (ରାମକୃଷ୍ଣ ଦାସ):



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ବଣିଆପାଳ ଗ୍ରାମରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅତିଥିଭାବେ ଚନ୍ଦ୍ରଶେଖର ଧଳ, ପଦ୍ମାକର ଗୁରୁ, ବବିତା ମଲ୍ଲିକ, ରବୀନ୍ଦ୍ର ପରିଡ଼ା, କାର୍ତ୍ତିକ ଚନ୍ଦ୍ର ଧଳ, କିଶୋର ଚନ୍ଦ୍ର ଦାସ, ସ୍ମୃତି ରଞ୍ଜନ ସାହୁ, ସରୋଜ ନାୟକ, ଧନେଶ୍ୱର ନାୟକ, ପ୍ରକାଶ ସାମଲ, ଅମିୟ ଧଳ ଓ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ମନ୍ଦିର କମିଟି ସଭାପତି ବିଜନ ଦାସ, ଉପସଭାପତି ନାରାୟଣ ଧଳ, ସମ୍ପାଦକ ପାଣ୍ଡବ ଦାସ, ଗୋଲଖ ସାମଲ, ଅକ୍ଷୟ ଧଳ ଓ ଧର୍ମେନ୍ଦ୍ର ଦାସ ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏହି ମନ୍ଦିର ନିର୍ମାଣ କରାଯିବା ସହ ବିଗ୍ରହ ପ୍ରତିଷ୍ଠା କରାଯାଇଛି।

# ଗୋଚର ଜମିରେ ବେଆଇନ ପଥରଗୁଣ୍ଡ ଗଚ୍ଛିତ


ଗୋଚର ଜମିରେ ଜମା ହୋଇଥିବା କ୍ରଶର ଗୁଣ୍ଡ।

**ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି**

ବରୀ,୨୨।୪(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅନ୍ତର୍ଗତ ବାଲିବିଲ ପଞ୍ଚାୟତ କୋରଡ଼ା ପିପଲ ଗ୍ରାମର ଗୋଚର ଜମି ଓ ବାଇଁଶିରିଆଠାରେ ଗୋଚର ଜମିରେ ଶହଶହ ଟ୍ରିପ୍ ପଥର ଗୁଣ୍ଡ ବେଆଇନ ଭାବେ ଗଚ୍ଛିତ କରି ରଖାଯାଇଛି। ଫଳରେ ଗୋରୁ ଚରିବାରେ ଅସୁବିଧା ହେଉଛି। ହେଲେ ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ ତହସିଲ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି।

ଗୋଚର ଜମି ଗୃହପାଳିତ ପ୍ରାଣୀଙ୍କ ବିଚରଣ ପାଇଁ ଉଦ୍ଦିଷ୍ଟ। ଏଥିରେ କୌଣସି କାର୍ଯ୍ୟ କରାଯିବ ନାହିଁ କିମ୍ବା କେହି ଏହାକୁ ଜବରଦଖଲ କରିବାର ନିୟମ ନାହିଁ। ମାତ୍ର ଏହି ଅଞ୍ଚଳର ବିଭିନ୍ନ ବିଭାଗର ରାସ୍ତା କାର୍ଯ୍ୟ ପାଇଁ ପଥର ଗୁଣ୍ଡ(କ୍ରଶର ଡଷ୍ଟ) ଗଚ୍ଛିତ ରହିବା ଯୋଗୁ ଏଠାରେ ଭବିଷ୍ୟତରେ ଘାସ ନ ଉଠିବାର ସମ୍ଭାବନା ରହିଛି। ପ୍ରଶାସନିକ ଅଧିକାରୀ ବେଆଇନଭାବେ ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଭାବେ ବାଲିକୁ ଜବତ କରି କେତେକ ସ୍ଥାନରେ ସର୍ବସାଧାରଣରେ ନିଲାମ କରୁଛନ୍ତି ଓ ବେଆଇନ ବାଲି ପରିବହନ କରୁଥିବା ଟ୍ରାକ୍ଟର ମାଲିକଙ୍କଠାରୁ ଜରିମାନା ଆଦାୟ କରୁଛନ୍ତି। କିନ୍ତୁ ବେଆଇନ ଭାବେ ଗଚ୍ଛିତ ଥିବା ପଥର ଗୁଣ୍ଡ ଉଠାଇବାକୁ ଅଭିଯୋଗ ପରେବି ପ୍ରଶାସନିକ ଅଧିକାରୀ ଗଚ୍ଛିତ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର କଲ୍ଲୋଳ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି,ଏ ଦିଗରେ ପଦକ୍ଷେପ ନିଆଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ପଦକ୍ଷେପ ନିଆଯାଉଛି।

# ବିଜେଡିକୁ କାଉଣ୍ଟର କଲା ଭାଜପା

**ବିଜେଡି ସମୟରେ ମୋରମ, ବାଲି ଖାଦାନ ଲିଜ୍ ଦିଆଯାଇଛି: ଭାଜପା**

ଚଣ୍ଡିଖୋଲ,୨୨।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀରେ ଥିବା ମାଣ୍ଡୁକା ମୋରମ ଖାଦାନ ଓ ବିରୂପା ନଦୀର ରାମଦାସପୁର ୧ ଓ ୨ ବାଲି ଖାଦାନ ୨୦୨୧ ମାର୍ଚ୍ଚରେ ଲିଜ ଦିଆଯାଇଛି। ସେତେବେଳେ ବିଜେଡି ସରକାରରେ ଥିଲା। ଭାଜପା ମାତ୍ର ୧୦ ମାସ ହେଲା ସରକାରକୁ ଆସିଛି। ଦୀର୍ଘ ବର୍ଷ ଧରି ବିଜେଡି ନେତାମାନେ ଲୁଟି ଖାଉଥିବାବେଳେ ସେମାନେ ଅଯଥା ଭୁଲ ତଥ୍ୟ ପ୍ରଦାନ କରି ଲୋକଙ୍କୁ ବିଭ୍ରାନ୍ତି କରିବା ପାଇଁ ଚେଷ୍ଟା କରୁଛନ୍ତି। ମଙ୍ଗଳବାର ଚଣ୍ଡିଖୋଲ ଡାକବଙ୍ଗଳା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ବଡ଼ଚଣାର ଭାଜପା ନେତାମାନେ ବିଜେଡିକୁ କାଉଣ୍ଟର କରିଛନ୍ତି। ଭାଜପା ଯାଜପୁର ଜିଲା ସମ୍ପାଦକ ପ୍ରମୋଦ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବଡ଼ଚଣା ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ଛତିଆ ମଣ୍ଡଳ ପୂର୍ବତନ ସଭାପତି ବିକାଶ ମହାପାତ୍ର, ରାଜ୍ୟ ପରିଷଦ ସଭ୍ୟ ନାରାୟଣ ସାମଲ ଓ ଛତିଆ ମଣ୍ଡଳ ସଭାପତି ବିଶ୍ୱଜିତ ସାମଲ ପ୍ରମୁଖ ଉପସ୍ଥିତ ରହି ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଚଣ୍ଡିଖୋଲଠାରେ ବସ ଷ୍ଟାଣ୍ଡ ଓ ଏସ୍‌ଡିପିଓ କାର୍ଯ୍ୟାଳୟ ନିର୍ମାଣ ନିମିତ୍ତ ଜମି ଆବଶ୍ୟକ ରହିଛି। ଏଠାରେ ୫ ଏକର ଜମିର ଆବଶ୍ୟକତା ଥିବାବେଳେ ରାଜୀବ ମେମୋରିଆଲ ନାମରେ ଦେଢ଼ ଏକର ଜମି ଓ ଆରଟିଓ ଅଫିସ ନିକଟରେ ଆଞ୍ଚଳିକ ଯୁବ ପରିଷଦ ନାମରେ ୧ ଏକର ସରକାରୀ ଜମି ବିଜେଡି ନେତାମାନେ ମାଡି ବସିଛନ୍ତି। ଖାଲି ଜମି ମାଡି ବସିନାହାନ୍ତି, ସେହି ଜମିରେ ସରକାରୀ ଅର୍ଥରେ ଘର କରି ଜବରଦଖଲ କରିଛନ୍ତି। ଜଣେ ନେତା ଖଇରା ପଞ୍ଚାୟତରେ ପୋଖରୀ ଖନନ ନାମରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ବିଜେଡି ୨୪ ବର୍ଷ ସରକାରରେ ଥିବା ବେଳେ ବିପୁଳ ଟଙ୍କାର ଦୁର୍ନୀତି ହୋଇଛି। ଖୁବ୍‌ଶୀଘ୍ର ଏହାର ଗୁମର ଖୋଲାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ନିଜେ ଲୁଟ କରିଥିବା ଟଙ୍କା ସମ୍ପର୍କରେ ବିଜେଡି ନେତା ସୂଚନା ନ ଦେଇ ବଡ଼ଚଣାକୁ ବିକାଶ ପଥରେ ଆଗେଇ ନେବାକୁ ଚେଷ୍ଟା କରୁଥିବା ବିଧାୟକ ଅମର କୁମାର ନାୟକଙ୍କୁ ବଦନାମ କରିବାକୁ ଅପଚେଷ୍ଟା କରୁଛନ୍ତି। ଏହାକୁ ଗ୍ରହଣ କରାଯିବ ନାହିଁ ବୋଲି ଭାଜପା ନେତାମାନେ ଉକ୍ତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା ନେତାମାନେ।

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା - ଯେକୌଣସି ଡିଗ୍ରୀ, ଅଭିଜ୍ଞତା - ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ - ୯୮୬୬୫୩୪୮୮୮, ୭୩୨୫୯୭୧୮୯୯

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲ୍ଡ଼ର ଆବଶ୍ୟକ ।
Salary-12k to 17k
ଖାଇବା ରହିବା ସୁବିଧା ଅଛି ।
Contact - 9124614403

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
**WANTED**

| POSITION | ELIGIBILITY | LOCATION |
|---|---|---|
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

କୁଜଙ୍ଗ, ୨୨।୪(ମନୋଜ ପ୍ରଧାନ)


ଧାରଣାରେ ବସିଥିବା ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ନିର୍ବାଚିତ ପ୍ରତିନିଧିମାନେ।

ଏରସମା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିତୁଠରେ ମଙ୍ଗଳବାର ଛାତ୍ରୀଛାତ୍ର, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ନିର୍ବାଚିତ ଲୋକପ୍ରତିନିଧିମାନେ ଧାରଣାରେ ବସିଛନ୍ତି। ଏହି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବଦଳିର ବାତିଲ ଦାବିରେ ସେମାନେ ଧାରଣାରେ ବସିଥିବା ଜଣାପଡ଼ିଛି।
ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ବର୍ତ୍ତମାନ ୨୨୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ଉପସ୍ଥାନ ଅନୁଯାୟୀ ଏଠାରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତରେ ୨ ଜଣ ଶିକ୍ଷକ ରହିବା କଥା। ଏହି ବିଦ୍ୟାଳୟରେ ମଧ୍ୟ ଉକ୍ତ ପାଠ୍ୟକ୍ରମ ପାଇଁ ୨ଟି ଶିକ୍ଷକ ପଦବୀ ଥିଲେ ମଧ୍ୟ ସେଥିରୁ ଗୋଟିଏ ପଦବୀ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲିପଡ଼ିଛି। ଅପରପକ୍ଷେ ୨ୟ ପଦବୀରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ ଆଶାଲତା ବେହେରାଙ୍କୁ ଡେପୁଟେଶନରେ ବଦଳି କରାଯାଇଛି। ଏଥିଯୋଗୁ ଛାତ୍ରୀଛାତ୍ରମାନେ ଗଣିତ ଓ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା କରି ମଙ୍ଗଳବାର ସକାଳେ ଧାରଣା ଦେଇଥିଲେ। ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା, ସଦସ୍ୟମାନେ ଏହାକୁ ସମର୍ଥନ କରି ବିଦ୍ୟାଳୟ ଫାଟକରେ ତାଲା ଝୁଲାଇ ଧାରଣାରେ ସାମିଲ ହୋଇଥିଲେ। ପ୍ରାୟ ଦୁଇଘଣ୍ଟା ପରେ ଏରସମା ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ ଘଟଣା ସ୍ଥଳରେ ପହଞ୍ଚି ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସେ ଏଠାକୁ ଆସିଥିବା ଦର୍ଶାଇ ଛାତ୍ରୀଛାତ୍ରଙ୍କୁ ଧାରଣାରୁ ଓହରି ଶ୍ରେଣୀଗୃହକୁ ଯିବାକୁ କହିଥିଲେ। ମାତ୍ର ଛାତ୍ରୀଛାତ୍ରମାନେ ଜିଦ୍‌ରେ ଅଟଳ ରହିବାରୁ ସହକାରୀ ଶିକ୍ଷାଧିକାରୀ ନାୟକ ବାଧ ହୋଇ ଫେରିଯାଇଥିଲେ। ଅପରପକ୍ଷେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପାଠ ପଢ଼ାରେ ଯୋଗଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବିଭ୍ରାଟ ସୃଷ୍ଟି ନ କରି ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବାକୁ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ ପରିଡା, ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତ, ଦେବଦତ୍ତ ସାମନ୍ତରାୟ, ରମାକାନ୍ତ ପରିଡା, ବିକାଶ କୁମାର ପରିଡ଼ା, ପରିକ୍ଷିତ ଦାସ, ରବୀନ୍ଦ୍ର କୁମାର ବେହେରା, ପ୍ରଭାତ କୁମାର ଦାଶ, ଜ୍ୟୋସ୍ନାରାଣୀ ବେଜ ଓ ପ୍ରତିମା ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।
ଉକ୍ତ ବିଦ୍ୟାଳୟରେ ତୃତୀୟ ଭାଷା ହିନ୍ଦୀ ପାଠ୍ୟକ୍ରମରେ ୧୦୦ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ଦୁଇ ବର୍ଷରୁ ହେବ ହିନ୍ଦୀ ଶିକ୍ଷକଙ୍କ ଅବସର ପରେ ଏଠାରେ ହିନ୍ଦୀ ଶିକ୍ଷକ ପଦବୀ ପୂରଣ ନ ହେବାରୁ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଗଣିତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବୁଧବାର ପୁନର୍ବାର ଫାଟକ ବନ୍ଦ କରି ଧାରଣା ଦିଆଯିବ ବୋଲି ପରିଚାଳନା କମିଟି ସଭ୍ୟ ରମାକାନ୍ତ ପରିଡ଼ା କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଆଶାଲତାଙ୍କ ବଦଳରେ ଜଣେ ଗଣିତ ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

**ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିତୁଠ**
- ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି
- ୨ଟି ପଦବୀରୁ ଗୋଟିଏ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟହେବ ଖାଲିପଡ଼ିଛି
- ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଦେବାକୁ ଚେତାବନୀ

# ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ


ପାନୀୟ ଜଳ ପ୍ରକଳ୍ପକୁ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଉଦ୍‌ଘାଟନ କରୁଛନ୍ତି।

କୁଜଙ୍ଗ,୨୨।୪(ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବିଜିପୁର ଗ୍ରାମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପକୁ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଉଦ୍‌ଘାଟନ କରିଛନ୍ତି। ଉକ୍ତ ପ୍ରକଳ୍ପର ପରିଚାଳନା ଦାୟିତ୍ୱ ୬ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇଛି। ବାଲିତୁଠ ପଞ୍ଚାୟତ ସିଆରପି ଶାନ୍ତିଲତା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ଜେନା କହିଥିଲେ ଜଳ ହିଁ ଜୀବନ। ଉକ୍ତ ପଞ୍ଚାୟତଟି ସମୁଦ୍ରତଟ ନିକଟରେ ହୋଇଥିବାରୁ ଏଠାରେ ଭୂତଳ ଜଳ ଲବଣାକ୍ତ। ଏନେଇ ବ୍ଲକ ତରଫରୁ ପୂର୍ବରୁ ଟ୍ୟାଙ୍କର ଯୋଗେ ଏଠାରେ ପାଣି ଯୋଗାଇ ଦିଆଯାଇଥିଲା। ଏହି ପ୍ରକଳ୍ପ ଯୋଗୁ ଏଠାରେ ପାନୀୟ ଜଳ ସମସ୍ୟା ଦୂର ହେବା ସହ ମହିଳାମାନେ ଉକ୍ତ ପ୍ରକଳ୍ପର ଦାୟିତ୍ୱ ନେଇ ସ୍ୱଳ୍ପ ମୂଲ୍ୟରେ ଜଳ ଯୋଗାଇ ଦେବେ। ଫଳରେ ସେମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ବିଧାୟକ କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡ଼ା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ବିପିଏମ୍ ଅମିତା ସ୍ୱାଇଁ, ସାମାଜିକ କର୍ମୀ ପ୍ରକାଶ ପରିଡ଼ା, ପୂର୍ବତନ ସରପଞ୍ଚ ସଞ୍ଜୟ ମହାନ୍ତି, ଜ୍ଞାନ ରଞ୍ଜନ ବାରିକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବିଷ୍ଣୁପ୍ରିୟା ମଲ୍ଲ ଓ ସସ୍ମିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ସେବା ଛାତ୍ର ଜୀବନର ପରମ ଧର୍ମ

## ଏନ୍ଏସ୍ଏସ୍ ପକ୍ଷରୁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ


ଏନ୍‌ଏସ୍‌ଏସ୍ ପକ୍ଷରୁ ଅଂଶୁଘାତ ସଚେତନତା ଓ ଦହିବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

ରଘୁନାଥପୁର,୨୨।୪(ରାଜେନ୍ଦ୍ର ନାରାୟଣ ସିଂହ)

କାଉନ୍‌ସିଲ ଅଫ ହାୟର ସେକେଣ୍ଡାରୀ ଏଜୁକେଶନ ଆନୁକୂଲ୍ୟରେ ରଘୁନାଥପୁର ବ୍ଲକ କୁର୍ଭାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିଅର କଲେଜ ଏନଏସ୍‌ଏସ୍ (ଜାତୀୟ ସେବା ଯୋଜନା)ଜରିଆରେ କଲେଜ ମୁଖ୍ୟ ଫାଟକ ନିକଟରେ ଅଂଶୁଘାତ ସଚେତନତା ଓ ଦହିବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ସାହୁ ତାଙ୍କ ବକ୍ତବ୍ୟରେ ସେବା ଛାତ୍ର ଜୀବନର ପରମ ଧର୍ମ ବୋଲି ପ୍ରକାଶ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପରେ କୌଣସି ବ୍ୟକ୍ତିଙ୍କୁ ଅଂଶୁଘାତ ହେଲେ ତାଙ୍କୁ କିପରି ପ୍ରାଥମିକ ଉପଚାର କରିବା ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ଚିକିତ୍ସା ଉପଲବ୍ଧ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ସରପଞ୍ଚ ସାହୁ ଏନ୍‌ଏସ୍‌ଏସ୍ ଶିବିରାର୍ଥୀଙ୍କୁ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦ ସଭା ପରିଚାଳନା, ଅଧ୍ୟାପକ ଅଭୟ ମହାରଣା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ସ୍ମାରକ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏନ୍‌ଏସଏସ ଶିବିରାର୍ଥୀମାନେ ବାଟୋଇଙ୍କୁ ମୁଣ୍ଡରେ ଓଦା ଲୁଗା ପକେଇବା, ଛତା ବ୍ୟବହାର କରିବା, ପ୍ରଚୁର ମାତ୍ରାରେ ତୋରାଣି, ପାଣି ପିଇବା ଏବଂ ପ୍ରବଳ ଖରାରେ କାର୍ଯ୍ୟ ନ କରିବା ପାଇଁ ସଚେତନ କରିବା ସହ ସେମାନଙ୍କୁ ଦହି ବଣ୍ଟନ କରିଥିଲେ।

# ପୃଥିବୀ ଦିବସ-୨୦୨୫: ଶକ୍ତି ସଂରକ୍ଷଣକୁ ଗୁରୁତ୍ୱ

ନାଉଗାଁ,୨୨।୪(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଜାମୁଗାଁସ୍ଥିତ ସରକାରୀ ପଲିଟେକ୍‌ନିକ କଲେଜ ପରିସରରେ କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେଶନ ମିଳିତ ଆନୁକୂଲ୍ୟରେ ପୃଥିବୀ ଦିବସ-୨୦୨୫ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷା କଳ୍ପନା ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଟ୍ରଷ୍ଟର ପ୍ରତିଷ୍ଠାତା ନୀହାର ରଞ୍ଜନ ଆଚାର୍ଯ୍ୟ, ବିଶିଷ୍ଟ ପରିବେଶବିତ୍ ଡ. ହେମନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ସୁଧାମୟୀ ବେହୁରା ପ୍ରମୁଖ ଯୋଗ ଦେଇ ପୃଥିବୀ ଦିବସ-୨୦୨୫ର ଆଭିମୁଖ୍ୟ ତଥା ଶକ୍ତି ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରା କଲେଜ ପରିସରରୁ ବାହାରି ନିକଟସ୍ଥ ଗ୍ରାମ ଓ ବଜାରରେ ପରିକ୍ରମା କରି ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନ କରିଥିଲା। ପରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଶକ୍ତି ସଂରକ୍ଷଣ ଦିଗରେ ଶପଥ ପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ଶ୍ରାବଣୀ ରାୟ, ପୁନମ ନାୟକ, ଅଞ୍ଜଳି ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ପୃଥିବୀ ଦିବସ ଉପଲକ୍ଷେ ଶୋଭାଯାତ୍ରାରେ ଯାଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# ଘରେ ପଶି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରଘୁନାଥପୁର,୨୨।୪
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ଗ୍ରାମରେ ପଡ଼ୋଶୀଙ୍କ ସହ ସାମାନ୍ୟ ବଚସାକୁ କେନ୍ଦ୍ର କରି ଘରେ ପଶି ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଗୋକୁଳି ବାରିକଙ୍କ ମଝିଆଁ ପୁଅ ଦୁର୍ଲ୍ଲଭ ବାରିକ (୩୮)। ତାଙ୍କର କାନମୁଣ୍ଡା, ବେକ, ହାତ ଓ ପେଟରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ଦୁର୍ଲ୍ଲଭଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ଏସ୍‌ଆଇ ଯୋଗେଶ୍ୱର ବେହେରା ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିବା ସହ ପଡିଥିବା ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଦୁର୍ଲ୍ଲଭଙ୍କୁ ଆକ୍ରମଣ କରାଯିବା କାରଣ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଏସ୍‌ଆଇ ବେହେରା କହିଛନ୍ତି। ଅନ୍ୟପକ୍ଷେ ଜମିଜମା ବିବାଦକୁ କେନ୍ଦ୍ରକରି ପୂର୍ବ ଶତ୍ରୁତାରୁ ଏପରି ଆକ୍ରମଣ କରାଯାଇଥିବା ଚର୍ଚ୍ଚା ହେଉଛି।

# ବକ୍ତୃତା, ସଙ୍ଗୀତ, ଅଭିନୟ ଦେଖାଇଲେ ଛାତ୍ରୀଛାତ୍ର

## ୪ ମେ'ରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ

ଜଗତ୍‌ସିଂହପୁର, ୨୨।୪ (ପ୍ରମୋଦ ନାୟକ)

୪ ମେ'ରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ। ଏହି ଉପଲକ୍ଷେ ମଙ୍ଗଳବାର ସ୍ଥାନୀୟ ଏକ ଅନୁଷ୍ଠାନ ପରିସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତା, ସଙ୍ଗୀତ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଖାପାଖି ୧୫ଟି ଉଚ୍ଚ ବିଦ୍ୟାଳୟର ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ମୁଦୁଲି ପ୍ରଥମ, ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନ ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୋନାଲି ପଣ୍ଡା ଦ୍ୱିତୀୟ, ଖେସରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଷ୍ଟମ ଶ୍ରେଣୀ ଛାତ୍ର ସ୍ୱାଗତ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସଙ୍ଗୀତରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଶମ ଶ୍ରେଣୀ ଛାତ୍ରୀ ଦିବ୍ୟାଂଶା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଜଗତ୍‌ସିଂହପୁର ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଦୀପ୍ତି ଦୀପାଞ୍ଜଳି ସାହୁ ଯୁଗ୍ମଭାବେ ଦ୍ୱିତୀୟ ହୋଇଛନ୍ତି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ରୋହିଣୀ ମହାନ୍ତି ତୃତୀୟ ସ୍ଥାନରେ ଅଛନ୍ତି। ଅଭିନୟରେ ପଳାଶୋଳ ଶିଶୁ ମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ପି. ପଦ୍ମଜା ପ୍ରଥମ, ସ୍ଥାନୀୟ ସରସ୍ୱତୀ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଶୁଦ୍ଧାନନ୍ଦ ବିଦ୍ୟାଳୟର ଅସ୍ପୃହା ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଶରତ ଚନ୍ଦ୍ର ବାରିକ, ବିଜୟ କୁମାର ରଥ, ବଦ୍ରି ମହାନ୍ତି, ରାଜକିଶୋର ସାହୁ, କୈଳାସ ମଲ୍ଲିକ ଓ ଅରୁଣ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ ସମାରୋହରେ ସମ୍ମାନିତ କରାଯିବ ବୋଲି ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତା ପରିଚାଳନାରେ ପରିଷଦ କର୍ମକର୍ତ୍ତା ଯଥା ଗୋବିନ୍ଦ ଓଝା, ରବି ମହାନ୍ତି, ଶିଶିର କୁମାର ତ୍ରିପାଠୀ, ଅଞ୍ଜନ କୁମାର ସାହୁ, ରଞ୍ଜନ ମିଶ୍ର, ଶରତ ଚନ୍ଦ୍ର ପଣ୍ଡା, ତପନ କୁମାର ରାଉତରାୟ ଓ ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଦିର ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ଜଗତ୍‌ସିଂହପୁର,୨୨।୪ (ପ୍ରମୋଦ କୁମାର ନାୟକ)

## ସିଦ୍ଧଳ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି

ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁରସ୍ଥିତ ସିଦ୍ଧଳ ମନ୍ଦିରର ରକ୍ଷଣାବେକ୍ଷଣ ଓ ଦାୟିତ୍ୱ ନିମନ୍ତେ ଉପଜିଲାପାଳଙ୍କୁ ଟ୍ରଷ୍ଟି ଭାବେ ନିଯୁକ୍ତ କରାଯାଇଛି। ଏଥିସହ ସରକାରୀ ଅଧିକାରୀ ଓ ଅନ୍ୟ ୮ ଜଣ ମନ୍ଦିର କର୍ତ୍ତୃପକ୍ଷଙ୍କୁ ନେଇ ୧୧ ଜଣିଆ କମିଟି ଗଠନ କରାଯାଇଛି। ଆଗାମୀ ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହ ପାଳନ ହେବ ସେନେଇ ଏହି କମିଟି ଓ ଅନ୍ୟମାନେ ଧ୍ୟାନ ଦେବେ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶ୍ରୀଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେସ୍ଥଳ ସିଦ୍ଧଳଠାରେ ଆଗାମୀ ରଥଯାତ୍ରା କିପରି ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ ହେବ ସେ ଉପରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ଜେ. ସୋନାଲ ଏହା କହିଥିଲେ। ସେ କହିଥିଲେ, ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ପାଳନ ନିମନ୍ତେ କ୍ଷେତ୍ର ତଦାରଖ କରିବା ଉଚିତ। ସେମାନେ ରଥଯାତ୍ରା ସ୍ଥାନରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିବେ। ଏଥିସହ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବା ଆବଶ୍ୟକ। ଏନେଇ ମନ୍ଦିର ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏଥର ମନ୍ଦିର ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଉପରେ ଧ୍ୟାନ ଦେବା ଜରୁରୀ। ଏନେଇ ଉପ ଜିଲାପାଳ ଓ ବିଡିଓ ପଦକ୍ଷେପ ନେବାକୁ ଜିଲାପାଳ ଦାୟିତ୍ୱ ଦେଇଥିଲେ। ଏହି ଅବସରରେ ରଥ ନିର୍ମାଣ, ସିଦ୍ଧଳରୁ ପୁରୋହିତପୁର, ସିଦ୍ଧଳ ଛେଳିଆଗଡ଼, ସିଦ୍ଧଳରୁ ଝିଅସାହି ଆଦି ରାସ୍ତା ମରାମତି ଉପରେ ଆଲୋଚନା ହୋଇଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା, ଗୁଣ୍ଡିଚା ମନ୍ଦିର ନିକଟ କେନାଲ ଉପରେ ସ୍ଲାବ ମରାମତି ପାଇଁ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ବଡ଼ଦାଣ୍ଡ ନିକଟରେ ଡ୍ରେନ ସଫେଇ, ଅଳିଆ ଆବର୍ଜନା ଓ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନତା, ସାତଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଡିଏସପି ପ୍ରଭାତ କୁମାର ସେଠୀ, ରାସ୍ତା ଓ ଗୃହ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଉପ ଜିଲାପାଳ ତରାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସମେତ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସୁର ପ୍ରସାଦ ନାୟକ, ଶରତ କୁମାର ଷଡ଼ଙ୍ଗୀ ଓ ମୁଦୁପୁର ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା ସହ ଧନ୍ୟବାଦ ଦେଇଥିଲେ।

# କୃଷକ ଦେଶର ମେରୁଦଣ୍ଡ

## ମାତୃକୃପା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବାଲିକୁଦା,୨୨।୪(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତର ମାତୃକୃପା ସାହିତ୍ୟ ସଂସଦ ସୁଧାଗଡର ସପ୍ତମ ବାର୍ଷିକ ଉତ୍ସବ ଧର୍ମାନନ୍ଦ ପତିଙ୍କ ପୌରୋହିତ୍ୟରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ସମୀର କୁମାର ଭୂୟାଁ ଓ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ ସମ୍ରାଟ ସମ୍ପଦ କୁମାର ରଥ ଓ ଅନ୍ୟତମ ଅତିଥି ଭାବେ ଝାଡ଼ଖଣ୍ଡର ବ୍ୟଙ୍ଗ କବି ସତ୍ୟପ୍ରକାଶ କର, ଜଗତ୍‌ସିଂହପୁରର ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଅଜୟ କୁମାର ଶତପଥୀ ମଞ୍ଚାସୀନ ଥିଲେ। 'ଭାରତ ଭାଗ୍ୟ ବିଧାତା' ଶୀର୍ଷକରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ଚାଷୀଙ୍କ ଗୁଣଗାନ କରିଥିଲେ। କୃଷକ ଦେଶର ମେରୁଦଣ୍ଡ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସଂସଦର ସମ୍ପାଦିକା କଳ୍ପନା ବିଶ୍ୱାଳ ସମ୍ପାଦକୀୟ ପାଠ କରିଥିଲେ। ତ୍ରିଲୋଚନ ବିଶ୍ୱାଳ, ହୃଦାନନ୍ଦ ଶାସମଲ ଓ ପୁଷ୍ପାଞ୍ଜଳି ମିଶ୍ରଙ୍କ ସଂଯୋଜନାରେ ୫୦ ଜଣ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦାରା ସଂସଦର ମୁଖପତ୍ର 'ସାହିତ୍ୟ ସମ୍ପଦ' ଲୋକାର୍ପଣ କରାଯାଇଥିଲା ଓ ୨୦ ଜଣ କବିଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରଶ୍ମିରଞ୍ଜନ ଦାସ ବେହେରାଙ୍କ ପରିଚାଳନାରେ ସଂଘମିତ୍ରା କାନୁନଗୋ ଏବଂ ସୁନୀଲ କୁମାର ସେଠୀ ଅତିଥିଭାବେ ଯୋଗଦେଇଥିଲେ। ବସନ୍ତ କୁମାର ମଲ୍ଲିକ, ମାତୃ ପ୍ରସାଦ ଶତ୍ରୁଜିତ୍, ଶେଷଦେବ ଛୋଟରାୟ, କୈଳାସ ପୃଷ୍ଟି, ସରସ୍ୱତୀ ମୁଦୁଲି, ରଞ୍ଜିତା ଦଳାଇ ଓ ବ୍ରଜ କିଶୋର ରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ରିଷ୍ଣା ଦତ୍ତ ଓ ଅଜୟ କୁମାର ଶାସମଲ ଧନ୍ୟବାଦ ଦେଇଥିଲେ।

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ସିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା - ଯେକୌଣସି ଡିଗ୍ରୀ, ଅଭିଜ୍ଞତା - ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ - ୯୮୬୬୫୩୪୮୮୮, ୭୩୨୫୯୭୧୮୯୯

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲ୍ଡର ଆବଶ୍ୟକ।
Salary-12k to 17k
ଖାଇବା ରହିବା ସୁବିଧା ଅଛି।
Contact - 9124614403

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଯୁବକଙ୍କୁ ପିଟି ହତ୍ୟା ଘଟଣା, ୭ ଗିରଫ

ଶରଣକୂଳ,୨୨।୪(ଦୀପକ କର):

ନୟାଗଡ଼ ଜିଲା ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗ୍ରାମରେ ଗତ ଜାନୁଆରୀ ୨୦ରେ ଘଟିଥିବା ପରମାନନ୍ଦ ବାଘ ହତ୍ୟା ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚଢ଼େୟାପଲ୍ଲୀ ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ (୨୪), ସୋନୁ ନିଗମ ବିଶ୍ୱାଳ (୨୧), ରତିକାନ୍ତ ମନ୍ତ୍ରୀ (୧୯), ଶଙ୍କର ଚୌଧୁରୀ (୨୩) ଓ ହତ୍ୟାକାରୀମାନଙ୍କୁ ସୁରକ୍ଷା ଦେଇଥିବା ଶରଣକୁଳ ଥାନା ପୁଆଁଣିଆ ଗ୍ରାମର ସୁଶାନ୍ତ ରାଉତ (୩୬), ମାନପୁର ଗ୍ରାମର ତପନ କୁମାର ବିଶ୍ୱାଳ (୪୯), ଚଢ଼େୟାପଲ୍ଲୀ ଗ୍ରାମର ସିନି ବିଶ୍ୱାଳ (୪୫)। ମଙ୍ଗଳବାର ସକାଳୁ ମୃତ ପରମାନନ୍ଦଙ୍କ ଭଉଣୀ ସୀତା ବାଘ ଶରଣକୁଳ ଥାନାରେ ହତ୍ୟାକାରୀମାନଙ୍କୁ ଚିହ୍ନଟ କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ନିଜ ହେପାଜତକୁ ଆଣି ବାଳସୁଧାର ଗୃହକୁ ପଠାଇଛି । ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରଯାଇଛି । ଏ ନେଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ପୋଲିସ କହିଛି ।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୦ରେ ଶରଣକୁଳ ଥାନା ପଞ୍ଚିରି ମାନପୁର ଗ୍ରାମର ପରମାନନ୍ଦ(୨୪) ଓ ତାଙ୍କ ଭଉଣୀ ସୀତା (୨୨) ନିକଟସ୍ଥ ଚଢ଼େୟାପଲ୍ଲୀ ଗ୍ରାମକୁ ତାରିଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚଢ଼େୟାପଲ୍ଲୀ ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ ଓ ସୋନୁ ନିଗମ ବିଶ୍ୱାଳ, ରତିକାନ୍ତ ମନ୍ତ୍ରୀ, ଶଙ୍କର ଚୌଧୁରୀ ଓ ଗ୍ରାମର ଅନ୍ୟ କେତେଜଣ ଯୁବକ ମିଳିତ ଭାବେ ପରମାନନ୍ଦଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ଭଉଣୀ ସାମ୍ନାରେ ପରମାନନ୍ଦଙ୍କୁ ତଳେ ପକାଇ ବିଧା, ଗୋଇଠା ମାରିବା ସହିତ ଇଟାରେ ଛେଚି ଦେଇଥିଲେ। ଭାଇ ଅଚେତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ସମସ୍ତେ ଚାଲି ଯାଇଥିଲେ। ଭଉଣୀ ସୀତା ଭାଇଙ୍କୁ ରକ୍ଷା କରିବାକୁ ଆକ୍ରମଣକାରୀଙ୍କୁ ବହୁ କାକୁତିମିନତି ହୋଇଥିଲେ ମଧ କେହି କିଛି ଶୁଣି ନ ଥିଲେ। ଶେଷରେ ଗାଁର କେତେଜଣ ବ୍ୟକ୍ତିଙ୍କ ସହାୟତାରେ ସେ ଭାଇଙ୍କୁ ସେଠାରୁ ଗାଁକୁ ଆଣି ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ପରମାନନ୍ଦଙ୍କ ମୃତ ଘଟିଥିଲା । ଏହି ଘଟଣାକୁ ନେଇ ଗ୍ରାମର ବହୁ ଲୋକ ଶରଣକୁଳ ଥାନା ଘେରାଉ କରି ନ୍ୟାୟ ଦାବି କରିଥିଲେ। ହତ୍ୟାକାରୀମାନଙ୍କୁ ଧରିବାକୁ ନୟାଗଡ଼ ଏସ୍‌ପି ଏସ. ସୁଶ୍ରୀ ଏକ ଟିମ୍ ଗଠନ କରିଥିଲେ। ଶରଣକୁଳ ଡିଏସ୍‌ପି ଦିପ୍ତିକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ରଣପୁର ଥାନା ଏସ୍‌ଆଇ ରମେଶ ଚନ୍ଦ୍ର ଜେନା ଓ ଅନ୍ୟ ପୋଲିସ କର୍ମଚାରୀମାନେ ସୋମବାର ରାତିରେ ଭୁବନେଶ୍ୱରରେ ଚଢଉ କରି ଏହି ହତ୍ୟାକାରୀମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ।


ଗିରଫ ହୋଇଥିବା ୭ ଅଭିଯୁକ୍ତ ।

- ■ଜାନୁଆରୀ ୨୦ରେ ଘଟିଥିଲା ହତ୍ୟାକାଣ୍ଡ
- ■ଭଉଣୀ ଆଖି ଆଗରେ ଭାଇଙ୍କୁ ହୋଇଥିଲା ଆକ୍ରମଣ
- ■ସମ୍ପୃକ୍ତ ନାବାଳକଙ୍କୁ ବାଲ୍ ସୁଧାରଗୃହକୁ ପଠାଇଲା ପୋଲିସ

## କାଳ ବୈଶାଖୀରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଶ୍ରେଣୀଗୃହ ମରାମତି ଦାବି

ଖଣ୍ଡପଡ଼ା,୨୨।୪(ଅଜୟ କୁମାର ମହାରଣା)

କାଳ ବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକର ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ଚାଉପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ୩ ବଖରା ଶ୍ରେଣୀଗୃହ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଛି । ଗ୍ରାମ ନିକଟସ୍ଥ ଏକ ପାହାଡ଼ ଉପରେ ଅବସ୍ଥିତ ଉକ୍ତ ବିଦ୍ୟାଳୟର ୩ ବଖରା ଶ୍ରେଣୀଗୃହର ଆଜ୍‌ବେଷ୍ଟସ ଛପର ଉଡିଯାଇଛି । ଫଳରେ ପାଠ ପଢୁଥିବା ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟର ୫ଟି ଶ୍ରେଣୀରେ ୬୮ ଜଣ ପିଲା ପାଠ ପଢୁଛନ୍ତି । ଏବେ ଶ୍ରେଣୀଗୃହ ଅଭାବରୁ ପିଲାମାନଙ୍କୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଶ୍ରେଣୀଗୃହର ମରାମତି ପାଇଁ ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ଅପରପକ୍ଷେ ବିଦ୍ୟାଳୟ ଶ୍ରେଣୀଗୃହ ଆଜ୍‌ବେଷ୍ଟସ ଛପର ପରିବର୍ତ୍ତେ ପକ୍କା ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଉପଲ୍ଲୀ ଗ୍ରାମବାସୀ ଦାବି କରିଛନ୍ତି । ଚାଉପଲ୍ଲୀ ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କୀତ ଦାବି ପତ୍ର ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଓ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବାପୁ


@ ଆଞ୍ଚଲ୍


@ ବିଷ୍ଣୁ


@ ମିନୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରୋହିବାଙ୍କରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ

ଓଡ଼ଗାଁ,୨୨।୪
(ଆଦର୍ଶ କୁମାର ପଟ୍ଟନାୟକ):

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଗ୍ଲୋବାଲ ୱାର୍ମିଂ ଚିନ୍ତାର କାରଣ ହୋଇଛି । ଏଥିପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ହୋଇଛି । ଏନେଇ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଇକୋ କ୍ଲବ୍ ସଦସ୍ୟ ଓ ଶିକ୍ଷକମାନେ ମଙ୍ଗଳବାର ବିଶ୍ୱ ଧରିତ୍ରୀ ଦିବସ ପାଳନ କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଶିକ୍ଷୟିତ୍ରୀ ଅବନ୍ତୀ ବେହେରା ଇକୋକ୍ଲବ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥିଲେ । ମାଟି, ପାଣି ଓ ପବନକୁ ପ୍ରଦୂଷଣ ମୁକ୍ତ କରିବାପାଇଁ ଅଧିକ ଚାରା ରୋପଣ, ଭୂତଳ ଜଳର ମାତ୍ରା ବୃଦ୍ଧି ସହିତ ତାର ସଂରକ୍ଷଣ ଓ ସୁବିନିଯୋଗ, ନିକଟବର୍ତ୍ତୀ ସ୍ଥାନକୁ ଯିବାକୁ ହେଲେ କାର୍, ବାଇକ୍ ବଦଳରେ ସାଇକେଲରେ ଯିବା, ଅସରନ୍ତି ଇନ୍ଧନ ବ୍ୟବହୃତ ଯାନ ଅଧିକରୁ ଅଧିକ ବ୍ୟବହାର କରିବା, ପଲିଥିନ ଓ ପ୍ଲାଷ୍ଟିକ ବୋତଲ ବ୍ୟବହାର ହ୍ରାସ କରିବା, ଘରୁ ବାହାରିବା ବେଳ ପାଣି ବୋତଲ ଓ କପଡ଼ା ବ୍ୟାଗ ସାଥିରେ ନେଇ ଯିବା, ମାଟିରେ ରାସାୟନିକ ସାର ବଦଳରେ ଜୈବିକ ଖତର ବହୁଳ ବ୍ୟବହାର କରିବା , ଅବ୍ୟବହୃତ କାଗଜ ଓ ଖବରକାଗଜକୁ ପୁନଃଚକ୍ରଣ କରାଗଲେ ବହୁ ସଂଖ୍ୟାରେ ବୃକ୍ଷର ସୁରକ୍ଷା ହୋଇପାରିବ ଆଦି ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏହାପରେ ସମସ୍ତ ପ୍ରତିଯୋଗୀ ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶିକ୍ଷକ ଆଲୋକ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥଲେ।



ଧରିତ୍ରୀ ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

# କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରଣପୁର,୨୨।୪(ସୁକାନ୍ତ କିଶୋର ଡାକୁଆ): ନୟାଗଡ଼ ଜିଲା ଚାନ୍ଦପୁର ଥାନା ଗୌରଚନ୍ଦ୍ରପୁର ଗାଁ ନିକଟରେ ଥିବା କାଜୁ ଜଙ୍ଗଲରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି । ମୃତକ ହେଲେ କନ୍ଧନୟାଗଡ଼ ଗାଁର ସୀତାରାମ ସାହୁ(୨୭) । ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ସୀତାରାମ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଗୌରଚନ୍ଦ୍ରପୁର ଗାଁ କାଜୁ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଏକ କାଜୁ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକମାନେ ଦେଖି ଚାନ୍ଦପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରଣପୁର ସରକାରୀ ଡାକ୍ତରଖାନା ପଠାଇଛି। ପୋଲିସର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି ।

# ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ

ନୟାଗଡ଼/ଦଶପଲ୍ଲା,୨୨।୪
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି):

ଭାରତ ପ୍ରସିଦ୍ଧ ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ମଙ୍ଗଳବାର ରାତିରେ ଶେଷ ହୋଇଛି । ରାବଣ ନିହତ ପରେ ବ୍ରହ୍ମାସ୍ତ୍ର ରାମଙ୍କ ପାଖକୁ ଫେରି ଆସିଛି। ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇଥିଲା । ରାବଣ ନିହତ ପରେ ୩୫ ଫୁଟ ଉଚ୍ଚ କାଷ୍ଠ ରାବଣର ମୁଖା ବକ୍ର କରାଯାଇଥିଲା । ପରେ ଆତସବାଜି ବିଳମ୍ବିତ ରାତି ଯାଏ ଫୁଟିବାରୁ ଆକାଶ ଧୂଆଁମୟ ହୋଇଥିଲା। ମାନସିକଧାରୀ ସେମାନଙ୍କ ମାନସିକ ବାଣ ଫୁଟାଇଥିଲେ ।

ସୂଚନା ଅନୁଯାୟୀ, ଲଙ୍କାପୋଡ଼ି ଯାତ୍ରାର ରାବଣ ବଧକୁ ମୁଖ୍ୟ ଉତ୍ସବ ଭାବେ ଗଣନା କରାଯାଏ । ଲଙ୍କାପୋଡ଼ି ଯାତ୍ରାର ଶେଷ ଦିବସ ଅର୍ଥାତ୍ ମଙ୍ଗଳବାର ରାତିରେ ରାମ ନାଟକ ପାଇଁ ୩ଟି ମଞ୍ଚ ପ୍ରସ୍ତୁତ ହୋଇଥିଲା। ପ୍ରଥମେ ମୁଖ୍ୟ ମଞ୍ଚରେ ଇନ୍ଦ୍ରଜିତ ବଧ ଦେଖିବାକୁ ମିଳିଥିଲା। ଇନ୍ଦ୍ରଜିତ ଦିବ୍ୟରଥ ଓ ଅସ୍ତ୍ର ନିମନ୍ତେ ଯଜ୍ଞ କରୁଥିବା ବେଳେ ଲକ୍ଷ୍ମଣ ଯଜ୍ଞରେ ବାଧା ସୃଷ୍ଟି କରନ୍ତି । ପରେ ଲକ୍ଷ୍ମଣ ଓ ଇନ୍ଦ୍ରଜିତ ମଧ୍ୟରେ ଘମାଘୋଟ ଲଢେଇ ହୁଏ। ଇନ୍ଦ୍ରଜିତ ନିହତ ପରେ ଶୋକାତୁର ରାବଣ ଲକ୍ଷ୍ମଣଙ୍କୁ ବ୍ରହ୍ମାସ୍ତ୍ରରେ ଆହତ କରନ୍ତି । ଲକ୍ଷ୍ମଣଙ୍କ ଶକ୍ତିଭେଦ ପରେ ବୈଦ୍ୟ ଶୁଷେଣଙ୍କ ପରାମର୍ଶରେ ହନୁମାନ ହିମାଳୟରୁ ବିଶଲ୍ୟକରଣ ପାଇଁ ଗନ୍ଧମାର୍ଦ୍ଦନ ପର୍ବତକୁ ଯାଆନ୍ତି। ସେଠାରୁ ବିଶଲ୍ୟକରଣ ଗଛ ଥିବା ଏକ ପର୍ବତ ଖଣ୍ଡ ଆକାଶ ମାର୍ଗରେ ଟେକି ଆଣନ୍ତି। ଅଯୋଧା ବାଟରେ ଗମନ କଲାବେଳେ ଭରତଙ୍କ ବାଟୁଳିରେ ମୂର୍ଚ୍ଛାଗତ ହୋଇ ଭୂପତିତ ହୁଅନ୍ତି । ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ହନୁମାନଙ୍କ ପରିଚୟ ଜାଣିବା ପରେ ଭରତ ମ୍ରିୟମାଣ ହୋଇପଡନ୍ତି। ପରେ ପର୍ବତକୁ ଟେକି ନେବାର ବ୍ୟବସ୍ଥା ବାଟୁଲି ଦ୍ୱାରା ପୁଣି କରନ୍ତି। ହନୁମାନ ପର୍ବତ ଧରି ଲଙ୍କା ଆଗମନ ବେଳେ ରାବଣ ସେନା ପଠାଇ ପ୍ରତିରୋଧ କରି ବିଫଳ ହୁଏ । ଶେଷରେ ଅମୃତତୁଲ୍ୟ ସଞ୍ଜୀବନୀ ଦ୍ୱାରା ଲକ୍ଷ୍ମଣ ସୁସ୍ଥ ହୁଅନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟ ମଞ୍ଚରୁ ରାମ ରାବଣ ଯୁଦ୍ଧ ଆରମ୍ଭ ହୁଏ। ରାମ ରାବଣ ଲଢେଇ ଗିରି ମଞ୍ଚ ( ଗଣେଶ ବଜାର ) ପର୍ଯ୍ୟନ୍ତ ଚାଲେ। ଗଣେଶ ବଜାରରେ ସ୍ଥୁଳଜଙ୍ଘ ବଧ ହୁଏ । ରାମଙ୍କ ବିଜୟ ପାଇଁ ଦେବରାଜ ଇନ୍ଦ୍ର ବିଜୟାରଥ ପ୍ରେରଣ କରନ୍ତି। ଦିବ୍ୟ ରଥରେ ରାମଲକ୍ଷ୍ମଣ ଓ ପୁଷ୍ପକ ବିମାନରେ ରାବଣ ଆସନ୍ତି। ଯୁଦ୍ଧ ସମୟରେ ବୀରବାଦ୍ୟ ଘୁମୁରା ,ଢୋଲ , ନିଶାଣ ଚାଙ୍ଗୁ , ମହୁରୀ ବାଜେ। ପାରମ୍ପରିକ ବାଦ୍ୟର ତାଳେ ତାଳେ ଘମାଘୋଟ ଲଢ଼େଇ ଚାଲେ । ପ୍ରାୟ ୧ କିମି ଲଙ୍କାଗଡ଼ ମଞ୍ଚ ( ଗାନ୍ଧୀ ପଡିଆ ) ପର୍ଯ୍ୟନ୍ତ ରାମ ରାବଣ ଲଢେଇ ହୁଏ। ଶ୍ରୀରାମ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ରାବଣକୁ ନିଧନ କରିବା ସହ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରନ୍ତି। ବ୍ରହ୍ମାସ୍ତ୍ର ରାବଣକୁ ବଧ କରି ପୁନର୍ବାର ରାମଙ୍କ ନିକଟକୁ ଫେରିଆସେ। ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଏହି ସ୍ୱତନ୍ତ୍ର ବ୍ରହ୍ମାସ୍ତ୍ର ଓଡ଼ଇଶାର ଅନ୍ୟ କେଉଁଠାରେ ଦେଖିବାକୁ ମିଳି ନ ଥାଏ। ମଙ୍ଗଳ ରାତି ବୁଧ ପାହାନ୍ତାରେ ରାବଣ ବଧ ଏକ ନିଆରା ପର୍ବ ଭାବେ ଦଶପଲ୍ଲାରେ ପାଳନ ହୋଇ ଆସୁଛି।




- ■ରାବଣ ନିହତ ପରେ ବ୍ରହ୍ମାସ୍ତ୍ର ରାମଙ୍କ ପାଖକୁ ଫେରିଲା
- ■୩୫ ଫୁଟ ଉଚ୍ଚ କାଷ୍ଠ ରାବଣର ମୁଖା କରାଗଲା ବକ୍ର

**ASSISTANT REQUIRED**
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to **Sriram Enterpriser, Red cross Road Bhanjanagar-761126**
**Phone/ Whatsapp: 9438572007**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ସିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା - ଯେକୌଣସି ଡିଗ୍ରୀ, ଅଭିଜ୍ଞତା - ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ – ୯୮୬୬୫୩୪୮୮୮, ୭୩୨୫୯୭୧୮୯୯

**Job Opportunity at SB Sahoo & Co Pvt. Ltd., Bhubaneswar**
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to
sbsahoo11@gmail.com
Contact : 9437035347, 9437468247

**WELDER REQUIRED**
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲଡ଼ର ଆବଶ୍ୟକ ।
Salary-12k to 17k
ଖାଇବା ରହିବା ସୁବିଧା ଅଛି ।
Contact - 9124614403

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
**Gitanjali Awards Pvt. Ltd.**
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଧରିତ୍ରୀ DHARITRI Oriya daily
**WANTED**

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଉଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ! ନୀରବ ରୁହ। ନିଜ କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିଖାକର। –ଶ୍ରୀଅରବିନ୍ଦ



# ୩୦ ବର୍ଷ ପୂର୍ବରୁ ଓ ପରେ

ବିଶ୍ୱର ପ୍ରାୟ ସମସ୍ତ ବିକଶିତ ଦେଶ ସେମାନଙ୍କ ମାନବ ଶକ୍ତିକୁ ବିଭିନ୍ନ କ୍ଷେତ୍ରରେ ସର୍ବାଧିକ ବିନିଯୋଗ କରିପାରିଛନ୍ତି। ଏହି କ୍ରମରେ ଭାରତ ପାଇଁ ଏଭଳି କରିବା ଅପରିହାର୍ଯ୍ୟ, କାରଣ ଏହା ୨୦୪୭ ସୁଦ୍ଧା ବିକଶିତ ଦେଶ ହେବାର ଲକ୍ଷ୍ୟ ରଖିଛି। ଏବେ ଏହି ଲକ୍ଷ୍ୟ ପୂରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ ସମ୍ପର୍କରେ ମତ ରଖିଛନ୍ତି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ୍ ପବ୍ଲିକ ଆଫେୟାର୍ସରେ ୧୯ ଏପ୍ରିଲରେ ଆୟୋଜିତ କଲମ୍ବିଆ ଇଣ୍ଡିଆ ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ନାଗେଶ୍ୱରନ କହିଛନ୍ତି ଯେ, ବିକଶିତ ଲକ୍ଷ୍ୟ ହାସଲ ପାଇଁ ଭାରତକୁ ଆଗାମୀ ୧୦–୧୨ ବର୍ଷ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ସହ ପ୍ରତିବର୍ଷ ୮୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ହେବ । ଏହାସହ ଜିଡିପିରେ ଉତ୍ପାଦନର ଅଂଶ ବୃଦ୍ଧି ଜରୁରୀ ବୋଲି ଦର୍ଶାଇଛନ୍ତି। ଏ କଥା କହିଲାବେଳେ ସେ ମଧ୍ୟ ସତର୍କ କରିଦେଇଛନ୍ତି ଯେ, ଆଗାମୀ ୧୦–୨୦ ବର୍ଷ ବାହ୍ୟ ପରିବେଶ ଏସବୁ ପାଇଁ ଏତେଟା ସହାୟକ ହେବନାହିଁ। ଆଉ ମଧ୍ୟ ସୂଚାଇ ଦେଇଛନ୍ତି, ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୦ରୁ ଏହା ଆରମ୍ଭ କରିବାର ଥିଲା ଯେତେବେଳେ ଏହା ପାଇଁ ସୁଯୋଗ ରହିଥିଲା। ନାଗେଶ୍ୱରନ ୨୮ ଜାନୁଆରୀ ୨୦୨୨ରେ ସିଇଏ ଭାବେ ନିଯୁକ୍ତ ହୋଇଥିଲେ। ଏହାର ୩ ବର୍ଷ ପରେ ସେ ଏଭଳି କହିଛନ୍ତି। ଆଗରୁ ଜଣେ ଅର୍ଥନୀତିଜ୍ଞ ଭାବେ ତାଙ୍କ ମତ ରଖି ନ ଥିଲେ। ଏଥିସହିତ ତାଙ୍କୁ ଯେଉଁ ରାଜନୈତିକ ଦଳର ସରକାର ବିଶେଷକରି ଭାଜପା ସରକାର ନିଯୁକ୍ତି ଦେଇଛନ୍ତି, ସେହି ସରକାର ୧୧ ବର୍ଷ ଶାସନରେ ରହିଲେଣି। ନିଜର ଦାୟିତ୍ୱ ସମ୍ପର୍କରେ କେହି କୌଣସି ସମୟରେ ଉଲ୍ଲେଖ କରନ୍ତି ନାହିଁ। ଏବକାର ଢାଞ୍ଚାରେ ସବୁ ବିଷୟକୁ ଇତିହାସ ଉପରେ ଦୋଷ ଦେଇ ଖସିଯିବାର ଆଭିମୁଖ୍ୟ ସ୍ପଷ୍ଟ ବୁଝାପଡ଼ୁଛି।

ନାଗେଶ୍ୱରନଙ୍କ ଏହି କେତୋଟି ପରାମର୍ଶ ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ ନିଯୁକ୍ତି ଓ ଉତ୍ପାଦନର ମହତ୍ତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରୁଛି। ଏହାସହ ଭାରତ ବିକଶିତ ହେବା ପଥରେ ଜଟିଳତା ରହିଥିବା ମଧ୍ୟ ପରୋକ୍ଷରେ ସ୍ପଷ୍ଟ କରୁଛି। ଅର୍ଥାତ୍ ଯେଉଁ ହାରରେ ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧି ହେବା କଥା ତାହା ସମ୍ଭବ ହୋଇପାରିନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିସେମ୍ବର ୨୦୨୪ରେ ଘୋଷଣା କରାଯାଇଥିଲା ଯେ, ୨୦୨୨ରୁ ଆରମ୍ଭ ହୋଇଥିବା ନିଯୁକ୍ତିମେଳା ମାଧ୍ୟମରେ ଦେଢ଼ ବର୍ଷରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ୧୦ ଲକ୍ଷ ସରକାରୀ ଚାକିରି ପ୍ରଦାନ କରାଯାଇଛି। କିନ୍ତୁ ଭାରତରେ ବେସରକାରୀ କ୍ଷେତ୍ରରେ କେତେ ପରିମାଣର ନିଯୁକ୍ତି ସୃଷ୍ଟି କରାଯାଇଛି କିମ୍ବା କରାଯିବା ପାଇଁ ଯୋଜନା ହେଉଛି ତାହା ଜାଣିବା କଷ୍ଟକର। ୨୦୧୬ରେ ଆରମ୍ଭ କରାଯାଇଥିବା ଷ୍ଟାର୍ଟଅପ ଇଣ୍ଡିଆ ଯୋଜନା ଏବଂ ମେ ୨୦୨୦ରୁ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଅଭିଯାନର ଅଗ୍ରଗତି ସମ୍ପର୍କିତ ପ୍ରଚାରରେ ନିଯୁକ୍ତି ସଂଖ୍ୟା ଜାଣିବା କଷ୍ଟକର। ଯଦି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ୨୦୨୪ ରିପୋର୍ଟକୁ ଦେଖିବା ତେବେ ଏଥିରେ ପ୍ରକାଶ କରାଯାଇଥିଲା ଯେ, ଭାରତରେ ଚାକିରି ନ ଥିବା ମୋଟ ଲୋକଙ୍କ ମଧ୍ୟରେ ୮୦ ପ୍ରତିଶତରୁ ଅଧିକ ହେଉଛନ୍ତି ଯୁବକ। ଭାରତରେ ଚାକିରି ପାଇ ନ ଥିବା, ଶିକ୍ଷା ପ୍ରାପ୍ତ କରି ନ ଥିବା କିମ୍ବା ପ୍ରଶିକ୍ଷଣ ନେଇ ନ ଥିବା ଯୁବକଙ୍କ ପ୍ରତିଶତ ଦକ୍ଷିଣ ଏସିଆରେ ସର୍ବାଧିକ ବୋଲି ଦର୍ଶାଇଥିଲା। ଭାରତରେ କୁଶଳୀ ଶ୍ରମଶକ୍ତିର ଅଭାବ ରହିଆସିଛି। ଏହା ବ୍ୟତୀତ ଶ୍ରମଶକ୍ତି ଭାଗୀଦାରି ହାର ଅନ୍ୟସବୁ ବିକାଶଶୀଳ ଦେଶ ଏପରିକି ଇଣ୍ଡୋନେସିଆ ଓ ଭିଏତ୍‌ନାମଠାରୁ କମ୍ ରହିଛି। ତେବେ ଅନ୍ତର୍ଜାତୀୟ ସ୍ତରର ରିପୋର୍ଟ ଯାହା ଦର୍ଶାଉଛି ତାହାକୁ ଚ୍ୟାଲେଞ୍ଜ କରି ଏକ ଯୁକ୍ତିଯୁକ୍ତ ରିପୋର୍ଟ ପ୍ରକାଶ କରିବା ଭାରତ ପାଇଁ ସମ୍ଭବପର ନୁହେଁ। ଯଦି କୌଣସି ରିପୋର୍ଟ ପ୍ରସ୍ତୁତ କରାଯାଉଛି ସେଥିରେ ଛବିକୁ ଆକର୍ଷଣୀୟ ଭାବେ ଦେଖାଯାଉଛି, ତାହାର ଏକମାତ୍ର ଉପାୟ ଭାବରେ ତଥ୍ୟକୁ ସମ୍ପୂର୍ଣ୍ଣ ମନଗଢ଼ା କରିଦିଆଗଲାଣି। ଯେଉଁଥିପାଇଁ ନିୟମିତ ସମୟରେ ଜନଗଣନା ମଧ୍ୟ କରାଯାଉନାହିଁ। ଏବେ ଯେଉଁ ଜନଗଣନା ସମ୍ପର୍କରେ ଆଲୋଚନା କିମ୍ବା କାର୍ଯ୍ୟ ଆରମ୍ଭ କରାଯାଉଛି ତାହା କେତେଦୂର ବାସ୍ତବ ହେବ ସେ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ନାଗେଶ୍ୱରନ ଜିଡିପିରେ ମାନୁଫାକ୍‌ଚରିଂ ବା ଉତ୍ପାଦନ ହାର ବୃଦ୍ଧି କଥା ଯାହା କହିଛନ୍ତି ତାହା ଏକ ବିକଶିତ ଦେଶର ଚାବିକାଠି। ଏହା ଚାଇନା ପ୍ରମାଣ କରି ଦେଖାଇଛି। ଏବେ ଚାଇନା ବିଶ୍ୱର ଏକ ନମ୍ବର ଅର୍ଥ ବ୍ୟବସ୍ଥା ହେବା ପଥରେ ଅଗ୍ରସର। ଦେଖିବାକୁ ଗଲେ ୧୯୯୦ ବେଳକୁ ଚାଇନା ଓ ଭାରତର ଅଭିବୃଦ୍ଧି ହାର ପ୍ରାୟ ସମାନ ଥିଲା। କିନ୍ତୁ ସେହି ଦେଶ ତାହାର କୁଶଳୀ ଶ୍ରମଶକ୍ତି ବିନିଯୋଗ କରି ବିଶ୍ୱର ଏକ ନମ୍ବର ଉତ୍ପାଦନକାରୀ ଦେଶ ହୋଇଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ଭାରତର ଅର୍ଥନୈତିକ ପଥ ଆଜି ମଧ୍ୟ ଅସ୍ପଷ୍ଟ। ବିଗତ ବର୍ଷମାନଙ୍କରେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିଥିବା ରାଜନୈତିକ ବ୍ୟବସ୍ଥାକୁ ଭାରତୀୟ ଭୋଟର ବାରମ୍ବାର ନାକଚ କରି ଫିଙ୍ଗି ଦେଲେଣି। ଅନ୍ୟପଟେ ଆଜିର ପରିସ୍ଥିତିରେ ମଧ୍ୟ ସୁଧାର ଆସୁଥିବା ଭଳି କୌଣସି ଲକ୍ଷଣ ଦେଖିବାକୁ ମିଳୁନାହିଁ। ବିଶେଷକରି ଦେଶର ମାନସିକ ସ୍ତରରେ ହିନ୍ଦୀଭାଷା ଲଦି ଦେବା, ହିନ୍ଦୁ ମୁସଲମାନ ଆଲୋଚନାକୁ ଗୁରୁତ୍ୱ ଦେବା, ଜନସଂଖ୍ୟା ଅନୁଯାୟୀ ଲୋକ ସଭା ଆସନ ନିର୍ଦ୍ଧାରଣ କରିବା ଭଳି ଅନେକ ଅବାଞ୍ଛିତ କଥାରେ ଦେଶର ଶକ୍ତିକୁ ଜାଣିଶୁଣି ବିନିଯୋଗ କରାଯାଉଥିବା ହେତୁ ଦକ୍ଷତା ବୃଦ୍ଧି ଭଳି ଅର୍ଥନୈତିକ ଲକ୍ଷ୍ୟ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଆଜିଠାରୁ ୩୦ ବର୍ଷ ପରେ ମଧ୍ୟ ଯେଉଁ ବ୍ୟକ୍ତି ନାଗେଶ୍ୱରନଙ୍କ ଆସନରେ ବସିବେ ସେତେବେଳେ ମଧ୍ୟ ଏହି ବାକ୍ୟଗୁଡ଼ିକୁ ପୁନରାବୃତ୍ତି କରିବାକୁ ବାଧ୍ୟ ହେବେ ବୋଲି ମନେ ହେଉଛି।

# ବାକ୍ ସଂଯମ: ଏକ ସାଧନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଷୋଡ଼ଶ ଶତାବ୍ଦୀର ଏକ ଘଟଣାରୁ ପ୍ରବନ୍ଧଟି ଆରମ୍ଭ କରୁଛି। ଇଂରେଜ ମନୀଷୀ ଥୋମାସ୍ କୁପାର ଆଠବର୍ଷ କଠିନ ପରିଶ୍ରମ କରି ଏକ ଅଭିଧାନ ସଂକଳନ କରୁଥିଲେ। ଅନେକ ବର୍ଷର ଅଧ୍ୟବସାୟ ପରେ କାମଟି ସମ୍ପୂର୍ଣ୍ଣ ହେବାରୁ ସେ ଆନନ୍ଦିତ ହେଲେ। ଦିନେ ସନ୍ଧ୍ୟା ସମୟରେ ସେ ତାଙ୍କର ଦୁଇଜଣ ବନ୍ଧୁଙ୍କୁ ସେହି ପାଣ୍ଡୁଲିପିଟି ଦେଖାଇବା ପାଇଁ ନିଜ ଘରକୁ ନେଇ ଆସିଲେ। ମାତ୍ର ଟେବୁଲ ଉପରେ ପାଣ୍ଡୁଲିପି ନ ଥିଲା। ତାଙ୍କ ପତ୍ନୀ ଡିନା ଭାବୁଥିଲେ ତାଙ୍କ ସ୍ୱାମୀ ଗୋଟିଏ ଅଯଥା କାମର ପ୍ରେମରେ ପଡ଼ି ବିଶ୍ରାମବିହୀନ ଜୀବନଯାପନ କରୁଛନ୍ତି ଓ ସ୍ୱାସ୍ଥ୍ୟହାନି କରୁଛନ୍ତି। ଏହି ମୋହରୁ ତାଙ୍କୁ ମୁକୁଳାଇବା ପାଇଁ ସେ ସବୁ ପାଣ୍ଡୁଲିପିକୁ ନିଆଁରେ ପୋଡ଼ି ପାଉଁଶ କରିଦେଲେ। କୁପାର ସ୍ତବ୍ଧ ହେଲେ, ମାତ୍ର କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। କେବଳ ପତ୍ନୀଙ୍କୁ ଏତିକି କହିଲେ– 'ଡିନା ! ତୁମେ ମୋତେ ବଡ଼ କଷ୍ଟ ଦେଲ।' ପୁଣି ଆରମ୍ଭ କଲେ ସଂକଳନ ଓ ଆଠ ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ଅଭିଧାନଟି ପ୍ରସ୍ତୁତ କଲେ। ଜଣେ ସ୍ଥିତପ୍ରଜ୍ଞ ଭଳି ନିଜର ଶାନ୍ତି ଓ ସମତାଭାବ ବଜାୟ ରଖିଲେ। ଫଳରେ ଦଗ୍ଧ ପାଣ୍ଡୁଲିପି ଜୀବନ୍ୟାସ ପାଇଲା। ଅନୁତପ୍ତ ପତ୍ନୀ ମଧ୍ୟ ତାଙ୍କୁ ନୀରବରେ ସାହାଯ୍ୟ କଲେ। ବାକ୍‌ଶକ୍ତିର ଉପଯୁକ୍ତ ପ୍ରୟୋଗ ଓ ବାକ୍‌ସଂଯମ ଜୀବନରେ ଏହିଭଳି ଦୁଃଖଦ ଅନୁଭୂତିକୁ ପ୍ରଶାନ୍ତ ଭାବରେ ଗ୍ରହଣ କରିବା ପାଇଁ ଶକ୍ତି ଦିଏ।

ଗୌତମ ବୁଦ୍ଧ ଥିଲେ ଆତ୍ମସଂଯମର ମୂର୍ତ୍ତିମନ୍ତ ପ୍ରତୀକ। ଥରେ ସେ ଜଣେ ଗୃହସ୍ୱାମୀଙ୍କ ଦ୍ୱାରଦେଶରେ ଭିକ୍ଷାପାତ୍ର ଧରି ଉପସ୍ଥିତ ହୋଇ ଭିକ୍ଷା ମାଗନ୍ତେ ଗୃହସ୍ୱାମୀ ତାଙ୍କୁ କଟୁ ଭାଷାରେ ଭର୍ତ୍ସନା କଲେ। ବୁଦ୍ଧ ନୀରବରେ ସବୁ ଶୁଣିଗଲେ ଓ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ତାଙ୍କ ପାଖରୁ କୌଣସି ପ୍ରତିକ୍ରିୟା ନ ପାଇଁ ଗୃହସ୍ୱାମୀ ଆହୁରି ରାଗିଗଲେ ଓ କହିଲେ, ''ତୁମେ ମୋ କଥାର ଜବାବ ଦେଉନ କାହିଁକି? ମୁଁ ଏତେ କଥା କହୁଛି, ତୁମକୁ କ'ଣ ବାଧୁନି?'' ବୁଦ୍ଧଦେବ କହିଲେ ''ମୁଁ ଯଦି ତୁମ ଉଦ୍ଦେଶ୍ୟରେ ମୋର ଏହି ଭିକ୍ଷାପାତ୍ରଟିକୁ ଅର୍ପଣ କରିବି ଓ ତୁମେ ତାକୁ ଗ୍ରହଣ ନ କର, ଏହି ପାତ୍ରଟି କୁଆଡ଼େ ଯିବ?'' ଗୃହସ୍ୱାମୀ ଉତ୍ତର ଦେଲେ, 'ତାହା ତୁମର ହୋଇ ରହିବ।' ବୁଦ୍ଧ କହିଲେ, ''ଠିକ୍ ସେପରି ତୁମେ ମୋ ପ୍ରତି ଯେଉଁ କଟୁବାକ୍ୟ ପ୍ରୟୋଗ କରିଛ ମୁଁ ତାକୁ ଗ୍ରହଣ କରିନାହିଁ। ଏଣୁ ତାହା ତୁମ ପାଖରେ ରହିଲା।'' ଗୃହସ୍ୱାମୀ ସ୍ତବ୍ଧ ହେଲେ। ସେହି ମୁହୂର୍ତ୍ତରେ ତାଙ୍କ ଚେତନାରେ ଏକ ବଡ଼ ପରିବର୍ତ୍ତନ ହେଲା। ସେ ହେଲେ ବୁଦ୍ଧଙ୍କ ଶିଷ୍ୟ। ଏହିଭଳି ଆତ୍ମସଂଯମ ସାଧନା କରି ଅନ୍ୟ କାହାରି ପ୍ରତି ଅସଦିଚ୍ଛା ଓ ଈର୍ଷାପୋଷଣରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରିପାରିଲେ ନିଜକୁ ନିରାପଦ ରଖିହୁଏ ଏବଂ ତଦ୍ୱାରା ଅସୂୟାଭାବ ପୋଷଣ କରିଥିବା ବ୍ୟକ୍ତି ଅନୁତପ୍ତ ହୋଇ ସେ ନିଜର ଜୀବନଧାରାକୁ ପରିବର୍ତ୍ତନ କରେ।

ଦୈନନ୍ଦିନ ଜୀବନରେ ଆମେ ଯେତେ କଥା



କହିଥାଉ ତା'ର ବହୁ ଅଂଶ ନ କହିଥିଲେ ଚଳିଥାନ୍ତା। ମାତ୍ର ଆମେ ଅନେକ ସମୟରେ ଅନାବଶ୍ୟକ ଭାବେ ବହୁ କଥା ଗପିଥାଉ ଓ ଆମର ଶବ୍ଦସ୍ଫୀତି ବେଳେବେଳେ ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରେ ଓ ବେଳେବେଳେ ଜୀବନକୁ ବିପଦାପନ୍ନ କରେ। ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ରରେ ବର୍ଣ୍ଣିତ ଏହି ସମ୍ପର୍କିତ ଏକ କାହାଣୀ ଏକ ଭିନ୍ନ ରୂପରେ ପହଞ୍ଚିଥିଲା ଇଂଲଣ୍ଡରେ। ଚତୁର୍ଦ୍ଦଶ ଶତାବ୍ଦୀରେ କବି ଚସର୍ 'କାଣ୍ଟରବରି ଟେଲସ୍'ରେ ବାକ୍‌ସଂଯମକୁ ଗୁରୁତ୍ୱ ଦେଇ ଲେଖିଲେ ଗୋଟିଏ ଗଞ୍ଜାର କାହାଣୀ। ଗୋଟିଏ ପଲ୍ଲୀରେ ବୁଢ଼ୀଟିଏ ପୋଷିଥାଏ ଏକ ଗଞ୍ଜା। ନାମଟି ତା'ର ଚଣ୍ଟିକ୍ଲିଅର୍। ତା'ର କଣ୍ଠର ସୁଲଳିତ ସଂଗୀତରେ ସମଗ୍ର ପକ୍ଷୀକୁଳ ମୋହିତ ହୁଅନ୍ତି। ମାତ୍ର ଗଞ୍ଜା ଉପରେ ଲୋଲୁପ ଦୃଷ୍ଟି ପକାଇଥାଏ ଏକ ଶୃଗାଳ। ଦିନେ ଶୃଗାଳ ତାକୁ କହିଲା ''ତୁମକୁ ଦେଖିଲେ ତୁମ ସ୍ୱର୍ଗତ ପିତାଙ୍କ କଥା ମନେପଡ଼ିଯାଏ। ଯେତେବେଳେ ସେ କଣ୍ଠ ଖୋଲି ଗୀତ ବୋଲନ୍ତି ମୁଁ ଅଭିଭୂତ ହେଉଥାଏ। ତୁମେ ତାଙ୍କର କଳାକୁ ବଜାୟ ରଖିଛ।'' ଗଞ୍ଜାଟି ପୁଲକିତ ହେଲା ଓ ଆହୁରି ଉଚ୍ଚ ସ୍ୱରରେ ଗୀତ ଗାଇବାକୁ ଚେଷ୍ଟା କଲା। ଶୃଗାଳ କହିଲା ''ମାତ୍ର ତୁମ ପିତା ସଂଗୀତ ଗାଇବା ବେଳେ ଆଖି ବନ୍ଦ କରୁଥିବାରୁ ଏକ ଅପୂର୍ବ ଭାବାବେଶ ସୃଷ୍ଟି ହେଉଥିଲା। ତାହା ଥିଲା ତାଙ୍କର ବିଶିଷ୍ଟ ଶୈଳୀ।'' ଗଞ୍ଜା ଆହୁରି ପୁଲକିତ ହୋଇ ଆଖି ଦୁଇଟି ବନ୍ଦକରି ଗୀତ ଗାଆନ୍ତେ ଶୃଗାଳ ତା' ଉପରକୁ କୁଦିପଡ଼ି କାମୁଡ଼ି ଧରି ଅରଣ୍ୟ ଭିତରକୁ ଚାଲିଗଲା।

ଘଟଣା ବିଷୟରେ ମାଲିକାଣୀ ବୁଢ଼ୀ ଅବଗତ ହେଲାପରେ ତା'ର ଦଳବଳ ଧରି ଗଞ୍ଜାର ପୁନରୁଦ୍ଧାର ସକାଶେ ଶୃଗାଳର ଅନୁଧାବନ କଲା। ଶୃଗାଳ ପାଟିରେ ଥାଇ ଗଞ୍ଜାଟି କହିଲା, ''ଦେଖ ବନ୍ଧୁ! ଏହି ବୁଢ଼ୀ ଓ ତା' ଦଳ କେତେ ଓଲୁ। ସେମାନେ ତୁମଭଳି ଶକ୍ତିଶାଳୀ ପଶୁର ଅନୁଧାବନ କରୁଛନ୍ତି। ତାଙ୍କୁ ଉପହାସ କରି କହି ଦେଉନ ଯେ ସେମାନଙ୍କ ଶ୍ରମ ବୃଥା ହେବ।'' ପୁଲକିତ ହେଲା ଶୃଗାଳ ଓ କହିଲା 'ତୁମେ ଠିକ୍ କହୁଛ। ମୁଁ କହିଦେଉଛି।' ସେ ମୁହଁ ଖୋଲିବା ମାତ୍ରେ ଗଞ୍ଜାଟି ତା' ପାଟିରୁ ଖସି ଯାଇ ଗଛ ଉପରକୁ ଚାଲିଗଲା। ଶୃଗାଳ ତା'ର ମୂର୍ଖତା ପାଇଁ ଅନୁତାପ କଲା ଓ କହିଲା, ''ହେ ଅନିନ୍ଦ୍ୟ ଗାୟକ। ତୁମ ସହ ମୋ ସମ୍ପର୍କ ଏମାନେ କିପରି ବୁଝିବେ? ମୁଁ ଚାହୁଁଥିଲି ତୁମକୁ ନେଇ ନିକାଞ୍ଚନରେ ତୁମଠାରୁ ଗୀତ ଶୁଣିବି। ଆସ ଶୀଘ୍ର ପଳାଇବା। ତୁମେ ଗାଇବ ଓ ମୁଁ ଶୁଣିବି।'' ମାତ୍ର ଗଞ୍ଜା କହିଲା, ''ଆଉ ଧୂର୍ତ୍ତ ବୁଦ୍ଧିଦ୍ୱାରା ତୁମେ ମୋତେ ପ୍ରତାରଣା କରିପାରିବ ନାହିଁ। ମୁଁ ଯେତେବେଳେ ଆଖି ଖୋଲା ରଖିବା କଥା, ସେତେବେଳେ ଆଖି ବନ୍ଦ କରି ଦୁର୍ଦ୍ଦଶା ଭୋଗିଲି।'' ଶୃଗାଳ ମଧ୍ୟ କହିଲା, ''ମୁଁ ଯେତେବେଳେ ପାଟି ବନ୍ଦ କରିବା କଥା ସେତେବେଳେ ପାଟି ଖୋଲି ମୂର୍ଖାମି କଲି ଓ ତୁମକୁ ହରାଇଲି।''

କାହାଣୀଟି ଚମତ୍କାର ଭାବରେ ସ୍ଥାନ କାଳ ପାତ୍ର ଅନୁସାରେ ବାକ୍‌ଶକ୍ତିର ଉପଯୋଗ କରିବା ଉପରେ ଚେତାବନୀ ଦେଇଛି। ଶାସ୍ତ୍ରରେ ଅଛି ''ବ୍ୟାଘ୍ରୀ ଯଥା ହରେତ୍ ପୁତ୍ରାନ୍ ଦ୍ରଂଷ୍ଟ୍ରୟୋର୍ମଧ୍ୟେ ସଂସ୍ଥିତାନ୍। ଭୀତା ପତନଭେଦଭ୍ୟାଂ ତଦ୍‌ବତ୍ ବର୍ଣ୍ଣାନ୍ ପ୍ରୟୋଜୟେତ୍।'' ଅର୍ଥାତ୍ ବ୍ୟାଘ୍ରୀ ନିଜ ଶାବକକୁ ଉପରତଳ ଦୁଇ ଦାନ୍ତ ମଧ୍ୟରେ ଅତି ସତର୍କତାର ସହ ବହନ କରେ, କାରଣ ଅନ୍ୟଥା ଶାବକ ଭୂଇଁକୁ ଖସି ପଡ଼ିବାର ଅଥବା ତା'ର ଦାନ୍ତ ଶାବକ ଶରୀରକୁ ଭେଦ କରି କ୍ଷତାକ୍ତ କରିବାର ଭୟ ଥାଏ। ଜଣେ ସଂଭ୍ରାନ୍ତ ଯୁବକ ଲଜ୍ଜାବଶତଃ ମହିଳାମାନଙ୍କ ସହ ମିଶି ପାରୁ ନ ଥିବାରୁ ଆତ୍ମଗ୍ଲାନି ଅନୁଭବ କରନ୍ତେ ଜଣେ ବନ୍ଧୁ ତାକୁ କହିଲେ, ''ପ୍ରଥମେ ମହିଳାଙ୍କ ବିଭିନ୍ନ ଜିନିଷକୁ ପ୍ରଶଂସା କରିବୁ। ସେ ବିବାହିତା ନା ନୁହେଁ, ତାଙ୍କର ପିଲାପିଲି କେତେ ଆଦି ସୌହାର୍ଦ୍ଦପୂର୍ଣ୍ଣ ପ୍ରଶ୍ନ ପଚାରିବୁ, ଦେଖିବୁ ସେ ନିଶ୍ଚୟ ତୋ ସଙ୍ଗେ କଥାବାର୍ତ୍ତା କରିବେ।'' ଦିନେ ଯୁବକଟି ଜଣେ ମହିଳାଙ୍କ ସଙ୍ଗେ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ ତାଙ୍କ ବ୍ୟାଗ୍‌ର ପ୍ରଶଂସା କଲା। ମହିଳାଟି ଖୁସି ବ୍ୟକ୍ତ କଲେ। ତା'ପରେ ସେ ପଚାରିଲା ''ଆପଣଙ୍କ ପିଲାପିଲି କେତେ? ମହିଳା ଜଣକ ଉତ୍ତର ଦେଲେ, ପୁଅଟିଏ, ଝିଅଟିଏ।'' ତା'ପରେ ସେ ପଚାରିଲେ, 'ଆପଣ ବିବାହିତା?' ସଙ୍ଗେ ସଙ୍ଗେ ଭଦ୍ରମହିଳା ଉତ୍‌କ୍ଷିପ୍ତ ହୋଇ ତାକୁ ଅଭଦ୍ର ବୋଲି କହନ୍ତେ ଯୁବକଟି ଚାଲି ଆସିଲା ଓ ତାକୁ ତାଲିମ ଦେଇଥିବା ବନ୍ଧୁଙ୍କ ପାଖରେ ସବୁକଥା କହିଲା। ବନ୍ଧୁ କହିଲେ ''ମୂର୍ଖ, ତୁ ସିନା ପ୍ରଥମେ ବିବାହ କଥା ପଚାରିଥାନ୍ତୁ। ତୁ କ୍ରମ ରକ୍ଷା ନ କରି ଅସୁବିଧାରେ ପଡ଼ିଲୁ।'' ଆଉ ଦିନକର କଥା। ସେ ଆଉ ଜଣେ ମହିଳାଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ କଥା ପ୍ରସଙ୍ଗରେ ପଚାରିଲା, 'ମ୍ୟାଡାମ୍ ଆପଣ ବିବାହିତା?' ସେ କହିଲେ 'ନା'। ତା'ପରେ ସେ ପଚାରିଲା 'ଆପଣଙ୍କ ପିଲାପିଲି କେତେ?' ମହିଳା ଜଣକ ଉତ୍‌କ୍ଷିପ୍ତ ହୋଇ ତାକୁ ଅଭଦ୍ର କହିଲେ ଓ ଗାଳି ବର୍ଷଣ କଲେ। ଯୁବକଟି ସଚେତନ ହେଲା ଓ ତାଙ୍କୁ କ୍ଷମା ମାଗି ଚାଲିଆସିଲା। ଏହା ଅବଶ୍ୟ ଯୁବକର ନିର୍ବୋଧତା ବା ନିରୀହତା ହୋଇପାରେ। ମାତ୍ର ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ମତରେ ଏ ପର୍ଯ୍ୟାୟରେ ନିରୀହତା ମଧ୍ୟ ଅଜ୍ଞାନତାର ଅଭିବ୍ୟକ୍ତି। ଏଣୁ ସତର୍କତା ଅବଲମ୍ବନ ନ କଲେ ପାଟିରୁ ଉଚ୍ଚାରିତ ଶବ୍ଦ ଅନ୍ୟକୁ ଆଘାତ ଦେବା ସଙ୍ଗେ ସଙ୍ଗେ ସମାଜରେ ବିଷମ ସମସ୍ୟା ସୃଷ୍ଟିକରେ ଓ ଶାନ୍ତିଭଙ୍ଗ କରେ। ଆମେ କହୁଥିବା ପ୍ରତ୍ୟେକ ଶବ୍ଦ ଆମର ଅନ୍ତଃକରଣରେ ଏକ ଅଲିଭା ଦାଗ ଛାଡ଼ିଯାଏ। ତାହା ଆମ ସ୍ୱଭାବ ଓ ଚରିତ୍ର ନିର୍ମାଣ କରିବାରେ ସାହାଯ୍ୟ କରେ। ଏଣୁ ଭାରତୀୟ ଋଷିଗଣ ଶବ୍ଦ ଉଚ୍ଚାରଣ ଉପରେ ଅତ୍ୟନ୍ତ ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ଛାନ୍ଦୋଗ୍ୟ ଉପନିଷଦରେ ବାକ୍‌କୁ ବ୍ରହ୍ମ କୁହାଯାଇଛି। ଏଣୁ ବାକ୍‌ର ଯଥାର୍ଥ ପ୍ରୟୋଗ ହିଁ ବ୍ରହ୍ମୋପସାନା।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ନିଯୁକ୍ତିର ମରୀଚିକା



ସୁନୀଲ କୁମାର ମିଶ୍ର

ଉପଯୁକ୍ତ ଜୀବିକା ଓ କର୍ମନିଯୁକ୍ତି ପ୍ରତ୍ୟେକ ମନୁଷ୍ୟକୁ ବିକାଶ ଦିଗକୁ ଟାଣି ନେଇଥାଏ। ନିଯୁକ୍ତି ଦେଇଥାଏ ନୂଆ ଆଶାର ଆଲୋକ, ଯାହା ଫଳରେ ବ୍ୟକ୍ତିଟିଏ ନିଜ ପରିବାରର ଭରଣପୋଷଣ କରିବାରେ ସକ୍ଷମ ହୋଇଥାଏ। ସମାଜରେ ବଞ୍ଚିବା ପାଇଁ ହେଲେ ସମସ୍ତଙ୍କର ଆବଶ୍ୟକତା ଥାଏ କର୍ମନିଯୁକ୍ତି, ଯେଉଁଥିରୁ ମିଳୁଥିବା ପାରିଶ୍ରମିକରେ ସେ ନାନା ପ୍ରକାର ଦାୟିତ୍ୱ ବହନ କରିଥାଏ। ପ୍ରତ୍ୟେକ ପରିବାର, ଯାହାର ଗୋଟେ କିମ୍ବା ଦୁଇଟି ପୁଅ କିମ୍ବା ଝିଅ ଥାଏ, ତା'ଠାରୁ ତା'ର ମା'ବାପା ବୃଦ୍ଧ ବୟସରେ କର୍ମ ନିଯୁକ୍ତିର ଆଶା ରଖିଥାଆନ୍ତି। ଏମିତି ଅନେକ ପରିବାରର ପିଲା କର୍ମନିଯୁକ୍ତି ଆଶାରେ ଦିନ ମଜୁରିଆ ରୂପେ ବାହାରେ ଖଟି ପରିବାରର ଭାର ବହନ କରିଥାନ୍ତି। ଉପଯୁକ୍ତ ସରକାରୀ ନିଯୁକ୍ତି ପାଇ ନ ପାରି ଯୌବନ ଅବସ୍ଥାରେ ଭାରାକ୍ରାନ୍ତ ହୋଇ ପଡ଼ନ୍ତି। ନିଯୁକ୍ତିକୁ ଚାହିଁ ଚାହିଁ ଝିଅଟିଏର ବୟସ ଯଦି ୨୧ ବର୍ଷ ଛୁଇଁଯାଏ ଓ ଯଦି ସେ କୌଣସି ନିଯୁକ୍ତି ନ ପାଇଥାଏ, ତାକୁ ବିବାହ ବନ୍ଧନରେ ଛନ୍ଦି ଦବାରେ ମା'ବାପା ଲାଗିପଡ଼ନ୍ତି। ଓଡ଼ିଶାରେ ନିଯୁକ୍ତି ଉପଯୁକ୍ତ ଭାବରେ ନ ବାହାରୁ ଥିବାରୁ ବେରୋଜଗାରି ଓ ବେକାରି ସମସ୍ୟା ବଢ଼ି ଚାଲିଛି। ରାଜ୍ୟରେ ମୋଟ ୧୧ ଲକ୍ଷ ୯୭ ହଜାର ୪୯୭ ଜଣ ବେରୋଜଗାରୀ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ଏହି ସଂଖ୍ୟା ଗତ ୫ ବର୍ଷରେ ୩ ଲକ୍ଷ ୧୩ ହଜାର ୮୫୮କୁ ବଢ଼ିଛି। ଏହି ତଥ୍ୟ ବିଧାନସଭାରେ ସରକାର ଉପସ୍ଥାପନ କରିଛନ୍ତି।

ନିଯୁକ୍ତି କ୍ଷେତ୍ରରେ ଅଧିକ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ କମ୍ ସଂଖ୍ୟକ ପଦବୀ ବାହାର କରି ସରକାରଗୁଡ଼ିକ ଯୁବତୀ ଯୁବକମାନଙ୍କୁ ହତୋତ୍ସାହିତ କରି ଦେଉଛନ୍ତି। କମ୍ ସଂଖ୍ୟକ ପଦବୀକୁ ମାତ୍ରାଧିକ ଯୁବତୀ ଯୁବକଙ୍କ ସଂଖ୍ୟା ଯୋଗୁ ଚାକିରି ପ୍ରାପ୍ତ କରିବା ଏବେ କଷ୍ଟକର ବିଷୟ ପାଲଟିଛି। ବିଭିନ୍ନ ବିଭାଗରେ ଦୁଇ ଲକ୍ଷରୁ ଅଧିକ ପଦବୀ ଖାଲିପଡ଼ିଛି। ନିଯୁକ୍ତିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ବିଧାନସଭାରେ ସରକାର ଦର୍ଶାଇଥିଲେ ଯେ, ନାନା ସଂଖ୍ୟକ ପଦବୀ ଖାଲିପଡ଼ିଛି ; କିନ୍ତୁ ତାହା ପୂରଣ କରିବା ଉଦ୍ୟମର ଅଭାବ ଦେଖାଦେଇଛି। ରାଜ୍ୟର ପ୍ରଶାସନିକ ସେବା କ୍ଷେତ୍ରରେ ଖାଲିପଡ଼ିଛି ବହୁ ପଦବୀ ଯଥା: ୬୭ ଆଇଏଏସ୍, ୬୯ ଆଇପିଏସ୍, ୨୫୩ ଓଏଏସ୍, ୨୭୪ ଓଡ଼ିଶା ଅର୍ଥ ସେବା, ୬୧୧ ଓଡ଼ିଶା ବନ ସେବା, ୨୬୩ ଓଡ଼ିଶା ରାଜସ୍ୱ ସେବା।

ଯୁବକ ଓ ଯୁବତୀମାନଙ୍କ ମନରେ ନିଯୁକ୍ତି ପାଇବାର ଆଶା କିଛିକ୍ଷଣ ପାଇ ଉଇଁ ଉଠୁଛି, ଉପଯୁକ୍ତ ପଦବୀ ପୂରଣ ନ ହେଉଥିବାରୁ ତାହା ମଉଳି ଯାଉଛି। ଓଡ଼ିଶା ପୋଲିସ ସର୍ଭିସର ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୬ରେ ୧୪ ପଦବୀ, ୨୦୧୭ରେ ୯, ୨୦୧୮ରେ ୧୫, ୨୦୧୯ରେ ୭, ୨୦୨୦ ଓ ୨୦୨୧ ମସିହାରେ ଏହାର ସଂଖ୍ୟା ୬ ଥିଲା। ୨୦୨୩ରେ ମଧ୍ୟ ସେହି



ସଂଖ୍ୟା ୬ ଥିଲା। କ୍ରମେ ଏହାର ପଦବୀ ୨୦୨୨ ମସିହାରେ ଶୂନ୍ୟ(୦) ଥିଲା ଏବଂ ୨୦୨୪ରେ ବି ଶୂନ୍ୟ(୦) ଅଛି। ଏତେ କମ୍ ଓଡ଼ିଶା ପୋଲିସ ସେବା ପଦବୀର ବିଜ୍ଞପ୍ତି ହବାର କାରଣ କ'ଣ । ଓଡ଼ିଶାରେ ସରକାରୀ ଚାକିରି ପରୀକ୍ଷା ନିମନ୍ତେ ବର୍ଷ ବର୍ଷ ଧରି ନିଜକୁ ପ୍ରସ୍ତୁତ କରୁଥିବା ଯୁବକ ଓ ଯୁବତୀମାନେ ପଦବୀ ସଂଖ୍ୟା କମ୍ ହୋଇଥିବା ଯୋଗୁ ହତାଶ ହୋଇଯାଉଛନ୍ତି। ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଜିଲା ପାଠାଗାର, ଉପଖଣ୍ଡ ପାଠାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ଓ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଗ୍ରନ୍ଥାଗାର ପଦବୀ ମଧ୍ୟ ବହୁତ ବର୍ଷ ହେଲା ଖାଲିପଡ଼ିଛି ତାହା ମଧ୍ୟ ପୂରଣ କରିବାର ନା ଧରୁନାହାନ୍ତି। ସରକାର ମାଗଣା ବାଣ୍ଟିବା ବଦଳରେ କର୍ମ ନିଯୁକ୍ତି ଦିଅନ୍ତେ ସେତା ସବୁଠାରୁ ଭଲହୁଅନ୍ତା। ନିଯୁକ୍ତି ଆଶାରେ ଯୁବତୀ ଯୁବକମାନେ ବି ଏ, ବି.ଏସ୍.ସି, ଏମ୍ଏ, ଗ୍ରନ୍ଥାଗାର ସୂଚନା ବିଜ୍ଞାନରେ ସ୍ନାତକୋତ୍ତର ହୋଇ ମଧ୍ୟ ଅଧିକ ପଦବୀ ନ ବାହାରୁ ଥିବାରୁ କିମ୍ବା ପଦବୀ ଖାଲି ପଡୁଥିବାରୁ ସେମାନେ ନିଯୁକ୍ତି ପାଇ ପାରୁନାହାନ୍ତି । ସରକାର କିଛି ପଦକ୍ଷେପ ନେବେ ବୋଲି ଆଶା କିନ୍ତୁ ଏପର୍ଯ୍ୟନ୍ତ ସେମିତି କିଛି ପଦକ୍ଷେପ ନେଇନାହାନ୍ତି। ତେଣୁ ପଦବୀ ପୂରଣ ହବ କି ନାହିଁ ଆଉ ଭରସା କରିପାରିନାହାନ୍ତି।

ନିଯୁକ୍ତିର ଅଭାବ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଶିକ୍ଷା ଓ ଦକ୍ଷତାର ଅପଚୟ ଘଟୁଛି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଠିକ୍ ସମୟରେ ନିଯୁକ୍ତି ନ ପାଇ ଯୁବକ ଓ ଯୁବତୀମାନଙ୍କର ବୟସ ସୀମା ବଢ଼ିବା ସହିତ ସେମାନେ କେତେକ ପଦବୀରେ ଆବେଦନ କରିବାକୁ ସକ୍ଷମ ହୋଇ ପାରୁନାହାନ୍ତି। ଅନ୍ୟ ରାଜ୍ୟମାନଙ୍କ ପରି ଓଡ଼ିଶାରେ ସରକାରୀ ଚାକିରି ଆବେଦନ କରିବାର ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରିବାରେ ଅସମର୍ଥ। ଯଦି ଭିତ୍ତିଭୂମି ସୁଦୃଢ଼ ନ ରହିଲେ ସୁନ୍ଦର ଘରଟିଏ କେମିତି ଗଢ଼ିଉଠିବ? ଯଦି ସରକାର ଅସଂଖ୍ୟ ଯୁବତୀ ଯୁବକମାନଙ୍କ ଡାକରା ନ ଶୁଣିବେ, ତେବେ କିଏ ଶୁଣିବ? ଏ ଡାକରା କେବେ ସରକାରଙ୍କ କର୍ଣ୍ଣପାତ ହବ ଓ ଉପଯୁକ୍ତ ନିଯୁକ୍ତି ବାହାରିବା ସହିତ ମାତ୍ରାଧିକ ଖାଲିଥିବା ପଦବୀଗୁଡ଼ିକ ମଧ୍ୟ ପୂରଣ ହେବ। ''ଧୁଆ ମୂଳା ଅଧୁଆ ମୂଳା ସମାନ'' ଅର୍ଥାତ୍ ଯେଉଁଠି ଭଲ ମନ୍ଦ ଉତ୍କୃଷ୍ଟ ନିକୃଷ୍ଟ ବିଚାର ହୁଏ ନାହିଁ । ଓଡ଼ିଶାରେ ବାରମ୍ବାର ଏହିପରି ପରିସ୍ଥିତି ଉପୁଜି ଚାଲିଛି। ଆମ ରାଜ୍ୟ ସରକାର ବହୁତ କମ ପରିମାଣର ନିଯୁକ୍ତି ସୃଷ୍ଟି କରିବା ଓ ଆମ ରାଜ୍ୟର ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କରେ ୨୦,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି, କିନ୍ତୁ ବିଗତ ରାଜ୍ୟ ସରକାର ତାକୁ ପୂରଣ କରିବାକୁ ଇଚ୍ଛା ପ୍ରକାଶ କରିନଥିଲେ ଆଉ ଉପସ୍ଥିତ ସରକାର କ'ଣ କରୁଛନ୍ତି ସେଟା ଦେଖିବା ବାକି ରହିଲା।

ମୋ: ୯୭୭୬୮୪୨୬୭୨

## ଏଇ ଭାରତରେ

ଜନସଂଖ୍ୟା ନିୟନ୍ତ୍ରଣ କରିବା ଲାଗି ଏକ ନିଆରା ପଦ୍ଧତି ଆପଣାଇଛନ୍ତି ଉତ୍ତରପ୍ରଦେଶ ମିରଟର ଏକ ଦମ୍ପତି ଦିନେଶ ତଲୱାର ଓ ଦିଶା ତଲୱାର। ସେମାନେ ଲୋକଙ୍କୁ ସଚେତନ କରିବା ପାଇଁ ରାସ୍ତାରେ ଓଲଟା ଚାଲୁଛନ୍ତି। ସେମାନେ ହାତରେ ଜନସଂଖ୍ୟା ନିୟନ୍ତ୍ରଣର ପ୍ଲାକାର୍ଡ ଧରି ଚାଲୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଏହି ଦମ୍ପତି ରାସ୍ତାରେ ଓଲଟା ଚାଲୁଛନ୍ତି, ଅର୍ଥାତ ପଛକୁ ପାଦ ପକାଇ ଚାଲୁଛନ୍ତି। ଏହି କାମ ସେମାନେ ଦୀର୍ଘ ୩୨ ବର୍ଷ ହେଲା କରିଆସୁଛନ୍ତି। ଏଭଳି ଅଭିନବ ପଦଯାତ୍ରା ସମୟରେ ସେମାନେ ଦୁଇଟି ସନ୍ତାନ ଯଥେଷ୍ଟ ବୋଲି ବାର୍ତ୍ତା ଦେଉଛନ୍ତି। ଦିନେଶ ଓ ଦିଶା ଏଯାବତ ଭାରତରେ ୪୦୦ରୁ ଊର୍ଦ୍ଧ୍ୱ ସହର ବୁଲି ସାରିଲେଣି। ଏହି ଦମ୍ପତି କହନ୍ତି ଯେ, ଏବେ ପରିବେଶ ସନ୍ତୁଳନ ଠିକ୍ ରଖିବା ପାଇଁ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତା ଦେଖାଦେଇଛି। ଏଥିପାଇଁ ସେମାନେ ଲୋକଙ୍କୁ ସଚେତନ କରୁଛନ୍ତି ଓ ସରକାର ଏ ନେଇ ଆଇନ ଆଣିବା ଆବଶ୍ୟକ ବୋଲି ମତ ଦିଅନ୍ତି। ସେମାନେ ଏହି ଅଭିଯାନ ଚଳାଇଥିବାବେଳେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି। ହେଲେ ସେମାନଙ୍କ ଲକ୍ଷ୍ୟରୁ କେବେ ବି ବିଚ୍ୟୁତ ହୋଇନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଏପ୍ରିଲ ୧୯୭୬

- ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ସମ୍ପର୍କୀୟ ବିଶେଷଜ୍ଞମାନେ ସାରା ଦେଶ ପାଇଁ ଏକ ପ୍ରକାରର କେତେକ ରାସ୍ତା ସଙ୍କେତ ଉଦ୍ଭାବନ କରିଛନ୍ତି।
- ନାଇଜେରିଆରେ ସାମରିକ ବିଦ୍ରୋହ ଉଦ୍ୟମରେ ଅଭିଯୁକ୍ତ ହୋଇଥିବା ୭ ଜଣଙ୍କୁ ଫାଶୀ ଦିଆଯାଇଛି।
- ୫୪ ବର୍ଷୀୟା ଭାଲେରି ଆନ୍‌ଫ୍ରେ ଫ୍ରାନ୍ସ ସୈନ୍ୟ ବାହିନୀର ଇତିହାସରେ ପ୍ରଥମ ଥର ପାଇଁ ଜେନେରାଲ ପାହ୍ୟାକୁ ଉନ୍ନୀତ।

## ଚିରନ୍ତନୀ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ ବିଷୟ ବିଚାର
କେବଳ ରମଣୀ ପୁରୁଷ ବେନି।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| | | | 6 | | 7 | | 4 | 3 |
| | | 8 | | | 3 | | | 6 |
| | 7 | | | | | 1 | | |
| | 3 | 9 | | | 5 | | | |
| | 4 | | | 7 | 8 | | | 2 |
| | | | 7 | | | | | |
| | | | | 8 | | | 9 | |
| | 9 | 6 | | 1 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 6 | 5 | 3 | 2 | 4 | 8 |
| 2 | 5 | 6 | 4 | 1 | 8 | 3 | 9 | 7 |
| 4 | 3 | 8 | 9 | 2 | 7 | 1 | 5 | 6 |
| 7 | 6 | 3 | 5 | 9 | 1 | 8 | 2 | 4 |
| 5 | 9 | 2 | 8 | 6 | 4 | 7 | 1 | 3 |
| 1 | 8 | 4 | 7 | 3 | 2 | 9 | 6 | 5 |
| 3 | 4 | 5 | 1 | 7 | 9 | 6 | 8 | 2 |
| 6 | 1 | 7 | 2 | 8 | 5 | 4 | 3 | 9 |
| 8 | 2 | 9 | 3 | 4 | 6 | 5 | 7 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର

ମହାଶୟ,

ସ୍କୁଲଗୁଡିକରେ ବିଦ୍ୟାର୍ଥୀମାନେ ବିଭିନ୍ନ କିସମର ମଡେଲ ପ୍ରସ୍ତୁତ କରିଥାନ୍ତି ଯାହାକି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ପ୍ରକଳ୍ପଭିତ୍ତିକ ଶିକ୍ଷା ହେଉଛି ଏକ ଉପକରଣାତ୍ମକ ପଦ୍ଧତି, ଯାହା ଛାତ୍ରୀଛାତ୍ରମାନଙ୍କୁ ପ୍ରକଳ୍ପରେ ନିୟୋଜିତ କରି ଦକ୍ଷତା ଏବଂ ଜ୍ଞାନ ବିକାଶ କରିବାରେ ସହାୟକ ହୋଇଥାଏ । ସାଧାରଣତଃ ବିଦ୍ୟାର୍ଥୀମାନେ ମଡେଲଗୁଡିକୁ ପ୍ରସ୍ତୁତ କଲାବେଳେ ପରିବେଶ ପ୍ରତିକୂଳ ସାମଗ୍ରୀ ଯଥା ସୋଲ, ପ୍ଲାଷ୍ଟିକ ଇତ୍ୟାଦି ବ୍ୟବହାର କରିଥାନ୍ତି । ଏହି ପରିପ୍ରେକ୍ଷୀରେ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ସେମାନଙ୍କର ମଡେଲଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ଯଥାସମ୍ଭବ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ପରାମର୍ଶ ଦେବା ଆବଶ୍ୟକ। ଶିକ୍ଷାନୁଷ୍ଠାନଗୁଡିକରେ ପରିବେଶ ପ୍ରତିକୂଳ ସାମଗ୍ରୀ ଦ୍ୱାରା ହେଉଥିବା ପ୍ରଦୂଷଣ ବିଷୟରେ ପିଲାଙ୍କୁ ଧାରଣା ଦେବା ଦରକାର । ଯେଉଁଠାରେ ନ ହେଲେ ନ ଚଳେ ସେଠାରେ ଅବଶ୍ୟ ପ୍ଲାଷ୍ଟିକ ବ୍ୟବହାର କରାଯାଇପାରିବ । ଫଳସ୍ୱରୂପ ବିଦ୍ୟାର୍ଥୀମାନେ ପିଲାଦିନରୁ ହିଁ ପରିବେଶ ପ୍ରତି ସଚେତନ ହୋଇପାରିବେ ।

–ନବନୀତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାରୀ ବିରୋଧୀ କାର୍ଯ୍ୟ ବନ୍ଦ ନ ହେବା ଯାଏ ସଂଘର୍ଷ ଜାରି ରହିବ: ଲଲ୍ଲୁ




ଛାତ୍ରନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲ ପରିସରରେ ମଙ୍ଗଳବାର କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଅନ୍ୟମାନେ ଭେଟି ଫେରୁଛନ୍ତି।

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟରୁ ନାରୀ ବିରୋଧୀ ସରକାରର ମୂଳୋତ୍ପାଟନ ନ ହେବା ଯାଏ କଂଗ୍ରେସର ସଂଘର୍ଷ ଜାରି ରହିବ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି। ମଙ୍ଗଳବାର ଛାତ୍ରନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲରେ ଭେଟିବା ଅବସରରେ ଲଲ୍ଲୁ ଖବରଦାତାଙ୍କୁ କହିଛନ୍ତି ଯେ, ରାଜ୍ୟରେ ୬୪ହଜାର ମହିଳା ଓ ଶିଶୁ ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପରିବର୍ତ୍ତେ ରାଜ୍ୟ ସରକାର ସେମାନଙ୍କ ପାଇଁ ଯିଏ ସ୍ୱର ଉଠାଉଛନ୍ତି ତାଙ୍କୁ ଦମନ କରିବାରେ ଲାଗିଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୨୭ରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ବେଳେ ପୋଲିସ ଅଗଣତାନ୍ତ୍ରିକ ଭାବେ କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସ୍‌ଲାମ ବେଗ୍, ଚନ୍ଦନ ସାହୁ, ଆସିଫ୍ ଖାନ୍, ବିଜୟ ସାହୁ ଓ ପ୍ରତୀକ ଦାସଙ୍କୁ ଗିରଫ କରିଛି। ଛାତ୍ରାବାସରେ ରହୁଥିବା ଷଷ୍ଠ, ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଗର୍ଭବତୀ ହେବା ସହିତ ବହୁ ମହିଳା ନିର୍ଯାତିତ ଓ ବଳାତ୍କାରର ଶିକାର ହେବା ଘଟଣା ସବୁଦିନ ଘଟୁଛି। ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ଓ ସେମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ବିଧାନସଭା ଘେରାଉ କରିଥିଲା। ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ଚାଲିଥିବା ବେଳେ ଅମାନୁଷିକ ଭାବେ ଆମକୁ ପୋଲିସ ଲାଠି ପ୍ରହାର, ପାଣିମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା, ଯାହାଦ୍ୱାରା କି ଆମର ଅନେକ ନେତୃବୃନ୍ଦ ଓ କର୍ମୀ ଗୁରୁତର ଆହତ ହୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଲଲ୍ଲୁ କହିଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଆମେ ଏବଂ ଆମର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଡରିଯିବା ଲୋକ ନୁହନ୍ତି। ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବିରେ ଏବଂ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ବିରୋଧରେ ଆମ ଆନ୍ଦୋଳନ ଜାରି ରହିବ ବୋଲି ଲଲ୍ଲୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ପ୍ରମୁଖ ସାମିଲ ଥିଲେ।

# ବିଜେଡିକୁ ୪ରୁ ୫ ନେତା କବ୍‌ଜା କରିଛନ୍ତି: ଅମରେଶ

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

ବିଜେଡିରେ ଏବେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଦଳର ୫ ଜଣ ନେତା ଦାୟିତ୍ୱ ପାଇବାକୁ ନେଇ କର୍ପୋରେଟର ଅମରେଶ ଜେନା ସିଧାସଳଖ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଅମରେଶ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୪ରୁ ୫ ଜଣ ନେତା ଏବେ ଦଳକୁ କବ୍‌ଜାକରି ନେଇଛନ୍ତି। ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶା ନେତାମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପ୍ରସନ୍ନ ଆଚାର୍ଯ୍ୟ, ରୋହିତ ପୂଜାରୀ, ଏ.ୟୁ. ସିଂଦେଓ, ବିକ୍ରମ ଆରୁଖ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଦାମ ମାରାଣ୍ଡିଙ୍କ ଭଳି ଅନେକ ନେତାଙ୍କୁ ଏମାନେ ଡାକୁନାହାନ୍ତି କି ପଚାରୁନାହାନ୍ତି। ୨୪ ବର୍ଷ ହେଲା ଦଳ ପାଇଁ ଏଭଳି ବହୁ ନେତା ଅନେକ କାର୍ଯ୍ୟ କରିଛନ୍ତି। ଯେଉଁ ୪ରୁ ୫ ଜଣ ନେତା ଦଳକୁ କବ୍‌ଜା କରିଛନ୍ତି ସେମାନେ ହାରିଛନ୍ତି। ହାରିଥିବା ନେତାମାନେ ନିଜ ଅଞ୍ଚଳରେ ଅଧିକ ବୁଲିବା କଥା। ଏମାନେ ମୂଷା ହୋଇ ଦଳର ଚେର କାଟୁଛନ୍ତି। ଯେଉଁ ନେତାମାନେ ଦାୟିତ୍ୱ ସମ୍ଭାଳିବାକୁ ଆସିଛନ୍ତି ସେମାନେ ନିଜ ଅଞ୍ଚଳରେ ୧୦ରୁ ୨୫ ହଜାର ପର୍ଯ୍ୟନ୍ତ ଭୋଟ ବ୍ୟବଧାନରେ ହାରିଛନ୍ତି। ନିଜ ଅଞ୍ଚଳ ଛାଡ଼ି କେବଳ ଭୁବନେଶ୍ୱରରେ ବସି ମାମଲତି କଲେ ବୋଲି ବହୁ ନେତା ହାରିଲେ। ଏମାନେ ବିଜେଡିକୁ ବଙ୍ଗୋପସାଗରରେ ବୁଡ଼ାଇବା ଲାଗି ଯୋଜନା କରୁଛନ୍ତି। ବିଜେଡି ଏବେ ଚାରିଫାଳ ହୋଇଗଲାଣି। ସେମାନଙ୍କୁ ଲୋକଲୋଚନକୁ ଆଣିବୁ, ପ୍ରତ୍ୟେକ ଛକରେ ସେମାନଙ୍କୁ ପ୍ରଶ୍ନ ପଚରାଯିବ ବୋଲି ଅମରେଶ କହିଛନ୍ତି। ଅନ୍ୟପଟେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡିରେ କୌଣସି କନ୍ଦଳ ନାହିଁ। ବିଜେଡି ଓଡ଼ିଶା ସ୍ୱାର୍ଥର ଜାଗ୍ରତ ପ୍ରହରୀ। ଦଳ ଚଳଚଞ୍ଚଳ ଅଛି। ଲୋକଙ୍କ ସ୍ୱାର୍ଥ ଲାଗି ଦଳ ସ୍ୱର ଉଠାଇଥିଲା ଏବଂ ଉଠାଇବ ବୋଲି ପ୍ରସନ୍ନ କହିଛନ୍ତି।

## ଦଳରେ କନ୍ଦଳ ନାହିଁ: ପ୍ରସନ୍ନ

# ସଦାଶିବଙ୍କ ଜୟନ୍ତୀରେ ଅବିଭକ୍ତ କୋରାପୁଟ ଜିଲା ଲୋକ ପ୍ରତିନିଧିଙ୍କୁ ଉପେକ୍ଷା: ମୁନା ଖାଁ

ନବରଙ୍ଗପୁର,୨୨।୪ (ସଦାଶିବ ପ୍ରହରାଜ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଅବିଭକ୍ତ କୋରାପୁଟ ଜିଲାର ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଛି ବୋଲି ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଅଭିଯୋଗ କରିଛନ୍ତି। ମଙ୍ଗଳବାର ନବରଙ୍ଗପୁରସ୍ଥିତ ସର୍କିଟ ହାଉସ୍‌ରେ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୧୧୫ତମ ଜୟନ୍ତୀ ପାଳନ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଜିଲାରୁ ଭାଜପାର କର୍ମକର୍ତ୍ତା ହେଲେ ଡ. ତ୍ରିପାଠୀଙ୍କ ଜନ୍ମସ୍ଥାନ ନବରଙ୍ଗପୁର ଓ ଅବିଭକ୍ତ କୋରାପୁଟ ଜିଲାର କୌଣସି ଲୋକ ପ୍ରତିନିଧି ଉପସ୍ଥିତ ନ ଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦଳର ୧୪ ବିଧାୟକ, ୨ ଜଣ ଲୋକ ସଭା ସଦସ୍ୟ ଓ ଜଣେ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। କାହାରିକୁ ନିମନ୍ତ୍ରଣ ନ କରି ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ମୁନା ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନବରଙ୍ଗପୁର ଜିଲାର ତଥା ଶାବରୀ ସଂସ୍କୃତି ପରିଷଦର ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଏଥି ପୂର୍ବରୁ ଲୋକ ପ୍ରତିନିଧିମାନଙ୍କୁ ଏଭଳି କେବେ ଅବହେଳା କରାଯାଇ ନ ଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ତ୍ରୁଟି କାହିଁକି ହେଲା ସେ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ରାଜ୍ୟ ସରକାର ଜବାବ ରଖନ୍ତୁ ବୋଲି ମୁନା ଖାଁ ଦାବି କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପ ସଭାପତି ବଦ୍ରିନାରାୟଣ ସିଂ ଓ ନଗର ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ।



ନବରଙ୍ଗପୁରସ୍ଥିତ ସର୍କିଟ ହାଉସରେ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ (ମଝି)ଙ୍କ ସମେତ ଅନ୍ୟ ବିଜେଡି ନେତା।

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

## କେସରା ନାବାଳିକା ବଳାତ୍କାର ମାମଲା

ଭୁବନେଶ୍ୱର,୨୨।୪ (ରବିନାରାୟଣ ଜେନା)

ସୁନ୍ଦରଗଡ଼ ଅନ୍ତର୍ଗତ ତଳସରାଠାରେ ହୋଇଥିବା ନାବାଳିକା ବଳାତ୍କାର ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତଥ୍ୟାନୁଧ୍ୟାନ କମିଟି ଗଠନ କରାଯାଇଛି। ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କମିଟିରେ କଂଗ୍ରେସ ବିଧାୟକ ସି.ଏସ. ରାଜନ ଏକ୍କା ଅଧ୍ୟକ୍ଷ ରହିଥିବା ବେଳେ ଅମିତା ବିଶ୍ୱାଳ, ଅନିମା ମିଞ୍ଜ ଓ ନିର୍ମଳ ନାୟକ ସଭ୍ୟ ରହିଛନ୍ତି ବୋଲି ପିସିସି ପକ୍ଷରୁ କୁହାଯାଇଛି।

# ଅକ୍ଷୟ ତୃତୀୟାରେ ରାଜ୍ୟବ୍ୟାପୀ ଚାଷୀ ସମାବେଶ କରିବ ଭାଜପା

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

ଅକ୍ଷୟ ତୃତୀୟା ହେଉଛି ଏକ କୃଷିଭିତ୍ତିକ ପର୍ବ। ଓଡ଼ିଶାରେ ଏହିଦିନ ଚାଷୀ ନିଜ ଜମିରେ ମୁଠି ଅନୁକୂଳ କରିଥାଆନ୍ତି। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାରେ ଓଡ଼ିଶା ଭାଜପା କୃଷକ ମୋର୍ଚ୍ଚା ସବୁ ବିଧାନସଭା କ୍ଷେତ୍ରରେ ଅଖିମୁଠି ଅନୁକୂଳ କରିବ। ସେହିପରି ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମହେଶ୍ୱର କହିଛନ୍ତି, କୃଷି ଓ କୃଷକର ଉନ୍ନତି ପାଇଁ ଭାଜପା ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରିଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ଭାଜପା କୃଷକ ମୋର୍ଚ୍ଚା ତରଫରୁ ଅବଗତ କରାଯିବ। ରାଜ୍ୟବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି।

# ନୂଆପଡ଼ା, ସୁନ୍ଦରଗଡ଼ ଓ ପୁରୀ ଜିଲା କଂଗ୍ରେସ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ନୂଆପଡ଼ା, ସୁନ୍ଦରଗଡ଼ ଓ ପୁରୀ ଜିଲାରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ଓ ଦଳୀୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ଲାଗି ନୂତନ ସଂଯୋଜକ ନିଯୁକ୍ତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ନୂଆପଡ଼ା ଜିଲା ନିମନ୍ତେ ବରିଷ୍ଠ କଂଗ୍ରେସ ନେତା ଘାସିରାମ ମାଝୀ ଜିଲା ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବେଳେ ସୁନ୍ଦରଗଡ଼ ପାଇଁ ନିର୍ମଳ ନାୟକ ଓ ପୁରୀ ପାଇଁ ରାଜେଶ କୁମାର ମିଶ୍ର ନିଯୁକ୍ତ ହୋଇଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି।


**ପୂର୍ବ ତଟ ରେଳପଥ**

Tender No.: MCSW-ISO-GREENCO-25-26-01, ତାରିଖ : 15.04.2025

| | |
|---|---|
| କାର୍ଯ୍ୟର ନାମ | ମଞ୍ଚେଶ୍ୱରରେ ଗ୍ରୀନ କୋ ... |
| ଟେଣ୍ଡର ମୂଲ୍ୟ | ଟ. 7,08,752.98, EMD: ଟ. 14,200/- |
| କାର୍ଯ୍ୟସମାପ୍ତି ଅବଧି | 36 ମାସ |
| ବିଡ଼୍ ଆରମ୍ଭ ତାରିଖ | 25.04.2025 |
| ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ | ତା. 09.05.2025 ଦିନ 1500 ଘଣ୍ଟାରେ |

www.ireps.gov.in

ଉପମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ (POH) ମଞ୍ଚେଶ୍ୱର

PR-52/O/25-26

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, HAZARIBAG**
Short e-Procurement Re-Tender Notice
Tender Reference No. :- DMFT/MID/HAZARIBAG/F2-01/2025-26
Letter no - 379 Date :- 22.04.2025

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Construction work of boundary wall, gate, toilet etc. of Kasturba Gandhi Balika Vidyalaya, Chouparan, Block- Chouparan, Dist.- Hazaribag. | 1,54,93,500.00 | 11 Months |
| 2. | Miscellaneous construction work for the upgradation of Shepherd Primary School, Gauriyakarma, Block- Barhi Dist.- Hazaribag. | 43,41,300.00 | 11 Months |

| | | |
|---|---|---|
| 1. | Date of Publication of e-Tender on website | 28.04.2025 at 3:00 P.M (e-Procurement Portal- http://jharkhandtenders.gov.in) |
| 2. | Last date/Time for Submission of e-Tender bids Online | 06.05.2025 up to 5:00 P.M |
| 3. | Last Date for Online Submission of Tender Fee and EMD | 06.05.2025 up to 5:00 P.M |
| 4. | Date of opening of e-Tender | 08.05.2025 at 03:00 P.M |
| 5. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 6. | Contact no. of e-Procurement officer | 06546-270485 |
| 7. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in

Executive Engineer, Minor Irrigation Division, Hazaribag

PR 350845 Minor Irrigation (25-26)_D

**ପୂର୍ବ ତଟ ରେଳପଥ**

Auction Catalogue No. SDCM-KUR-PAY PAY & USE TOILETS ନିମନ୍ତେ ଇ-ନିଲାମ

... ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ: ତା 02.05.2025 ଦିନ 1100 ଘଣ୍ଟାରେ ... ତା 03.05.2025 ଦିନ 1000 ଘଣ୍ଟାରେ ... ତା 06.05.2025 ଦିନ 1400 ଘଣ୍ଟାରେ ...

http://www.ireps.gov.in

PR-59/O/25-26

**झारखण्ड सरकार**
**खेलकूद एवं युवाकार्य निदेशालय**
(पर्यटन, कला-संस्कृति, खेलकूद एवं युवाकार्य विभाग)
गेट नं० – 28, बिरसा मुण्डा फुटबॉल स्टेडियम, मोराबादी, राँची – 834008
E-mail Id - directorsportsjharkhand@gmail.com

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा (10/2024–25 दिनांक 07.02.2025) विज्ञापन संख्या – PR No. 346900 (Art, Culture, Sports & Youth Affairs) Dt. 22-02-2025 को पर्याप्त संख्या में तकनीकी रूप से योग्य निविदादाता नहीं पाये जाने के कारण निरस्त किया जाता है।

ह०/–निदेशक, खेलकूद एवं युवाकार्य निदेशालय, झारखण्ड, राँची

PR 350847 (Art Culture Sports and Youth Affairs)25-26*D

**Govt. of Jharkhand**
**ROAD CONSTRUCTION DEPARTMENT**
**Road Divison , Seraikella-Kharsawan**
**e-Procurement Notice**
Tender Reference No. RCD/SERAIKELLA/01 Date :- 21.04.2025

| | | |
|---|---|---|
| 1. | Name of the work | Improvement of Riding Quality work of Kandr Khunti Icharagh From Km 21.10 to Km 30.00 Road (Total Length 8.90 Km) for the Year 2025-26 |
| 2. | Estimated Cost (Rs.) | Rs.6,88,34,583.58 (RupeeSixCroreEighty EightlakhThirty Fourthousand FiveHundredEighty Threeand PaiseFifty Eightonly) |
| 3. | Cost of BoQ (Rs.) | Rs. 10,000.00 (Rupees Ten Thousand Only) |
| 4. | Earnest Money (Rs.) | Rs. 689,000.00 (Rupees Six LakhEighty NineThousand Only) |
| 5. | Time of Completion | 04 (Four) Months |
| 6. | Last Date /Time for receipt of bids | 20.05.2025(12.00Noon) |
| 7. | Date of Publication of Tender on website | 30.04.2025 (10.30 AM) |
| 8. | Name & Address of office Inviting tender | Ashok Kumar Rajak O/o Executive Engineer , Road Construction Department Road Division, Seraikella-Kharsawan |
| 9. | Contact no. of Procurement Officer | 9199867872 |
| 10. | Helpline number of e-Procurement cell | 06512401010 |

Estimated and Earnest Money can be increase or decrease
Further details can be seen on website http://jharkhandtenders.gov.in

Executive Engineer RCD , Road Division Seraikella-harsawan

PR 350773 Road(25-26)D

See Career Appointment on every Wednesday & Saturday

**FORM NO. 3**
[See Regulaton-15(1)(a)]
**IN DEBTS RECOVERY APPELLATE TRIBUNAL AT KOLKATA**
**9, old post office Street, 7th Floor, Kolkata-700001**
**Appeal No.: 52 OF 2019**
**Arising out of S.A. No.4 of 2019 in DRT, Cuttack**

STATE BANK OF INDIA ... Appellant
-Versus-
ANSHUMAN MISHRA & ORS. ... Respondents

To,
(1-A) **ANSHUMAN MISHRA**, residing at Parada Padia, Ward No.:10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-A)**
(1-B) **ARATI MISHRA**, residing at Parada Padia, Ward No.: 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-B)**
(1-C) **LINU MISHRA**, residing at Brahma Mandir Sahi, Unit No.: 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-C)**
(1-D) **LIPI DAS**, residing at Brahma Mandir Sahi, Unit No.: 10, P.O & P.S.: Baripada, Dist.: Mayurbhanj, PIN-757001. **(Respondent no.1-D)**
(2) **M/S. KAMYAB TELEVISION PVT. LTD.**, represented through its Managing Director Sri Manoj Dash, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.2)**
(3) **SRI MANOJ DASH**, Son of Goura Charan Das, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.3)**
(4) **SMT. LIPI DAS, W/o.: Sri Manoj Dash, Director of M/S. Kamyab Television Pvt. Ltd.**, at 159, Alaka Building, Unit-2, Ashok Nagar, Bhubaneswar-751009. **(Respondent no.4)**
(5) **SRI SUKANTA NAYAK**, Son of Late Sadhu Charan Nayak, at Plot No.:176, Baramunda Housing Board Colony, P.S.: Khandagiri, Bhubaneswar-751003. **(Respondent no.5)**

**SUMMONS**

1. WHEREAS the appellant has filed an appeal U/s. 18 of the Securitisation and Reconstruction of Financial Assets & Enforcement of Security interest Act, 2002 against the order passed by the Ld. Presiding Officer, DRT, Cuttack and other reliefs. You are hereby summoned to appear and file written statement before this Tribunal at 10.30a.m. or at such time immediately thereafter according to the convenience of Tribunal on **14.05.2025** to answer the claim.
2. If you intend to file any documents, you may file the same with a list along with the written Statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader/Advocate duly instructed.
4. Take notice that, in default of your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this 17th day of April, **2025.**

Sd/- Registrar
Debts Recovery Appellate Tribunal
Kolkata

**ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ** pnb punjab national bank Together for the better
**ଡିମାଣ୍ଡ ନୋଟିସ୍**

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଟ୍ରାଜନ, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇମେଲ: cs8310@pnb.co.in

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

[illegible]

| ଡିଫଲ୍ଟର ଶାଖା (୭୮୦୮୦୦) ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ଟ୍ରେଡ଼ର୍ସ, ... [illegible] | ୩୧.୦୩.୨୦୨୨ / ୦୭.୦୩.୨୦୨୫ / ଟ.୫୪,୫୦,୦୦୦/- | ୩୧.୦୧.୨୦୨୫ ସୁଦ୍ଧା ଟ.୬୪,୪୬,୫୯୮.୦୦ ... | ଶ୍ରୀ ଭୁବନେଶ୍ୱର କୁମାର, ... [illegible] |

ସ୍ଥାନ: ସମ୍ବଲପୁର, ତାରିଖ: ୨୨.୦୪.୨୦୨୫ ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ

## ସଂକ୍ଷେପରେ

### ବ୍ରିଜ୍‌ରୁ ଖସିଲା ଏସ୍‌ୟୁଭି, ୮ ମୃତ



**ଭୋପାଳ ୨୨।୪**

ମଧ୍ୟପ୍ରଦେଶ ଦାମୋହ ଜିଲାର ସିମ୍ରି ଗ୍ରାମ ନିକଟରେ ମଙ୍ଗଳବାର ଏକ ଏସ୍‌ୟୁଭି କାର୍ ନିୟନ୍ତ୍ରଣ ହରାଇ ବ୍ରିଜ୍‌ରୁ ଖସି ଶୁଖିଲା ନଦୀରେ ପଡ଼ିଯାଇଛି। ଘଟଣାସ୍ଥଳରେ କାର୍‌ରେ ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଦାମୋହ ଏସ୍‌ପି ଶ୍ରୁତ୍‌କୀର୍ତ୍ତି ସୋମବଂଶୀ କହିଛନ୍ତି। ଏହି ପରିବାର ମଧ୍ୟପ୍ରଦେଶର ଜବଲପୁର ନିବାସୀ ହୋଇଥିବାବେଳେ ସେମାନେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ଉକ୍ତ ଦୁର୍ଘଟଣା ଘଟିଛି।

### ଗୁଆହାଟୀ ହାଇକୋର୍ଟଙ୍କୁ ବୋମା ଧମକ

**ଗୁଆହାଟୀ, ୨୨।୪**

ଆସାମର ଗୁଆହାଟୀ ହାଇକୋର୍ଟକୁ ମଙ୍ଗଳବାର ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ ଯୋଗେ ଏକ ଧମକ ହସ୍ତଗତ ହୋଇଛି। ଇ-ମେଲରେ ଧମକ ମିଳିବା ପରେ ତୁରନ୍ତ ପୋଲିସ ଏବଂ ସୁରକ୍ଷା ବଳ ହାଇକୋର୍ଟରେ ପହଞ୍ଚି ତଲାସି ଅଭିଯାନ ଆରମ୍ଭ କରିଥିଲେ। ବୋମା ନିରୋଧୀ ଦଳ ହାଇକୋର୍ଟର ପ୍ରତ୍ୟେକ କୋଣକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ସତ୍ତ୍ୱେ ମଧ୍ୟ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନାହିଁ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଏହି ବୋମା ଧମକ ଏକ ଗୁଜବ ପରି ମନେହେଉଥିବା ସେ କହିଛନ୍ତି।


### ଓଠ ସିଲ୍ ହୋଇଥିବା ମହିଳାଙ୍କ ମୃତଦେହ ଟ୍ରଲିବ୍ୟାଗ୍‌ରୁ ଜବତ

**କୋଲକାତା,୨୨।୪**

କୋଲକାତା ଉପକଣ୍ଠ ବାଗୁଇହାଟିର ଏକ ରାସ୍ତା ପାର୍ଶ୍ୱରେ ପଡ଼ିରହିଥିବା ଟ୍ରଲିବ୍ୟାଗ୍‌ରୁ ଜଣେ ମହିଳାଙ୍କ ଓଠ ସିଲ୍ ହୋଇଥିବା ମୃତଦେହ ମିଳିଛି। ସୋମବାର ରାତିରେ କେହି ଉକ୍ତ ଟ୍ରଲିବ୍ୟାଗ୍‌କୁ ସେଠାରେ ପକାଇଦେଇ ପଳାଇଥିଲେ। ମଙ୍ଗଳବାର ସକାଳେ ଖବରକାଗଜ ହକର ତାହାକୁ ଦେଖିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟ୍ରଲିବ୍ୟାଗ୍ ଖୋଲି ତା' ଭିତରୁ ଜଣେ ସାଲୱାର କୁର୍ତ୍ତା ପିନ୍ଧିଥିବା ଯୁବତୀଙ୍କ ମୃତଦେହ ଠାବ କରିଥିଲା। ତାଙ୍କ ଓଠକୁ ଟେପ୍ ଲଗାଇ ସିଲ୍ କରିଦିଆଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ତେବେ ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଟ୍ରଲିବ୍ୟାଗ୍‌ରେ ଭର୍ତ୍ତି କରାଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି।

# ନ୍ୟାୟପାଳିକାକୁ ଧନ୍‌କରଙ୍କ ପୁଣି ଟାର୍ଗେଟ

**ନୂଆଦିଲ୍ଲୀ,୨୨।୪(ପି.ଟି.)**


ଜଗଦୀପ୍ ଧନ୍‌କର

ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ମଙ୍ଗଳବାର ପୁଣିଥରେ ନ୍ୟାୟପାଳିକାକୁ ଟାର୍ଗେଟ କରିଛନ୍ତି। ଦିଲ୍ଲୀ ୟୁନିଭର୍ସିଟିରେ ଉଦ୍‌ବୋଧନ ଦେବା ଅବସରରେ ବ୍ୟବସ୍ଥାପିକା ଏବଂ କାର୍ଯ୍ୟକାଳିକାର କାର୍ଯ୍ୟ ପରିସରରେ ନ୍ୟାୟପାଳିକାର ହସ୍ତକ୍ଷେପକୁ ସମାଲୋଚନା କରିବା ସହ ପାର୍ଲାମେଣ୍ଟ ସର୍ବୋପରି ବୋଲି ଦୋହରାଇଛନ୍ତି। ସଂସଦ ଉପରେ ଅନ୍ୟ କାହାର କର୍ତ୍ତୃତ୍ୱ ନାହିଁ। ସାମ୍ବିଧାନିକ ପଦାଧିକାରୀଙ୍କ ଦ୍ୱାରା କୁହାଯାଉଥିବା ପ୍ରତ୍ୟେକଟି ଶବ୍ଦ ସର୍ବୋଚ୍ଚ ଜାତୀୟ ସ୍ୱାର୍ଥ ଦ୍ୱାରା ମାର୍ଗଦର୍ଶିତ ହୋଇଥାଏ ବୋଲି ସେ କହିଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କୁ ୧୯୭୭ରେ ଉତ୍ତରଦାୟୀ କରାଯାଇଥିଲା। ତେଣୁ ଏହା ନିଃସନ୍ଦେହ ଯେ ସମ୍ବିଧାନ ଲୋକମାନଙ୍କ ପାଇଁ ଏବଂ ଏହାର ସୁରକ୍ଷାର ଭଣ୍ଡାର ହେଉଛନ୍ତି ନିର୍ବାଚିତ ଲୋକ ପ୍ରତିନିଧି ବୋଲି ଧନ୍‌କର କହିଛନ୍ତି। ସୁପ୍ରିମକୋର୍ଟଙ୍କ ଦୁଇଟି ପରସ୍ପର ବିରୋଧୀ ବିବୃତିର ଉଦାହରଣ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ଗୋରକନାଥ ମାମଲାରେ ପ୍ରସ୍ତାବନା ସମ୍ବିଧାନର ଅଂଶବିଶେଷ ନୁହେଁ ବୋଲି କୁହାଯାଇଥିବାବେଳେ କେଶବାନନ୍ଦ ଭାରତୀ ମାମଲାରେ ପ୍ରସ୍ତାବନାକୁ ଏହାର ଅଂଶବିଶେଷ କୁହାଯାଇଥିଲା। ଏକ ଗଣତନ୍ତ୍ରରେ ଆଲୋଚନାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରାଯାଇପାରିବ ନାହିଁ ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଅନ୍ୟପକ୍ଷରେ ଧନ୍‌କରଙ୍କ ମନ୍ତବ୍ୟକୁ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ କପିଲ ସିବଲ୍ ବିରୋଧ କରିଛନ୍ତି। ପାର୍ଲାମେଣ୍ଟ କିମ୍ବା କାର୍ଯ୍ୟନିର୍ବାହୀ ସର୍ବୋଚ୍ଚ କର୍ତ୍ତା ନୁହନ୍ତି ବରଂ ସମ୍ବିଧାନ ସର୍ବୋଚ୍ଚ ବୋଲି ସିବଲ କହିଛନ୍ତି। ସମ୍ବିଧାନରେ ରହିଥିବା ବ୍ୟବସ୍ଥା ସୁପ୍ରିମକୋର୍ଟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥାଏ। ସେଥିପାଇଁ ଦେଶ ଆଜି ପର୍ଯ୍ୟନ୍ତ ଆଇନକୁ ବୁଝିପାରିଥିବା ସିବଲ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟପାଳ ପଠାଇଥିବା ବିଲ୍ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ଘଟଣାକୁ ଉପରାଷ୍ଟ୍ରପତି ବିରୋଧ କରିଥିଲେ। ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବା କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ବିବାଦ ଜାରି ରହିଥିବାବେଳେ ଧନ୍‌କର ପୁଣିଥରେ ନ୍ୟାୟପାଳିକାକୁ ଟାର୍ଗେଟ କରିଛନ୍ତି।

## ନିଶିକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବାର୍ ଆସୋସିଏଶନ

**ନୂଆଦିଲ୍ଲୀ,୨୨।୪**

ସୁପ୍ରିମକୋର୍ଟଙ୍କ ବିରୋଧରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ସର୍ବୋଚ୍ଚ ଅଦାଲତର ବାର୍ ଆସୋସିଏଶନ୍ ନିନ୍ଦା କରିଛି। ଏହା କେବଳ ମାନହାନି ନୁହେଁ ବରଂ ଅଦାଲତ ଅବମାନନା। ଭାଜପା ନେତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ଆଟର୍ନି ଜେନେରାଲ ସହମତ ହେବେ ବୋଲି ଆଶା କରାଯାଉଥିବା ଆସୋସିଏଶନ ପକ୍ଷରୁ ଏକ ସଂକଳ୍ପନାମାରେ କୁହାଯାଇଛି। ଭାଜପା ନେତା କେବଳ ସୁପ୍ରିମକୋର୍ଟଙ୍କ ଉପରେ ନୁହେଁ ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଉପରେ ମଧ୍ୟ ବ୍ୟକ୍ତିଗତ ଆକ୍ରମଣ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀମାନେ ଆଣିଥିବା ସଂକଳ୍ପନାମାରେ କୁହାଯାଇଛି।

ସୁପ୍ରିମକୋର୍ଟ ଆଇନ ପ୍ରଣୟନ କଲେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ଆବଶ୍ୟକତା କ'ଣ ବୋଲି ଗତ ରବିବାର ନିଶିକାନ୍ତ କହିଥିଲେ। ଦେଶରେ ଗୃହଯୁଦ୍ଧ ପାଇଁ ସେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଦାୟୀ କରିଥିଲେ। ବିଲ୍ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହାକୁ ବିରୋଧ କରି ନିଶିକାନ୍ତ କହିଥିଲେ, ପାର୍ଲାମେଣ୍ଟ ଦେଶର


ନିଶିକାନ୍ତ ଦୁବେ

ଆଇନ ପ୍ରଣୟନ କରିଥିବାବେଳେ ଆପଣମାନେ ପାର୍ଲାମେଣ୍ଟକୁ ନିର୍ଦ୍ଦେଶ ଦେଉଛନ୍ତି। ଆପଣମାନେ କିପରି ନୂଆ ଆଇନ ତିଆରି କଲେ ବୋଲି ସେ ସର୍ବୋଚ୍ଚ ଅଦାଲତଙ୍କୁ ପ୍ରଶ୍ନ କରିଥିଲେ।


ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରାଯାଉଛି।

## ସାଉଦି ଆରବରେ ପ୍ରଧାନମନ୍ତ୍ରୀ ମୋଦି

**ଜେଦ୍ଦା, ୨୨।୪**

ଦୁଇଦିନିଆ ସାଉଦି ଆରବ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜେଦ୍ଦା ବିମାନବନ୍ଦରରେ ୨୧ ତୋପ ସଲାମୀ ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ପ୍ରବାସୀ ଭାରତୀୟମାନେ ମୋଦି ମୋଦି ସ୍ଲୋଗାନ ଦେଇଥିଲେ। ଏହି ଗସ୍ତ ଭାରତ ଏବଂ ସାଉଦି ଆରବର ବନ୍ଧୁତାକୁ ଆହୁରି ମଜଭୁତ କରିବ ବୋଲି ମୋଦି ଏକ୍ସ'ରେ ଲେଖିଛନ୍ତି। ହଜ୍ କୋଟା, ପ୍ରତିରକ୍ଷା, ବାଣିଜ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ବିମାନ ଦୁର୍ଘଟଣାରେ ପାଇଲଟ୍ ମୃତ



ଅମରେଲୀର ଗିରିୟା ରୋଡ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ପ୍ରଶିକ୍ଷଣ ବିମାନ।

**ଅମରେଲୀ, ୨୨।୪**

ଗୁଜରାଟର ଅମରେଲୀରେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ପାଇଲଟ୍‌ଙ୍କ ମୃତ୍ୟୁ ହୋଇଥିବା ନେଇ ପୋଲିସ ସୂଚନା ଦେଇଛି। ଏକ ଘରୋଇ ବିମାନ ଏକାଡେମୀର ଏହି ପ୍ରଶିକ୍ଷଣ ବିମାନଟି ମଙ୍ଗଳବାର ଦ୍ୱିପ୍ରହର ସମୟରେ ଅମରେଲୀ ସହରର ଗିରିୟା ରୋଡ୍ ନିକଟସ୍ଥ ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ବିମାନ ମଧ୍ୟରେ ଥିବା ଜଣେ ଟ୍ରେନିଂ ପାଇଲଟଙ୍କର ମୃତ୍ୟୁ ଘଟିଛି ବୋଲି ଅମରେଲୀ ଏସ୍‌ପି ସଞ୍ଜୟ ଖରାଟ କହିଛନ୍ତି। ବିମାନଟି ଏକ ଗଛରେ ପିଟିହୋଇ ତଳେ ପଡ଼ିଯାଇଥିବା ନେଇ ସେ କହିଛନ୍ତି। ଏହି ଦୁର୍ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଅମରେଲୀ ବିମାନବନ୍ଦରରୁ ଉଡ଼ାଣ କରିଥିବା ଏହି ପ୍ରଶିକ୍ଷଣ ବିମାନରେ କେବଳ ପାଇଲଟ ଏକୁଟିଆ ଥିଲେ ବୋଲି ଖରାଟ କହିଛନ୍ତି।

## ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ: ମୋଦି

**ଶ୍ରୀନଗର,୨୨।୪**

ଜମ୍ମୁ-କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବିପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିବା ସହ ଏହି ଜଘନ୍ୟ କାର୍ଯ୍ୟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ କିମ୍ବା ସେମାନଙ୍କ ନକାରାତ୍ମକ ଯୋଜନାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସାଉଦି ଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ କଥା ହୋଇ ସ୍ଥିତିର ମୁକାବିଲା ଲାଗି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାହା ଶ୍ରୀନଗରରେ ପହଞ୍ଚି ସୁରକ୍ଷା ଏଜେନ୍ସିଗୁଡ଼ିକ ସହ ସ୍ଥିତି ସମୀକ୍ଷା କରିଛନ୍ତି। ସେ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ତଥା ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି।

ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆକ୍ରମଣକୁ ନିନ୍ଦା କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥିତି ସମୀକ୍ଷା ପାଇଁ ସେ ଘଟଣାସ୍ଥଳକୁ ଯାଇଛନ୍ତି। ପ୍ରକୃତ ମୃତ୍ୟୁସଂଖ୍ୟା ଅସ୍ପଷ୍ଟ ରହିଛି। ନିକଟ ଅତୀତରେ ଏହା ସାଧାରଣ ନାଗରିକଙ୍କ ଉପରେ ସବୁଠୁ ବଡ଼ ଆକ୍ରମଣ ବୋଲି ଓମାର କହିଛନ୍ତି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ଉପରାଜ୍ୟପାଳ ମନୋଜ ସିହ୍ନା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତି ନିନ୍ଦା କରିଛନ୍ତି।

### ଶ୍ରୀନଗରରେ ସ୍ଥିତି ସମୀକ୍ଷା କଲେ ଶାହା

ପର୍ଯ୍ୟଟକମାନଙ୍କୁ ସହାୟତା ପାଇଁ ଜମ୍ମୁ-କଶ୍ମୀର ସରକାର ମଙ୍ଗଳବାର ୨୪ ଘଣ୍ଟିଆ ଜରୁରୀ ହେଲ୍ପଲାଇନ ଜାରି କରିଛନ୍ତି। ଅନନ୍ତନାଗ ଜିଲା ପ୍ରଶାସନ ଦ୍ୱାରା ଏହି ଜରୁରୀ ହେଲ୍ପଡେସ୍କ ସ୍ଥାପନ କରାଯାଇ ପର୍ଯ୍ୟଟକଙ୍କୁ ଆବଶ୍ୟକ ସହାୟତା ଓ ସୂଚନା ଯୋଗାଇ ଦିଆଯାଉଛି। ପର୍ଯ୍ୟଟକମାନେ ୦୧୯୩୨୨୨୨୩୩୭, ୭୭୮୦୮୮୫୭୫୯, ୯୬୯୭୯୮୨୫୨୭ କିମ୍ବା ୬୦୦୬୩୬୫୨୪୫ ନମ୍ବରରେ ଯୋଗାଯୋଗ କରିପାରିବେ। ଶ୍ରୀନଗରରେ ଏକ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପହଲଗାମ ଆକ୍ରମଣ ଘଟଣାରେ ସହାୟତା ପାଇଁ ପର୍ଯ୍ୟଟକ ୦୧୯୪୨୪୫୭୫୪୩, ୦୧୯୪୨୪୮୩୬୫୧ କିମ୍ବା ୭୦୦୬୦୫୮୬୨୩ ସହ ଯୋଗାଯୋଗ କରିପାରିବେ।

## ସଂରକ୍ଷଣ ପାଇଁ ଜାତିକୁ ବର୍ଗୀକୃତ କରାଯାଇ ପାରିବନି: ହାଇକୋର୍ଟ

**ବେଙ୍ଗାଲୁରୁ, ୨୨।୪**

ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ପାଇଁ କୌଣସି ଜାତିକୁ ବିଭିନ୍ନ ଶ୍ରେଣୀରେ ବର୍ଗୀକୃତ କରାଯାଇ ପାରିବ ନାହିଁ ବୋଲି ମଙ୍ଗଳବାର ଏକ ମାମଲାର ଶୁଣାଣି ବେଳେ କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ବର୍ଗୀକୃତ କରାଯିବାକୁ ଚ୍ୟାଲେଞ୍ଜ କରି ମହୀଶୂର ଜିଲାର ଡି. ସୁମିତ୍ରା ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ସମାନ ଭାବେ ଗ୍ରୁପ୍ ବି ଅଧୀନରେ ରଖିବାକୁ ଜଷ୍ଟିସ୍ ସୁରଜ ଗୋବିନ୍ଦରାଜ୍‌ଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବାଲାଜିଗା/ବନାଜିଗା ସମ୍ପ୍ରଦାୟକୁ ଗ୍ରୁପ୍ ବି ଏବଂ ନିଯୁକ୍ତି କ୍ଷେତ୍ରରେ ଗ୍ରୁପ୍ ଡି'ରେ ସ୍ଥାନିତ କରାଯିବା ପକ୍ଷପାତପୂର୍ଣ୍ଣ ଏବଂ ଅସାମ୍ବିଧାନିକ ହୋଇଥିବା ଉଚ୍ଚ ଅଦାଲତ କହିଛନ୍ତି।

## ୨୦୦୦ରୁ କଶ୍ମୀରରେ ଘଟିଥିବା ବଡ଼ ଆତଙ୍କବାଦୀ ଆକ୍ରମଣ

**ଶ୍ରୀନଗର,୨୨।୪(ପି.ଟି.)**

୨୦୦୦ରୁ ଜମ୍ମୁ-କଶ୍ମୀରରେ ବିଭିନ୍ନ ସମୟରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ବହୁ ନିରୀହ ଜନସାଧାରଣଙ୍କ ଜୀବନ ଯାଇଛି। ଏଠାରେ କେତୋଟି ବଡ଼ ଆକ୍ରମଣର ତଥ୍ୟ ଉପସ୍ଥାପନ କରାଗଲା।

**୨୦୦୦ ମାର୍ଚ୍ଚ ୨୧:** ଆତଙ୍କବାଦୀମାନେ ଅନନ୍ତନାଗ ଜିଲାର ଛତିସିଂପୋରା ଗ୍ରାମରେ ଥିବା ସଂଖ୍ୟାଲଘୁ ଶିଖ୍ ସମ୍ପ୍ରଦାୟକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏଥିରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୦ ଅଗଷ୍ଟ:** ଅମରନାଥ ଯାତ୍ରା ବେଳେ ନୁନ୍‌ୱାନ୍ ବେସ୍ କ୍ୟାମ୍ପ ଉପରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ୩୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ଅଧିକାଂଶ ଅମରନାଥ ତୀର୍ଥଯାତ୍ରୀ ଥିଲେ। ସେହି ମାସରେ ଅନନ୍ତନାଗର ଶେଷନାଗ ବେସ୍ କ୍ୟାମ୍ପରେ ଆକ୍ରମଣ ଯୋଗୁ ୧୩ ଜଣ ପ୍ରାଣ ହରାଇଥିଲେ।

**୨୦୦୧ ଅକ୍ଟୋବର ୧:** ଶ୍ରୀନଗରସ୍ଥିତ ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭା କମ୍ପ୍ଲେକ୍ସ ଉପରେ ଆତ୍ମଘାତୀ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୨:** ଅମରନାଥ ଯାତ୍ରୀଙ୍କୁ ଟାର୍ଗେଟ କରି ଚନ୍ଦନୱାରି ବେସ୍ କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୧ ଯାତ୍ରୀ ନିହତ ହୋଇଥିଲେ। ସେହିବର୍ଷ ନଭେମ୍ବର ୨୩ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଦକ୍ଷିଣ କଶ୍ମୀର ଅନ୍ତର୍ଗତ ଲୋୟର ମୁଣ୍ଡାରେ ଆଇଇଡି ବିସ୍ଫୋରଣ ଘଟି ୧୯ ଜଣଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରେ ୯ ଜଣ ସୁରକ୍ଷା ଯବାନ, ୩ ମହିଳା ଓ ୨ ଛୋଟ ପିଲା ଥିଲେ।

**୨୦୦୩ ମାର୍ଚ୍ଚ ୨୩:** ପୁଲ୍‌ୱାମା ଜିଲାର ନନ୍ଦିମାର୍ଗ ଗ୍ରାମରେ ଆତଙ୍କବାଦୀଙ୍କ ଗଣସଂହାରରେ ୧୧ ମହିଳା ଏବଂ ୨ ପିଲାଙ୍କ ସମେତ ଅନ୍ୟୂନ ୨୪ କଶ୍ମୀର ପଣ୍ଡିତଙ୍କ ଜୀବନ ଯାଇଥିଲା।

**୨୦୦୫ ଜୁନ୍ ୧୩ :** ପୁଲ୍‌ୱାମାର ଏକ ସରକାରୀ ସ୍କୁଲ୍ ସମ୍ମୁଖ ବଜାରରେ ବିସ୍ଫୋରକଭର୍ତ୍ତି କାର ବିସ୍ଫୋରଣ ଘଟି ୩ ସିଆର୍‌ପିଏଫ୍ ଯବାନ, ୨ ସ୍କୁଲ୍ ପିଲାଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୬ ଜୁନ୍ ୧୨:** କୁଲ୍‌ଗାମରେ ଆତଙ୍କବାଦୀ ଆକ୍ରମଣରେ ୯ ଜଣ ନେପାଳୀ ଓ ବିହାରୀ ଶ୍ରମିକ ପ୍ରାଣ ହରାଇଥିଲେ।

**୨୦୧୭ ଜୁଲାଇ ୧୦:** କୁଲ୍‌ଗାମରେ ଅମରନାଥ ଯାତ୍ରା ବସ୍‌କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ କରିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଫୁରସତ୍


# ନିଆରା କାର୍ ସଂଗ୍ରହାଳୟ

### ରହିଛି ଜୋତା, ଭ୍ୟାନିଟ୍ ବ୍ୟାଗ୍, ବର୍ଗର, କମ୍ପ୍ୟୁଟର ଆକୃତିର କାର୍

**ହାଇଦ୍ରାବାଦ**








ହାଇଦ୍ରାବାଦର ନେହେରୁ ପାର୍କ ନିକଟରେ ଏକ ଅନନ୍ୟ କାର୍ ସଂଗ୍ରହାଳୟ ରହିଛି, ଯେଉଁଠାରେ ବିଭିନ୍ନ ଅଜବ ଡିଜାଇନ୍‌ର କାର୍ ବହୁ ବର୍ଷ ଧରି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଆସୁଛି। ସୁଧା କାର୍ ସଂଗ୍ରହାଳୟ ନାମକ ଏହି ମ୍ୟୁଜିୟମରେ ବିଭିନ୍ନ ଅଜବ ଡିଜାଇନ୍ ବିଶିଷ୍ଟ କାର୍ ଥିବାରୁ ଏହା ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ମଧ୍ୟ ସ୍ଥାନ ପାଇଛି।

ଏହି କାର୍ ସଂଗ୍ରହାଳୟରେ ଏକ ବଡ଼ ଜୋତା ଆକୃତିର କାର୍ ରହିଛି, ଯାହାକୁ ଦେଖିବା ପରେ ଯେ କେହି ବି ଏହା ଏକ କାର୍ ହୋଇଥିବା ନେଇ ବିଶ୍ୱାସ କରିପାରନ୍ତି ନାହିଁ। ସେହିପରି ଏହି ମ୍ୟୁଜିୟମରେ ଏକ ପେନ୍‌ସିଲ ଆକୃତିର ମଧ୍ୟ କାର୍ ରହିଛି, ଯାହାକୁ ପିଲାମାନେ ଖୁବ୍ ପସନ୍ଦ କରିଥାନ୍ତି। ସେହିପରି ଏଠାରେ ଲେଡିଜ୍ ପର୍ସ, ଚପଲ, ବର୍ଗର, ସୋଫା ସେଟ୍, କମ୍ପ୍ୟୁଟର ଏବଂ ଟଏଲେଟ୍ ପରି ଦେଖାଯାଉଥିବା ବିଭିନ୍ନ ବିଚିତ୍ର ଡିଜାଇନ୍‌ର କାର୍ ମଧ୍ୟ ରହିଛି, ଯାହାକୁ ଦେଖି ଲୋକେ ବିସ୍ମିତ ହୋଇଯାଇଥାନ୍ତି। ଏହି କାର୍‌ଗୁଡିକର ଉତ୍ପାଦନ ମୂଲ୍ୟ ୮୫ ହଜାର ଟଙ୍କାରୁ ୧.୫ ଲକ୍ଷ ଟଙ୍କା ମଧ୍ୟରେ ରହିଥାଏ।

ସୁଧା କାର୍ ସଂଗ୍ରହାଳୟର ନିର୍ଦ୍ଦେଶକ ସୁଧାକର ଯାଦବ କହିଛନ୍ତି, ପିଲାଦିନୁ ତାଙ୍କର ମୋଟର କାର୍ ଏବଂ ମେକାନିକ୍ସ ପ୍ରତି ରୁଚି ରହିଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ପୁରୁଣା ସାମଗ୍ରୀ ଫୋପଡ଼ା ଯାଉଥିବା ସ୍ଥାନରୁ ବିଭିନ୍ନ ବ୍ୟବହାର ଯୋଗ୍ୟ ଜିନିଷ ସଂଗ୍ରହ କରି ନିଜ ପ୍ରଥମ କାର୍‌କୁ ନିର୍ମାଣ କରିଥିଲେ। ୨୦୦୫ରେ ସର୍ବବୃହତ ଟ୍ରାଇସାଇକେଲର ନିର୍ମାଣ କରିଥିବାରୁ ତାଙ୍କ ନାମ ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହୋଇଥିଲା। ୨୦୦୫ ଜୁଲାଇ ୧ରେ ସେ ହାଇଦ୍ରାବାଦ ସଡ଼କରେ ୪୧.୬ ଫୁଟ ଉଚ୍ଚ ଏବଂ ୩୭.୩ ଫୁଟ ଲମ୍ବାର ଟ୍ରାଇ ସାଇକେଲର ନିର୍ମାଣ କରି ଏହାକୁ ଚଲାଇଥିଲେ। ପ୍ରକାଶ ଯେ, ଏହି ଅନନ୍ୟ କାର୍ ସଂଗ୍ରହାଳୟ ପ୍ରତ୍ୟେକ ଦିନ ସକାଳ ୯.୩୦ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିଥାଏ। ଏଠାରେ ପ୍ରବେଶ ପାଇଁ ବୟସ୍କଙ୍କୁ ୧୦୦ ଟଙ୍କା ଏବଂ ପିଲାଙ୍କୁ ୮୦ ଟଙ୍କାର ଟିକେଟ ରହିଛି।

## 'ଗୋଲ୍ଡ ହାଉସ୍ ଗାଲା ୨୦୨୫'ରେ ସମ୍ମାନିତ ହେବେ ପ୍ରିୟଙ୍କା

**ମୁମ୍ବାଇ**



ଆସନ୍ତା ମାସରେ ହେବାକୁ ଥିବା 'ଗୋଲ୍ଡ ହାଉସ୍ ଗାଲା ୨୦୨୫'ରେ ହଲିଉଡ୍ ଏବଂ ବଲିଉଡ୍‌ରେ ନିଜ ଅବଦାନ ପାଇଁ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ପ୍ରଥମ ଗ୍ଲୋବାଲ ଭାନ୍‌ଗାର୍ଡ ସମ୍ମାନରେ ସମ୍ମାନିତ କରାଯିବ। ହିନ୍ଦୀ ସିନେମା କ୍ଷେତ୍ରରେ 'କ୍ରିଶ୍', 'ବାଜିରାଓ ମସ୍ତାନି', 'ବର୍ଫି', 'ଡନ୍' ଏବଂ ହଲିଉଡ୍‌ରେ 'ସିଟାଡେଲ', 'ଲଭ୍ ଏଗେନ' ପରି ଫିଲ୍ମରେ ନିଜ ଅଭୂତପୂର୍ବ ଅଭିନୟ ସହ ଏସୀୟ ପ୍ରଶାନ୍ତ ମହାସାଗରୀୟ ସଂସ୍କୃତି ସହ ପାଶ୍ଚାତ୍ୟ ସଂସ୍କୃତିକୁ ଯୋଡ଼ିବାରେ ପ୍ରିୟଙ୍କାଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ମେ' ୧୦ରେ ଲସ୍ ଏଞ୍ଜେଲ୍ସସ୍ଥିତ ମ୍ୟୁଜିକ ସେଣ୍ଟରରେ 'ଗୋଲ୍ଡ ହାଉସ୍ ଗାଲା ୨୦୨୫' ଆୱାର୍ଡ ଶୋ'ର ଆୟୋଜନ ହେବ। ଗୋଲ୍ଡ ଗାଲା ପକ୍ଷରୁ କରାଯାଉଥିବା ଏହି ଇଭେଣ୍ଟରେ ୬୦୦ରୁ ଅଧିକ ପ୍ରଭାବଶାଳୀ ଅତିଥି ଏକତ୍ରିତ ହେବେ। ତାଇୱାନ୍‌ର ପ୍ରସିଦ୍ଧ ଫିଲ୍ମ ନିର୍ମାତା ଆଙ୍ଗ୍ ଲି, ନେପାଳୀ ଆମେରିକୀୟ ଫେଶନ୍ ଡିଜାଇନର ପ୍ରବଲ ଗୁରୁଙ୍ଗ୍, ଆମେରିକୀୟ ଫିଲ୍ମ ନିର୍ଦ୍ଦେଶକ ଜନ୍ ଏମ୍ ଚୁ, କୋରୀୟ ଆମେରିକୀୟ ଲେଖକ ତଥା ଜର୍ନାଲିଷ୍ଟ ମିନ୍ ଜିନ୍ ଲି, ଆମେରିକୀୟ ସିଙ୍ଗର ତଥା ରାପର ଆଣ୍ଡରସନ ପାକ୍ ପ୍ରମୁଖଙ୍କୁ ମଧ୍ୟ ଏହି ଆୱାର୍ଡ ଶୋ'ରେ ସମ୍ମାନିତ କରାଯିବ।

# ଫ୍ଲାଟ୍ ଷ୍ଟିଲ୍ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ

ମୁମ୍ବାଇ,୨୨।୪(ଅଭୟ ଦାଶ)



ଘରୋଇ ଇସ୍ପାତ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଫ୍ଲାଟ୍ ଇସ୍ପାତ ଉତ୍ପାଦ ଆମଦାନୀ ଉପରେ ୧୨% ସେଫ୍‌ଗାର୍ଡ ଡ୍ୟୁଟି (ସୁରକ୍ଷା ଶୁଳ୍କ) ଲାଗୁ କରିଛନ୍ତି, ଯାହା ୨୦୨୫ ଏପ୍ରିଲ ୨୧ରୁ ଆଗାମୀ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଚାଇନା, ଦକ୍ଷିଣ କୋରିଆ ଏବଂ ଜାପାନରୁ ଶସ୍ତା ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ, ଯାହାଦ୍ୱାରା ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଆଶ୍ୱସ୍ତି ମିଳିବ । ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରିମେଡିଜ୍ ଦ୍ୱାରା କରାଯାଇଥିବା ଏକ ତଦନ୍ତରୁ ଜଣାପଡିଛି, ଉପରୋକ୍ତ ଦେଶଗୁଡ଼ିକରୁ ଇସ୍ପାତ ଆମଦାନୀ ଯୋଗୁ ଘରୋଇ ଶିଳ୍ପର ଅଶେଷ କ୍ଷତି ହେଉଛି। ଏହା ଉଲ୍ଲେଖନୀୟ ଯେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାରତ, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଫିନିଶଡ୍ ଇସ୍ପାତର ନିଟ୍ ଆମଦାନୀକାରୀ ପାଲଟିଛି ଏବଂ ୨୦୨୪-୨୫ରେ ଏହି ଆମଦାନୀ ୯ ବର୍ଷର ସର୍ବୋଚ୍ଚ ସ୍ତର ୯.୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଇସ୍ପାତ ସଂଘ (ଆଇଏସ୍ଏ) ଏବଂ ଦେଶର ପ୍ରମୁଖ ଶିଳ୍ପପତିମାନେ ସ୍ୱାଗତ କରିଛନ୍ତି। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହାକୁ ଆତ୍ମନିର୍ଭର ଭାରତ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତି।

### ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଐତିହାସିକ ପଦକ୍ଷେପ: ନବୀନ ଜିନ୍ଦଲ

ଏପରିକି ସେ କହିଛନ୍ତି, ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉପରେ ୧୨% ସେଫ୍‌ଗାର୍ଡ ଡ୍ୟୁଟି ଲାଗୁ କରିବା ପାଇଁ ସରକାରଙ୍କ ନିର୍ଣ୍ଣାୟକ ନିଷ୍ପତ୍ତି ପାଇଁ ଆମେ କୃତଜ୍ଞ, ଯାହା ଅତ୍ୟଧିକ ମୂଲ୍ୟରେ ଆସୁଥିବା ଆମଦାନୀକୁ ରୋକିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା। ସରକାରଙ୍କ ଏହି ସହଯୋଗ ନିବେଶକମାନଙ୍କୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ଲକ୍ଷ୍ୟ ହାସଲ ପାଇଁ ନୂତନ ଉତ୍ସାହ ସହ କାମ କରିବାକୁ ପ୍ରେରଣା ଦେବା ସହ ଏକ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର କରିବ। ଭାରତର ଜାତୀୟ ଇସ୍ପାତ ନୀତି-୨୦୧୭ରେ ଦେଶର ଇସ୍ପାତ ଉତ୍ପାଦନ କ୍ଷମତାକୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଘରୋଇ ବଜାରରେ ଯଥେଷ୍ଟ ପୁଞ୍ଜିନିବେଶ ଏବଂ ବିଶ୍ୱାସର ଆବଶ୍ୟକତା ରହିଛି, ଯାହା କି ନୂତନ ଭାବେ ଲାଗୁ ହୋଇଥିବା ସେଫ୍‌ଗାର୍ଡ ଡ୍ୟୁଟି ପରି ସୁରକ୍ଷାମୂଳକ ପଦକ୍ଷେପ ଦ୍ୱାରା ସୁଦୃଢ଼ ହୋଇପାରିଛି। ସରକାରଙ୍କ ଏହି ପଦକ୍ଷେପ ଭାରତକୁ ବିଦେଶୀ ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ସହିତ ଘରୋଇ ଉତ୍ପାଦନ କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ଚାହୁଁଥିବା ଅନ୍ୟ ଦେଶମାନଙ୍କ ସହିତ ସମନ୍ୱିତ କରୁଛି, ଏକ ସମାନ କ୍ଷେତ୍ର ସୃଷ୍ଟି କରି ଏହି ସେଫ୍‌ଗାର୍ଡ ଡ୍ୟୁଟି ନିବେଶକଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ଏବଂ ଜାତୀୟ ଅଭିବୃଦ୍ଧିରେ ଇସ୍ପାତ କ୍ଷେତ୍ରର ଅବଦାନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଇସ୍ପାତ ଶିଳ୍ପର ଭବିଷ୍ୟତ ପାଇଁ ଏହି ସେଫ୍‌ଗାର୍ଡ ଶୁଳ୍କର କାର୍ଯ୍ୟାନ୍ୱୟନ ଭାରତର ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

# ରାଜକୁମାର ସନ୍ କିଙ୍ଗ୍‌ର ବ୍ରାଣ୍ଡ ଆମ୍ବାସାଡର




ରାଜକୁମାର ରାଓଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

ମୁମ୍ବାଇ,୨୨।୪

ବଲିଉଡ୍ ଅଭିନେତା ରାଜକୁମାର ରାଓ ସନ୍ କିଙ୍ଗ୍‌ର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ସନ୍ କିଙ୍ଗ୍ ସୌରଚାଳିତ ଏବଂ ଶକ୍ତି-ଦକ୍ଷ ବୈଦ୍ୟୁତିକ ଉତ୍ପାଦ-ଯାହା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ଦ୍ୱାରା ବ୍ୟବହୃତ ହେଉଛି। ଅପରପକ୍ଷରେ ଏହା ଭରସାଯୋଗ୍ୟ ବିଜୁଳିର ଅଭାବ ଥିବା ଘରେ ଆଲୋକ, ଶକ୍ତି ଏବଂ ଆରାମ ଆଣିଥାଏ। ରାଜକୁମାର ରାଓଙ୍କୁ ନେଇ ବ୍ରାଣ୍ଡ୍ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଅଧିକ ଖର୍ଚ୍ଚ କିମ୍ବା ସ୍ମାର୍ଟ, ଶସ୍ତା, ପରିବେଶ ଅନୁକୂଳ ଉପକରଣ ବିନା ଭରସାଯୋଗ୍ୟ ଶକ୍ତି ଚାହୁଁଛନ୍ତି।

ଏ ନେଇ ରାଜକୁମାର ରାଓ କହିଛନ୍ତି, ମୁଁ ସବୁବେଳେ ଏଭଳି ପରିବର୍ତ୍ତନରେ ବିଶ୍ୱାସ କରିଥାଏ, ଯାହା ଲୋକଙ୍କ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିଥାଏ । ସନ୍ କିଙ୍ଗ୍ ସୌର ଏବଂ ବୈଦ୍ୟୁତିକ ଉତ୍ପାଦ ଠିକ୍ ତାହା କରିଥାଏ। ଭାରତକୁ ନିରନ୍ତର ଭାବେ ଚମକାଇବା ପାଇଁ ସାହାଯ୍ୟ କରୁଥିବା ଏହି ବ୍ରାଣ୍ଡକୁ ସମର୍ଥନକରି ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି। ସନ୍ କିଙ୍ଗ୍ ଏସିଆ ମାର୍କେଟିଂ ମୁଖ୍ୟ ସୁରଭି ଶର୍ମା କହିଛନ୍ତି, ରାଜକୁମାର ରାଓ ଆମେ କରୁଥିବା ସମାନ ଜିନିଷ-ବାସ୍ତବ ଦୁନିଆର ପ୍ରଭାବ, ବିଶ୍ୱାସ ଏବଂ ଉପଲବ୍ଧତା ପାଇଁ ଠିଆ ହୋଇଛନ୍ତି। ଆମେ ସମସ୍ତେ ମିଶି ଏପରି କାହାଣୀ କହିବୁ, ଯାହା ସମଗ୍ର ଭାରତରେ ପରିବାରର ଆଶା ଏବଂ ବାସ୍ତବତାକୁ ପ୍ରତିଫଳିତ କରିଥାଏ ।ସନ୍ କିଙ୍ଗ୍‌ର ଏସିଆ ଓ ଲାଟିନ ଆମେରିକାର ଜେନେରାଲ ମ୍ୟାନେଜର ସାହିଲ ଖାନ୍ନା କହିଛନ୍ତି, ବଲିଉଡ୍ ସାରା ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ ଏବଂ ରାଜକୁମାର ରାଓ ବାସ୍ତବ, ମାନବିକ କାହାଣୀ ସହିତ ତାଙ୍କର ଆନ୍ତରିକତା ଏବଂ ସମ୍ପର୍କ ପାଇଁ ଜଣାଶୁଣା।

# ଏବି ଏନର୍ଜିଆ ସହ ଜେଏସ୍ଏଲ୍‌ର ବୁଝାମଣା



ଭୁବନେଶ୍ୱର,୨୨।୪

ଏବି ଏନର୍ଜିଆ ସଲ୍ୟୁସନ୍ସ ପ୍ରାଇଭେଟ୍ ଲମିଟେଡ୍ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଓଡ଼ିଶାର ଯାଜପୁରଠାରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଉତ୍ପାଦନର ଅଂଶ ହୋଇ ସୌର ପ୍ରକଳ୍ପ ସ୍ଥାପନ ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଘୋଷଣା କରିଛନ୍ତି। ଅପରପକ୍ଷରେ ଏହି ଭୂମିପୂଜନ ପଦକ୍ଷେପର କ୍ରମାଗତ କ୍ଷମତା ୩୦ ଏମ୍‌ଡବ୍ଲ୍ୟୁପିରୁ ଅଧିକ ରହିଛି, ଯାହା ଓଡ଼ିଶାର ଶିଳ୍ପ କ୍ୟାମ୍ପସ ମଧ୍ୟରେ ସର୍ବବୃହତ ବୋଲି କୁହାଯାଉଛି। ସେହିଭଳି ଏବି ଏନର୍ଜି ସହିତ ସହଭାଗୀ ହୋଇ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଏହାର ଯାଜପୁରସ୍ଥିତ ୟୁନିଟ୍‌ରେ ସ୍ଥାପିତ ସୌରଶକ୍ତି ପ୍ଲାଣ୍ଟରେ ଏକ ୭.୩୨୪ ଏମ୍‌ଡବ୍ଲ୍ୟୁପି ସୌର ପ୍ଲାଣ୍ଟ ଓ ୨୩.୦୨ ଏମ୍‌ଡବ୍ଲ୍ୟୁପି ଛାତ ଉପରେ ସୌର ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇଛି। ଏହି ଅତ୍ୟାଧୁନିକ ପ୍ଲାଣ୍ଟରେ ବାର୍ଷିକ ପ୍ରାୟ ୪୪.୩ ନିୟୁତ ସବୁଜ ଶକ୍ତି ଉତ୍ପାଦିତ ହେବ, ଯାହା ପାରମ୍ପରିକ ଗ୍ରୀଡ୍ ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିଲା। ଏହା ୧୨,୦୦୦-୧୫,୦୦୦ ପରିବାରକୁ ବିଦ୍ୟୁତ୍ ପ୍ରଦାନ କରିବ ଓ ବାର୍ଷିକ ୩୨,୨୦୮ମେଟ୍ରିକ ଟନ୍ ସିଓ୨ ନିର୍ଗମନ ହ୍ରାସ କରିବା ସହ ସମାନ ହେବ।

ଏ ସମ୍ପର୍କରେ ଜେଏସ୍ଏଲ୍ ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ରଣନୀତିକ ସହଭାଗିତା ଜରିଆରେ ଆମର ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲ ଓ ସ୍ଥାୟୀ ଭିତ୍ତିଭୂମି ନିବେଶ କରିବା ଦିଗରେ ଆଗକୁ ବଢୁଛୁ। ଏପରିକି ଆମର ଯାଜପୁରର ଏହି ପ୍ଲାଣ୍ଟ ସର୍ବବୃହତ୍ କ୍ୟାପ୍‌ଟିଭ ସୌର ପ୍ଲାଣ୍ଟ ଭାବେ କାର୍ଯ୍ୟକ୍ଷମ ହେବ। ଏହି ଯାତ୍ରାରେ ଆମେ ନବସୃଜନ ସହ ନବୀକରଣୀୟ ଶକ୍ତିଉତ୍ସକୁ ସମନ୍ୱିତକରି ଏକ ବିଶ୍ୱସ୍ତରୀୟ ସ୍ଥାୟିତ୍ୱ ମାନଦଣ୍ଡ ପ୍ରତିଷ୍ଠା ପ୍ରତି ଉତ୍ତରଦାୟୀ ରହି ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତକୁ ପୁନର୍ଭାଷିତ କରୁଛୁ। ସେହିଭଳି ଏବି ଏନର୍ଜିଆର ସିଇଓ ସିଦ୍ଧାର୍ଥ ଭାଟିଆ କହିଛନ୍ତି, ଆମେ ଏହି ଐତିହାସିକ ପଦକ୍ଷେପ ଜରିଆରେ ଶକ୍ତି ସମାଧାନ ଉଦ୍ଦେଶ୍ୟରେ ଆଗକୁ ପାଦେ ବଢୁଥିବା ହେତୁ ଆନନ୍ଦିତ ଅଛୁ।

# ମୀନାକ୍ଷୀ ରାମରାଜ କଟନର ବ୍ରାଣ୍ଡ ଆମ୍ବାସାଡାର

## ମିଥୁ ଟାୱେଲର ଅନାବରଣ

ଭୁବନେଶ୍ୱର,୨୨।୪

ଦେଶର ପ୍ରମୁଖ ପ୍ରିମିୟମ କଟନ ବ୍ରାଣ୍ଡ୍ 'ରାମରାଜ କଟନ'ର ନୂତନ ଟାୱେଲ ରେଞ୍ଜ 'ମିଥୁ ଟାୱେଲ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ମୀନାକ୍ଷୀ ଚୌଧାରୀ ରାମରାଜ କଟନ (ମିଥୁ ଟାୱେଲ)ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ବ୍ରାଣ୍ଡ୍‌ର ଏହି ନୂତନ ଉତ୍ପାଦ/ ରେଞ୍ଜର ଗୁଣାବତ୍ତା, ଲକ୍ସୁରି, କମ୍ଫର୍ଟ ଏବଂ ଡିଜାଇନ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇବ। ଏପରିକି ଏହା ଶତ ପ୍ରତିଶତ କଟନ ଏବଂ ବାମ୍ବୁ ଫାଇବରର ଉତ୍ପାଦ ହୋଇଥିଲାବେଳେ ବଜାରରେ ଏହା ପସନ୍ଦର ଉତ୍ପାଦ ହେବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର କହିଥିଲେ, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ମୀନାକ୍ଷୀ ଚୌଧାରୀଙ୍କ ଭଳି ଲୋକପ୍ରିୟ ଅଭିନେତ୍ରୀଙ୍କୁ ମିଥୁ ଟାୱେଲର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଚୟନ କରି ବେଶ୍ ଆଶାବାଦୀ ରହିଛୁ। ଆମେ ସବୁବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ଅନୁଯାୟୀ ଉତ୍ପାଦର ବଜାର ପ୍ରବେଶ ସାଙ୍ଗକୁ ଗୁଣବତ୍ତା ଓ ଡିଜାଇନକୁ ପ୍ରାଥମିକତା ଦେଇଥାଉ।

ସେହିଭଳି ମୀନାକ୍ଷୀ ଚୌଧାରୀ କହିଥିଲେ, ମୁଁ ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମିଥୁ ଟାୱେଲ'ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ମନୋନୀତ ହୋଇଥିବାରୁ ବେଶ୍ ଆନନ୍ଦିତ ଅଛି। ବ୍ରାଣ୍ଡ୍ ଓ ଉତ୍ପାଦର ପ୍ରଚାରପ୍ରସାର ସହିତ 'ମିଥୁ ଟାୱେଲ'କୁ ସବୁ ବର୍ଗର ଗ୍ରାହକଙ୍କ ନିକଟତର କରାଇବାକୁ ପ୍ରୟାସ କରିବି ବୋଲି ସେ ମତପ୍ରକାଶ କରିଥିଲେ।




ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମିଥୁ ଟାୱେଲ'କୁ ଅଭିନେତ୍ରୀ ତଥା ବ୍ରାଣ୍ଡ୍ ଆମ୍ବାସାଡାର ମୀନାକ୍ଷୀ ଚୌଧାରୀ ଅନାବରଣ କରୁଛନ୍ତି। ଏହି ଅବସରରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର ଉପସ୍ଥିତ ଅଛନ୍ତି।

# ଏଚ୍‌ସିଏଲ୍ ଜିଗ୍‌ସର ୬ଷ୍ଠ ସଂସ୍କରଣ

ମୁମ୍ବାଇ,୨୨।୪

ଏଚ୍‌ସିଏଲ୍ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଭାରତର ସବୁଠାରୁ ବଡ଼ ସମସ୍ୟା ସମାଧାନକାରୀ ମୂଲ୍ୟାୟନ ପ୍ଲାଟ୍‌ଫର୍ମ 'ଏଚ୍‌ସିଏଲ୍ ଜିଗ୍‌ସ'ର ୬ଷ୍ଠ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏକ ଉଦ୍ଭାବନ ଓ ବିଶ୍ଳେଷଣାତ୍ମକ ଦକ୍ଷତାକୁ ବିକଶିତ କରିବା ପାଇଁ ଡିଜାଇନ ହୋଇଥିବା ଏଚ୍‌ସିଏଲ୍ ଜିଗ୍‌ସ ସୃଜନଶୀଳ ଓ ଯୁକ୍ତିଯୁକ୍ତ ବିଚାରଧାରା ମାଧ୍ୟମରେ ବାସ୍ତବ ଦୁନିଆର ଆହ୍ୱାନଗୁଡିକର ମୁକାବିଲା କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବା ଜାରି ରଖିଛି। ସେହିଭଳି ଏହି ପ୍ଲାଟ୍‌ଫର୍ମ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅନୁସନ୍ଧାନ, ଜଟିଳ ବିଚାରଧାରା ଓ ଯୋଗାଯୋଗ ସମେତ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତାଗୁଡିକ ଉପରେ ମୂଲ୍ୟାୟନ କରିଥାଏ ଏବଂ ସେମାନଙ୍କୁବାସ୍ତବଦୁନିଆରସମସ୍ୟାଗୁଡିକର ସମାଧାନ କରିବା ପାଇଁ ସେହି ଦକ୍ଷତାକୁ ପ୍ରୟୋଗ କରିବାରେ ସାହାଯ୍ୟ କରିଥାଏ।

ସେହିପରି ଇଚ୍ଛୁକ ଛାତ୍ରୀଛାତ୍ର କିମ୍ବା ବିଦ୍ୟାଳୟଗୁଡିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତା ଜୁଲାଇ ୩୧ ସୁଦ୍ଧା www.hcljigsaw.com ରେ ପଞ୍ଜୀକରଣ କରିପାରିବେ। ଏଚ୍‌ସିଏଲ୍ ଗ୍ରୁପ୍‌ର ସହ ଉପାଧ୍ୟକ୍ଷ ଓ ବ୍ରାଣ୍ଡ୍ ମୁଖ୍ୟ ରଜତ ଚନ୍ଦୋଲିଆ କହିଛନ୍ତି,ଆମେ ଏକ ଗତିଶୀଳ ଦୁନିଆରେ ସଫଳ ହେବା ପାଇଁ ଦକ୍ଷତା ସହ ସୁସଜ୍ଜିତ କରି ଯୁବ ପ୍ରତିଭାମାନଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏଚ୍‌ସିଏଲ୍ ଜିଗ୍‌ସ ଏକ କୁଇଜ୍ କିମ୍ବା ଅଲିମ୍ପିଆଡ୍ ନୁହେଁ, ବରଂ ଏହା ଯୁବ ଥିଙ୍କର, କୋଲାବରେଟର ଓ କ୍ରିଏଟରଙ୍କ ପାଇଁ ଏକ ଲଞ୍ଚପ୍ୟାଡ୍ । ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅନେକ ଉତ୍ସାହଜନକ ଅଂଶଗ୍ରହଣ ପାଇଛୁ ଏବଂ ଚଳିତ ସଂସ୍କରଣରେ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଛାତ୍ରୀଛାତ୍ରଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଆହୁରି ଅଧିକ ଅନୁପ୍ରାଣିତ କରିବା ନେଇ ଆମେ ଉତ୍ସାହିତ ରହିଛୁ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୨।୪: କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୮୭.୦୯ ପଏଣ୍ଟ ବୃଦ୍ଧି ଘଟି ୭୯,୫୯୫.୫୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୪୧.୭୦ ପଏଣ୍ଟ ବଢ଼ି ୨୪,୧୬୭.୨୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଡିଏଆଇଏସ୍ ଏଫ୍‌ଟିସିକୁ ପ୍ରଥମ ବିଶ୍ୱ ରୋବୋଟିକ୍ସ ଟାଇଟଲ



ବିଜୟୀ ଦଳର ଛାତ୍ରୀଛାତ୍ରମାନେ।

ମୁମ୍ବାଇ,୨୨।୪

ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲ (ଡିଏଆଇଏସ୍) ମୁମ୍ବାଇର ଦୁଇଟି ରୋବୋଟିକ୍ସ ଦଳ ଟିମ୍ ମାଟ୍ରିକ୍ସ ଏବଂ ଟିମ୍ ୟୁରେକା ଫାଷ୍ଟ ଟେକ୍ ଚ୍ୟାଲେଞ୍ଜ ବିଶ୍ୱ ଚାମ୍ପିୟନଶିପ ୨୦୨୫ରେ ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଦଳ ଫାଇନାଲରେ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ ଏବଂ ଟିମ୍ ମାଟ୍ରିକ୍ସ ବିଜୟୀ ହୋଇ ଭାରତକୁ ପ୍ରଥମ ଥର ପାଇଁ ଟାଇଟଲ ଦେଇଥିଲେ। ଏହି ପ୍ରତିଯୋଗିତା ଆମେରିକାର ହ୍ୟୁଷ୍ଟନରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୩୦ରୁ ଅଧିକ ଦେଶର ୨୫୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିଥିଲେ। ଟିମ୍ ମାଟ୍ରିକ୍ସ ସମଗ୍ର ଟୁର୍ନାମେଣ୍ଟରେ ଅପରାଜିତ ରହିଥିଲା ଏବଂ ଫାଇନାଲରେ ମୋଟ ୫୪୧ ପଏଣ୍ଟ ସ୍କୋର କରିଥିଲା। ଏହା ଥିଙ୍କ ପୁରସ୍କାରରେ ଦ୍ୱିତୀୟ ସ୍ଥାନ ମଧ୍ୟ ଅଧିକାର କରିଥିଲା। ଟିମ୍ ୟୁରେକା ମଧ୍ୟ ଭଲ ପ୍ରଦର୍ଶନ କରିଥିଲା ଏବଂ କନେକ୍ଟ ପୁରସ୍କାର ଜିତିଥିଲା। ଭାରତରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ଉଭୟ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ ଏବଂ ଅନେକ ରେକର୍ଡ ଭାଙ୍ଗିଥିଲେ। ଡିଏଆଇଏସ୍‌ରେ ରୋବୋଟିକ୍ସ ୨୦୧୮ରେ ଆରମ୍ଭ ହୋଇଥିଲା ଏବଂ ମାତ୍ର କିଛି ବର୍ଷ ମଧ୍ୟରେ ସ୍କୁଲର ଦଳଗୁଡ଼ିକ ଜାତୀୟ ଏବଂ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଚମକ ଦେଖାଇବା ଆରମ୍ଭ କରିଛନ୍ତି।

ଏହି ଅବସରରେ ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, ଏହା ଆମ ସମସ୍ତଙ୍କ (ଡିଏଆଇଏସ୍ ଏବଂ ଭାରତ) ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ଆମର ଉଭୟ ଏଫ୍‌ଟିସି ଦଳ ଟିମ୍ ମାଟ୍ରିକ୍ସ ଏବଂ ଟିମ୍ ୟୁରେକା ଫାଇନାଲରେ ପହଞ୍ଚି ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ପରସ୍ପର ବିପକ୍ଷରେ ପ୍ରତିଯୋଗିତା କରିଥିଲେ। ଏହା ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ଅନନ୍ୟ ସଫଳତା। ଆମେ ବିଶେଷ ଭାବେ ଗର୍ବିତ ଯେ ଆମର ଗୋଟିଏ ଦଳ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛି। ଏହି ସଫଳତା ଭାରତର ଯୁବପିଢ଼ି ପାଇଁ ପ୍ରେରଣା ଦେବ। ୨୦୧୮ରେ ଛୋଟ ଭାବେ ଆରମ୍ଭ ହୋଇଥିବା ରୋବୋଟିକ୍ସ ପ୍ରକଳ୍ପ ଆଜି ଭାରତକୁ ଷ୍ଟେମର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ମୁଁ ଆମର ଛାତ୍ର, ଶିକ୍ଷକ, ଅଭିଭାବକ ଏବଂ ଏହି ଯାତ୍ରାର ଅଂଶୀଦାର ରହିଥିବା ସମସ୍ତଙ୍କୁ ହୃଦୟର ସହ ଅଭିନନ୍ଦନ ଜଣାଉଛି।

FORM NO. 3
[See Regulation-15(1)(a)]
**IN DEBTS RECOVERY APPELLATE TRIBUNAL AT KOLKATA**
**9, Old Post Office Street, 7th Floor, Kolkata-700001**
**Appeal No. 52 OF 2019**
**Arising out of S.A. No. 4 of 2019 in DRT, Cuttack**

**STATE BANK OF INDIA** ......Appellant
-Versus-
**ANSHUMAN MISHRA & ORS.** ......Respondents

To,
**(1-A) ANSHUMAN MISHRA,** residing at Parada Padia, Ward No. 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-A)**
**(1-B) ARATI MISHRA,** residing at Parada Padia, Ward No. 10, behind Surya Niwas, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-B)**
**(1-C) LINU MISHRA,** residing at Brahma Mandir Sahi, Unit No. 10, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-C)**
**(1-D) LIPI DAS,** residing at Brahma Mandir Sahi, Unit No. 10, P.O & P.S.: Baripada, Dist.: Mayurbhanj, PIN-757001. (**Respondent No. 1-D)**
**(2) M/S. KAMAYAB TELEVISION PVT. LTD.,** represented through its Managing Director **Sri Manoj Dash**, at 159, Alaka Building, Unit-2, Ashok Nagar, Bhubaneswar-751009. (**Respondent No. 2)**
**(3) SRI MANOJ DASH,** Son of Goura Charan Das, at 159, Alaka Building, Unit-2, Ashok Nagar, Bhubaneswar-751009. (**Respondent No. 3)**
**(4) SMT. LIPI DAS,** W/o- Sri Manoj Dash, Director of M/s. Kamyab Television Pvt. Ltd., at 159, Alaka Building, Unit-2, Ashok Nagar, Bhubaneswar-751009. (**Respondent No. 4)**
**(5) SRI SUKANTA NAYAK,** Son of Late Sadhu Charan Nayak, at Plot No. 176, Baramunda Housing Board Colony, P.S.: Khandagiri, Bhubaneswar-751003. (**Respondent No. 5)**

**SUMMONS**

1. WHEREAS the appellant has filed an appeal U/s. 18 of the Securitization and Reconstruction of Financial Assets & Enforcement of Security Interest Act, 2002, against the order passed by the Ld. Presiding Officer, DRT, Cuttack and other reliefs. You are hereby summoned to appear and file written statement before this Tribunal at **10.30 a.m.** or at such time immediately thereafter according to the convenience of Tribunal on **14.05.2025** to answer the claim.
2. If you intend to file any documents, you may file the same with a list along with the written statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader/Advocate duly instructed.
4. Take notice that, in default of, your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this **17th day of April, 2025.**

**Signature of the Officer**
**Authorized to issue Summons**
**Sd/- Registrar**
**Debts Recovery Appellate Tribunal, Kolkata**

**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off : Corp Office, Januganj, Remuna Golei, Balasore, Odisha-756019
CIN No. : U40106OR2021SGC035951 ; Website : www.tpnodl.com

**NOTICE INVITING TENDER (NIT) April 23rd 2025**

**TP Northern Odisha Distribution Limited** invites tender from eligible Bidders for the following :

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500000907 | Rate Contract for Supply of ACCUCHECK METER FOR LTCT & 3P WC METER |
| 2 | TPNODL/OT/2025-26/2500000919 | Rate Contract for control & relay panel retrofitting work |
| 3 | TPNODL/OT/2025-26/2500000931 | Rate Contract for Operation & Maintenance Solar Microgrids |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief-Contracts & MM**

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଗାଡ଼ି ନିଲାମ ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପି.ବି.ନଂ.:୧୯, ଚିନ୍ନା ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨** ଠାରେ **ତା.୩୦.୦୪.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ବ୍ରହ୍ମପୁର-୨ ଶାଖା | ପୂର୍ଣ୍ଣବାସୀ ବେହେରା | **ASHOK LEYLAND LTD., BADA DOST I4TNDD, Regd. No.: OD07AM6530** | ଟ.୫,୧୩,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୫୧,୩୦୦/- |

**ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ସୁରଜ ବିହାର, ୨ୟ ଲେନ୍, ବ୍ରହ୍ମପୁର ଠାରେ ତା.୨୯.୦୪.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ**

**ନିୟମ ଏବଂ ସର୍ତ୍ତାବଳୀ:**
୧. ଗାଡ଼ି **"ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା"** ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. **ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।**
୩. ଟେଣ୍ଡର ସହିତ **ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି** ପୃଥକ୍ ଲଟ୍‌ରେ **"ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ବ୍ରହ୍ମପୁରକୁ ପୈଠ ଦର୍ଶାଇ ଡିମାଣ୍ଡ ଡ୍ରାଫ୍ଟ** ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ **ତା.୨୯.୦୪.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।**
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ **ବରିଷ୍ଠ ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର-୨ ଶାଖା, ଫୋନ୍ ନଂ.: ୬୩୭୦୨୫୨୪୯୪**ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ **www.unionbankofindia.com** ଦେଖନ୍ତୁ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୨.୦୪.୨୦୨୫** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ସଂକ୍ଷେପରେ

### ଜିଲା ପରିବେଶ ସମିତିର ବିଶ୍ୱ ଧରିତ୍ରୀ ଦିବସ

ଯାଜପୁର,୨୨।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ପରିବେଶ ସମିତି ପକ୍ଷରୁ ମଙ୍ଗଳବାର ମୁରଲୀଧର ମେମୋରିଆଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ଏକ ଆଲୋଚଜନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆର୍ଯ୍ୟ ନାରାୟନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସଫା ରଖିବା, ଶକ୍ତି ଅପଚୟ ରୋକିବା, ମୃତ୍ତିକା ପ୍ରଦୂଷଣ ନିୟନ୍ତ୍ରଣ ସହ ଅଧିକ ଚାରାରୋପଣ କରି ଜଙ୍ଗଲ ସୃଷ୍ଟି କରିବା, ଜଳ ସଂରକ୍ଷଣ ଆଦି ବିଷୟରେ ବକ୍ତବ୍ୟ ଦେଇଥିଲେ। ଦିଲୀପ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଜୀବନଶୈଳୀରେ ପ୍ରତି ମୁହୂର୍ତ୍ତରେ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିବାର ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ପଞ୍ଚାନନ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ସମ୍ପାଦକ ଶରତ କୁମାର ସାହୁ ବିଶ୍ୱ ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ, ଆବଶ୍ୟକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ବିଞ୍ଝାରପୁର ବ୍ଲକର ବିଭିନ୍ନ ଇକୋ କ୍ଲବ୍ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିବେଶ ସଚେତନତା ସୃଷ୍ଟି ପାଇଁ ଏକ ପଦଯାତ୍ରା ସକାଳେ ଆୟୋଜନ କରାଯାଇଥିଲା। ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଚଣ୍ଡିଖୋଲ,୨୨।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ପୋଲିସ ମଙ୍ଗଳବାର ଏକ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଜବତ କରିଛି। ଟ୍ରକ୍‌ଟି ପଶ୍ଚିମ ବଡ଼ଚଣା ଅଞ୍ଚଳରୁ ବେଆଇନ ମାଙ୍କଡ଼ା ପଥର ବୋଝେଇ କରି ଆସୁଥିବାବେଳେ ଦର୍ପଣ ଛକ ନିକଟରେ ପୋଲିସ ଅଟକାଇଥିଲା। ପରିବହନ ନେଇ କୌଣସି କାଗଜ ପତ୍ର ନ ଥିବାରୁ ପୋଲିସ ଟ୍ରକକୁ ଥାନାକୁ ଆଣିଥିଲା। ଟ୍ରକର ନମ୍ବର ଭୁଲ ଥିବା ଜଣାପଡ଼ିଛି। ଟ୍ରକଟି ଜଣେ ରାଜନୈତିକ ବ୍ୟକ୍ତିଙ୍କର ବୋଲି ସୂଚନା ମିଳିଛି। ବୁଧବାର ଏହାକୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।


### ଭୁଜାଲି ଦେଖାଇ ଲୁଟ୍

ବ୍ରହ୍ମବରଦା,୨୨।୪(ଯଯାତି କେଶରୀ ବେହେରା): ଜଣେ ଯୁବକଙ୍କୁ ଭୁଜାଲି ଦେଖାଇ ଦୁର୍ବୃତ୍ତ ତାଙ୍କ ନିକଟରୁ ୯୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ଯୁବକ ହେଲେ ବ୍ରହ୍ମବରଦା ଥାନା ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମର ସତ୍ୟଜିତ ସାହୁ। ସତ୍ୟଜିତ ଓ ତାଙ୍କ ସାଙ୍ଗ ଦୁହେଁ ସୋମବାର ରାତିରେ ଏକ ବ୍ରହ୍ମବରଦାର ଜଣେ ବ୍ୟବସାୟୀଙ୍କୁ ଟଙ୍କାଦେବାକୁ ଆସୁଥିଲେ। କୋଠିଦିହ ବ୍ରାହ୍ମଣୀ ନଦୀ ବନ୍ଧରେ ୨ଟି ବାଇକରେ ୩ ଯୁବକ ମୁହଁରେ ଗାମୁଛା ବାନ୍ଧି ଆସି ସେମାନଙ୍କ ବାଇକ ସାମ୍ନାରେ ଆଡ୍ଡା ପକାଇଥିଲେ। ଏହାପରେ ସତ୍ୟଜିତଙ୍କ ବେକରେ ଭୁଜାଲି ଲଗାଇ ଟଙ୍କା ନେଇ ଜାରକା ଅଭିମୁଖେ ଚମ୍ପଟ ମାରିଥିଲେ ବୋଲି ସତ୍ୟଜିତ କହିଛନ୍ତି।

# ତାତି, ପ୍ରଦୂଷଣ ବଳୟରେ ଶିଳ୍ପାଞ୍ଚଳ

- ଯାଜପୁରର ସରକାରୀ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ୍
- ଆକ୍ୟୁ ୱେଦର ରିପୋର୍ଟରେ ୪୨ ଡିଗ୍ରୀ ସେଲ୍‌ସିୟସ୍

ଯାଜପୁର,୨୨।୪(ହର୍ଷବର୍ଦ୍ଧନ ବେହେରା)




ଯାଜପୁର ଜିଲାରେ ଅଗ୍ନିବର୍ଷା। ସକାଳ ୯ ଟାଠାରୁ ପଦାକୁ ବାହାରିବା ଲୋକଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଅସହ୍ୟ ଗରମ, ଝାଞ୍ଜିପବନ ସହ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରୁଛି। ଆକ୍ୟୁ ୱେଦର ରିପୋର୍ଟ ଅନୁସାରେ ଜିଲାରେ ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍‌କୁ ଛୁଇଁଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ୪୦ ଓ ୪୧ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ତାପମାତ୍ରା ରହିବ ବୋଲି ଦର୍ଶାଯାଇଛି। ଏହାସହ ଅସ୍ୱାସ୍ଥ୍ୟକର ବାୟୁ ପ୍ରଦୂଷଣ ରହିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷେ ଯାଜପୁର ଜିଲା ଜରୁରିକାଳୀନ ବିଭାଗ ରିପୋର୍ଟରେ ୩୯.୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଥିବା ସୂଚନା ମିଳିଛି। ବିଶେଷକରି କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ଧର୍ମଶାଳା ଲଘୁ ଖଣି ଅଞ୍ଚଳରେ ତାପମାତ୍ରା ଅସହ୍ୟ ହୋଇପଡ଼ିଛି।

ଜିଲାର ବେଆଇନ ପଥର ଖାଦାନ ଅଞ୍ଚଳ ଭାବେ ପରିଚିତ ଧର୍ମଶାଳା ବ୍ଲକ ଓ ରତ୍ନଗର୍ଭା ସୁକିନ୍ଦା ଖଣିସମେତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସର୍ବାଧିକ ଲୋକ ହିଟ୍‌ୱେଭ୍‌ର ଶିକାର ହେଉଛନ୍ତି। ଜିଲାର ଭୌଗୋଳିକ ସ୍ଥିତିକୁ ଅବଲୋକନ କଲେ ଏଠାରେ ଅନେକ ନଦୀନାଳ ରହିଛି। ହେଲେ ଏହାର ଚତୁଃପାର୍ଶ୍ୱରେ ପାହାଡ଼ ଓ ବଡ଼ବଡ଼ ଚଟାଣ ରହିଛି। ପଥର ବ୍ୟବସାୟୀମାନେ ସଂରକ୍ଷିତ ଜଙ୍ଗଲ ସହ ପତରା ଜଙ୍ଗଲରେ ଭରପୂର ସବୁଜିମା ପାହାଡଗୁଡ଼ିକୁ ଫଟାଇ ଲଣ୍ଡା କରି ଦେଉଛନ୍ତି। ଫଳରେ ସୂର୍ଯ୍ୟକିରଣ ସେଥିରୁ ବିକିରଣ ହୋଇ ଅଧିକ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରୁଛନ୍ତି। ଏହାସହ କଂକ୍ରିଟ ରାସ୍ତା ନିର୍ମାଣ ଓ ଜଙ୍ଗଲ ସମ୍ପଦ ନଷ୍ଟ ଏହାର ଅନ୍ୟତମ ମୁଖ୍ୟ କାରଣ ସାଜିଛି। ସେହିପରି ଯାଜପୁର ଜିଲାରେ ଦ୍ରୁତ ଶିଳ୍ପାୟନ ଯୋଗୁ ପରିବେଶ ପ୍ରଭାବିତ ହେଉଛି। ଶିଳ୍ପ, ଖଣିଜ ଓ ଲଘୁ ଖଣିଜ ଦ୍ରବ୍ୟ ପାଇଁ ଯେତେ ପରିମାଣରେ ଜଙ୍ଗଲ ନଷ୍ଟ ହୋଇଛି ସେହି ପରିମାଣରେ ନୂତନ ଜଙ୍ଗଲ ସୃଷ୍ଟି ହୋଇପାରୁନାହିଁ। ଜଙ୍ଗଲ ବିଭାଗ ନିଜ ବାହୁସ୍ଫୋଟ ମାରିବା ପାଇଁ ସବୁଜିମା ବୃଦ୍ଧି ହୋଇଛି ବୋଲି ରିପୋର୍ଟ ପ୍ରଦାନ କରୁଛି। କିନ୍ତୁ ବାସ୍ତବପକ୍ଷେ ସେହି ଅତୀତର ଘନ ଜଙ୍ଗଲ ଆଉ ଦେଖିବାକୁ ମିଳୁନାହିଁ। ସରକାରଙ୍କ ପକ୍ଷରୁ ବନୀକରଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ହେଲେ ସେହିସବୁର ସଫଳ ରୂପାୟନ ହୋଇପାରୁ ନ ଥିବାରୁ ପରିବେଶ ଅସନ୍ତୁଳନ ଦେଖା ଦେଉଥିବା ପରିବେଶବିତ୍‌ମାନେ ମତପ୍ରକାଶ କରୁଛନ୍ତି। ବିଡ଼ମ୍ବନା ଯେ, କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଅସହ୍ୟ ଗରମ ଅନୁଭୂତ ହେଉଥିବାବେଳେ ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଏଠାରେ ତାପମାତ୍ରା ମାପକ ଯନ୍ତ୍ର ଲଗାଇ ନାହାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳଠାରୁ ଜିଲା ସଦର ମହକୁମାକୁ ପ୍ରାୟ ୫୦ କି.ମି. ଦୂର ହେଉଥିବାରୁ ତାପମାତ୍ରା ପରିମାଣରେ ପାର୍ଥକ୍ୟ ରହିବା ସ୍ୱାଭାବିକ। ଚାନ୍ଦବାଲି ସମୁଦ୍ରକୂଳରୁ ପ୍ରାୟ ୩୦/୩୫ କିଲୋମିଟର ଦୂର ଯାଜପୁର ସହରର ତାପମାତ୍ରାକୁ ଥର୍ମୋମିଟରରେ ମାପି ସରକାରୀ ଭାବେ ଆକଳନ କରାଯାଉଛି। ହେଲେ ଶିଳ୍ପ ଓ ଖଣି ଅଞ୍ଚଳର ତାପମାତ୍ରାକୁ ସରକାରୀ ଭାବେ ଆକଳନ ହେଉ ନ ଥିବାରୁ ଏହାର ବାସ୍ତବ କଥା ଜଣାପଡୁନାହିଁ।

# ପ୍ରଥମେ ଥଇଥାନ, ପରେ ଉଚ୍ଛେଦ ଦାବି



ଉଠା ଦୋକାନୀଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଯାଜପୁରରୋଡ୍,୨୨।୪(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ପକ୍ଷରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ରବିବାର ମାଇକ ଦ୍ୱାରା ପ୍ରଚାର କରାଯାଇଛି। ଏହାପରେ ଡାକବଙ୍ଗଳାଛକଠାରୁ ମାଲଗୋଦାମ ପର୍ଯ୍ୟନ୍ତ ବସୁଥିବା ପରିବା ଓ ଫଳ ଦୋକାନୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ସ୍ମାରକପତ୍ର ଗ୍ରହଣ କରିଛନ୍ତି। ରାସ୍ତା କଡ଼ ବ୍ୟବସାୟୀଙ୍କୁ ପ୍ରଥମେ ଥଇଥାନ କରି ପରେ ଉଚ୍ଛେଦ କରିବାକୁ ସେମାନେ ନିବେଦନ କରଛନ୍ତି। ନଚେତ ସେମାନେ ଜୀବିକା ହରାଇବେ ବୋଲି କହିଛନ୍ତି। ବଣିକ ସଂଘ ସମ୍ପାଦକ ସଦାଶିବ ଦାସ ଓ ଭ୍ରମରବର ରାଉତଙ୍କ ନେତୃତ୍ୱରେ ଉଠା ଦୋକାନୀ ସୁଶାନ୍ତ ମହାନ୍ତି, ବସନ୍ତ ଜେନା, ସୁଦର୍ଶନ ବେହେରା, ସନ୍ତୋଷ ସାହୁ, ଜଗା ପରିଡ଼ା, ରବି ରଣା ପ୍ରମୁଖ ୭୦ଜଣ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ବ୍ୟାସନଗର ସହରର ରାସ୍ତା ପାର୍ଶ୍ୱ ଓ ବିଭିନ୍ନ ଛକରେ ରାସ୍ତାକୁ ମାଡି ଉଠା ଦୋକାନୀ ବ୍ୟବସାୟ କରୁଛନ୍ତି। ଫଳରେ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାସହ ଦୁର୍ଘଟଣା ଘଟୁଛି। ବିଶେଷ କରି ସହରର ଗୋପବନ୍ଧୁ ଛକ, ଷ୍ଟେଶନ ବଜାର, ଦଳାଠାରୁ ଡାକବଙ୍ଗଳା ଛକ, ଡାକବଙ୍ଗଳା ଛକଠାରୁ ଗଣେଶ ବଜାର, ଦଳା ବାଇପାସଠାରୁ ନାହକା ବାଇପାସ ଛକ, ଚୋରଦା ଛକଠାରୁ ଧବଳଗିରି ଓ ଚୋରଦା ଛକଠାରୁ କହ୍ନେଇପୁର ଆଦି ଜନଗହଳି ପୂର୍ଣ୍ଣ ସ୍ଥାନରେ ଉଠା ଦୋକାନୀ ଫଳ, ପରିବା, ମାଛ ଓ ମାଂସ ବିକ୍ରି କରୁଛନ୍ତି। ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ଉପରେ ଓ ଡ୍ରେନରେ ପକାଉଛନ୍ତି। ସେଗୁଡ଼ିକ ପଚି ସଢ଼ି ଦୁର୍ଗନ୍ଧ ସୃଷ୍ଟି ହେବାସହ ପରିବେଶ ଦୂଷିତ କରୁଛି। ଏନେଇ ବାରମ୍ବାର ଅଭିଯୋଗ ପରେ ପୌର ପ୍ରଶାସନ ପକ୍ଷରୁ ଦୋକାନୀଙ୍କୁ ରାସ୍ତା କଡ଼ରୁ ଉଠିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ଦିନ ମଧ୍ୟରେ ସେମାନେ ସ୍ଥାନଗୁଡ଼ିକୁ ଖାଲି କରିବାକୁ ଚେତାବନୀ ଦିଆଯାଇଛି। ନିର୍ଦ୍ଦେଶ ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

### କାରଖାନାରେ ଦୁର୍ଘଟଣା, ଶ୍ରମିକ ମୃତ

କଳିଙ୍ଗନଗର,୨୨।୪(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳର ୟାଜଦାନୀ ଷ୍ଟିଲ କାରଖାନାରେ ସୋମବାର ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ କୁଳସମନ୍ତରାପୁରର ଶୁକଦେବ ବେହେରାଙ୍କ ପୁଅ ବିବେକାନନ୍ଦ ବେହେରା(୪୪)। ସେ କାମ କରୁଥିବା ସମୟରେ ୮୦ ଫୁଟ ଉଚ୍ଚରୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ଏହାକୁ ନେଇ କାରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଫ୍‌ଟି ବେଲ୍ଟ ପିନ୍ଧି ନ ଥିବାରୁ ଏଭଳି ଦୁର୍ଘଟଣା ଘଟି ବିବେକାନନ୍ଦଙ୍କ ମୃତ୍ୟୁ ହୋଇଥିବା କେତେଜଣ କର୍ମଚାରୀ କହିଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣାକୁ ଚପାଇ ଦେବାକୁ କାରଖାନା କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟଥିଲା ବୋଲି କେତେଜଣ କର୍ମଚାରୀ ଆଲୋଚନା କରୁଛନ୍ତି। କମ୍ପାନୀ ପକ୍ଷରୁ ବିବେକାନନ୍ଦଙ୍କ ପରିବାରକୁ ୧୫ ଲକ୍ଷ୍ୟ ଟଙ୍କାର ଚେକ ଓ ଶେଷ କୃତ୍ୟ ପାଇଁ ୫୦ ହାଜର ଟଙ୍କା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାରଖାନା ଓ ବାଞ୍ଛିତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାପୁ



@ ଆଞ୍ଜେଲ୍



@ ବିଷ୍ଣୁ



@ ମିନୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩ ପିଲାଙ୍କୁ କାରଖାନାରେ ଛାଡ଼ି ପଳାଇଲେ ମା'

କଳିଙ୍ଗନଗର,୨୨।୪(ଶୁଭାଶିଷ ରାଉତ): ସ୍ୱାମୀଙ୍କ ମୃତ୍ୟୁକାଳୀନ ଅନୁକମ୍ପା ରାଶିକୁ ପିଲାଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବାକୁ ବିରୋଧ କରିଛନ୍ତି ମା'। ଏପରିକି ତାଙ୍କର ୩ ନାବାଳିକା ଝିଅଙ୍କୁ ମଙ୍ଗଳବାର କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ କାରଖାନାରେ ଛାଡ଼ିଦେଇ କୁଆଡ଼େ ପଳାଇ ଯାଇଛନ୍ତି। ଯଖପୁରା ପୋଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁରସ୍ଥିତ ବାଳାଶ୍ରମ ଜିମାରେ ଦେଇଛି।

ସୂଚନା ମୁତାବକ, ହରିୟାଣା ହିସାର ଅଞ୍ଚଳର ସୁଗ୍ରୀବ ପ୍ରସାଦ କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ କାରଖାନାରେ କାର୍ଯ୍ୟ କରୁଥିଲେ। ସେ ଦାନଗଦି ନିକଟରେ ଥିବା ସୁଆଁଲୋ ମଠସାହିର ସୁକାନ୍ତି ପାତ୍ରଙ୍କୁ ବିବାହ କରି ଏକ ଘରେ ରହିଆସୁଥିଲେ। କାରଖାନାରେ ଏକ ଦୁର୍ଘଟଣାରେ ଦୁଇ ବର୍ଷ ତଳେ ସୁଗ୍ରୀବଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସୁକାନ୍ତି କ୍ଷତିପୂରଣ ପାଇବା ପାଇଁ ବାରମ୍ବାର କରାଖାନାକୁ ଦୌଡ଼ିଥିଲେ। ହେଲେ ନିରାଶ ହେବାରୁ ଝିଅ ଶକୁନ୍ତଳା (୧୦), ଶୁଭଶ୍ରୀ (୫) ଓ ଶୁଭଲକ୍ଷ୍ମୀ (୩)ଙ୍କୁ ନେଇ କାରଖାନା ପରିସରରେ ଛାଡ଼ି ଦେଇଥିଲେ। କାରଖାନା ପକ୍ଷରୁ ଯଖପୁରା ଥାନାରେ ଖବର ଦିଆ ଯାଇଥିଲା। ଅନ୍ୟପକ୍ଷରେ ସୁଗ୍ରୀବ ପୂର୍ବରୁ ବିବାହିତ ଓ ତାଙ୍କର ୬ ପିଲା ଅଛନ୍ତି। ତେଣୁ ମିଳିଥିବା ଅନୁକମ୍ପାମୂଳକ ସହାୟତା ରାଶି ୯ ଲକ୍ଷ ଓ ପ୍ରଥମ ସ୍ତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସ୍ଥାୟୀ ଜମା ରଖାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାରଖାନା କର୍ତ୍ତୃପକ୍ଷ ବିଭିନ୍ନ କାଗଜପତ୍ର ବାହାନାରେ ହଇରାଣ ହରକତ କରିବା ସହ ସ୍ୱାମୀଙ୍କ ମୃତ୍ୟୁପରେ କୌଣସି ନିଯୁକ୍ତି ନ ଦେବାରୁ ପ୍ରତିକ୍ରିୟାଶୀଳ ହୋଇ ସୁକାନ୍ତି ଏପରି କରିଥିବା ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଅଟକ

ଯାଜପୁର ସଦର/ଯାଜପୁର ଟାଉନ,୨୨।୪(ସମର ବିଜୟ ଶରଣ/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସଦର ଥାନା ଅଞ୍ଚଳର ଜଣେ ସ୍କୁଲ୍ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣକ ଏକ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପାଠ ପଢୁଛନ୍ତି। ଗତ ୧୭ତାରିଖରେ ଉକ୍ତ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ଛାତ୍ରୀଙ୍କୁ ଅଫିସ ରୁମ୍‌ର ଆଲମିରା ଖୋଲି ଏକ ରେଜିଷ୍ଟର ଆଣିବାକୁ ପଠାଇଥିଲେ। ଏହାପରେ ଶିକ୍ଷକ ଜଣକ ଛାତ୍ରୀଙ୍କ ପଛେପଛେ ଯାଇ ତାଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଆସି ତାଙ୍କ ମା'ଙ୍କ ନିକଟରେ ଏକଥା ପ୍ରକାଶ କରିବା ସହ ଉକ୍ତ ସ୍କୁଲରେ ଆଉ ପଢ଼ିବେ ନାହିଁ ବୋଲି କହିଥିଲେ। ଏହାପରେ ଛାତ୍ରୀଙ୍କ ମା' ଯାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୬/୨୦୨୫ରେ ଏକ ମାମଲା ରୁଜୁ କରିବା ସହ ଶିକ୍ଷକଙ୍କୁ ଉଠାଇ ଆଣି ୨ ଦିନ ହେବ ଥାନାରେ ଅଟକ ରଖିଛି। ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଏହି ଭଳି ବହୁ ଅଭିଯୋଗ ପୂର୍ବରୁ ରହିଥିବା ଶୁଣିବାକୁ ମିଳୁଛି।

# ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଅନିୟମିତତାର ତଦନ୍ତ ହେଉନି

ବରୀ,୨୨।୪(ମହେନ୍ଦ୍ର ସ୍ୱାଇଁ):

**ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି**

ବରୀ ବ୍ଲକ ଅଧୀନ ସୁକଳ-ମହାକାଳପଡ଼ା, ଗୋଳକୁଣ୍ଡ-ଇନ୍ଦୁପୁର, ଗୋଳକୁଣ୍ଡ-ରତ୍ନଗିରି ଓ ବରୀ-ବିନ୍ଧୁପା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ବହୁ ଅଭିଯୋଗ ହୋଇଛି। ଏ ସମ୍ପର୍କିତ ଖବର ମଧ୍ୟ ବିଭିନ୍ନ ଗଣାମାଧ୍ୟମରେ ପ୍ରକାଶ ପାଇଛି। ହେଲେ ଅଭିଯୋଗଗୁଡ଼ିକର ଦତନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନା ଅନୁସାରେ, ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତା କାର୍ଯ୍ୟ ଶେଷ ହେବାର ୨/୩ମାସ ମଧ୍ୟରେ ରାସ୍ତା ଉପରୁ ଗୋଡ଼ି ଉଠି ବିଛାଡି ହୋଇ ପଡ଼ିବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଫଳରେ ଧନଜୀବନ କ୍ଷୟକ୍ଷତି ହେଉଛି। ଏନେଇ ଅଭିଯୋଗ ହେବାପରେ ଦାୟିତ୍ୱରେ ଥିବା ଠିକାଦାର ଲୋକ ଦେଖାଣିଆ ରାସ୍ତା ମରାମତି କରିଛନ୍ତି। ହେଲେ ନିମ୍ନମାନର କାମ କରିଥିବା ଠିକାଦାରଙ୍କ ଉପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅହେତୁକ ଅନୁକମ୍ପା ଦେଖାଉଛନ୍ତି ବୋଲି ସାଧାରଣରେ ଆଲୋଚନର ବିଷୟ ହୋଇଛି।

ସେହିପରି ବରୀରୁ ବିନ୍ଧୁପା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁରୀ ହୋଇଥିଲା। ହେଲେ ଏହି କାର୍ଯ୍ୟ ନିମ୍ନମାନର ହେବାରୁ ସ୍ଥାନୀୟ ଅଞ୍ଚଳର ଲୋକେ କାମ ବନ୍ଦ କରି ପ୍ରତିବାଦ କରିଥିଲେ। ମାତ୍ର ଏହି କାର୍ଯ୍ୟର ମଧ୍ୟ ତଦନ୍ତ କରାଯାଇନାହିଁ। କାର୍ଯ୍ୟଗୁଡ଼ିକର କେବେ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସରକାରଙ୍କ ତରଫରୁ ମଞ୍ଜୁରୀ ହୋଇଥିବା ଅର୍ଥକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା ଓ କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ବିଭିନ୍ନ ଗଣମାଧ୍ୟମରେ କହିଛନ୍ତି। ହେଲେ ଏଠାରେ ମନ୍ତ୍ରୀଙ୍କ କଥା କାର୍ଯ୍ୟକାରୀ ହେଉ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବୀରେନ କୁମାର ବସୁଙ୍କୁ ପଚାରିବାରେ ସେ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପରେ କାମ ବନ୍ଦ କରାଯାଇଛି। ଯେଉଁ କାର୍ଯ୍ୟର ତ୍ରୁଟି ରହିଛି ସେଗୁଡ଼ିକର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଧାରଣା

ଯାଜପୁର ଟାଉନ,୨୨।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଯାଜପୁର ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଯାଜପୁର ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଗଣଧାରଣା ଦିଆଯାଇଛି। କେନ୍ଦ୍ର ସରକାର ପେନ୍‌ସନଭୋଗୀଙ୍କ ପେନ୍‌ସନ ଅଭିବୃଦ୍ଧିକୁ ପ୍ରତ୍ୟାହାର କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୫ରେ ପାର୍ଲ୍ୟାମେଣ୍ଟରେ ଏକ ଆର୍ଥିକ ବିଲ୍ ଗୃହୀତ କରିଛନ୍ତି। ଏହା ଭାରତର ପ୍ରାୟ ୭୦ ଲକ୍ଷ ପେନ୍‌ସନଧାରୀ(ଓଡ଼ିଶାର ୩ ଲକ୍ଷ ୫୦ ହଜାର)ଙ୍କ ପ୍ରତି ମାରଣନୀତି ସୃଷ୍ଟି କରିଛି। ୨୦୨୬ ଜାନୁଆରୀରୁ ଲାଗୁ ହେବାକୁ ଥିବା ଅଷ୍ଟମ ବେତନ କମିଶନଙ୍କ ସମ୍ଭାବିତ ରିପୋର୍ଟର ଆର୍ଥିକ ସୁବିଧା ସୁଯୋଗ ପେନ୍‌ସନଭୋଗୀଙ୍କ ପ୍ରତି ପ୍ରଯୁଜ୍ୟ ହେବନାହିଁ। ପୂର୍ବରୁ ପାରିତ ହୋଇଥିବା ୭ଟି ବେତନ କମିଶନଙ୍କ ରିପୋର୍ଟରେ ପେନ୍‌ସନଭୋଗୀଙ୍କୁ ଆର୍ଥିକ ଲାଭରୁ ବଞ୍ଚିତ କରାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନର ସରକାର ପେନ୍‌ସନଭାଗୀଙ୍କ ପ୍ରତି ଅବିଚାର କରି ମାରଣ ନୀତି ଅବଲମ୍ବନ କରିଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି।

ସଂଘ ଜିଲା ସଭାପତି ରବି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ଓ ଧାରଣାରେ ସମ୍ପାଦକ ବିବେକାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର ରାୟ, ଉପସଭାପତି ଦିଗମ୍ବର ସାହୁ, ଉପଦେଷ୍ଟା ଅଭିମନ୍ୟୁ ରାଉତ, ଯୁଧିଷ୍ଠିର ସ୍ୱାଇଁ, ଆଶାତରୁ ନାୟକ, ଅକ୍ଷୟ ନାୟକ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଆଇନକୁ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ବିକ୍ଷୋଭ ସଭାରେ ରାଜ୍ୟ ଶିକ୍ଷକ ମହାସଂଘ ସଭାପତି ଧନଞ୍ଜୟ କେଶରୀ ରାଉତରାୟ, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିନିଧି ବଂଶୀଧର ଦାସ, ଦୁର୍ଯ୍ୟୋଧନ ବାରିକ, ପ୍ରଫୁଲ୍ଲ ନାୟକ, କ୍ଷୀରୋଦ ଚନ୍ଦ୍ର କର, ସୁରେନ୍ଦ୍ର ମଲ୍ଲିକ, ଦେବେନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ ଓ ରଘୁନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପରେ ଜିଲା ସଂଘ ସଭାପତି ଏବଂ ସମ୍ପାଦକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଇଥିଲେ।

# ୪ ସପ୍ତାହରେ ରିପୋର୍ଟ ପାଇଁ ଡିଜିପିଙ୍କୁ ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

## ଜେଲରେ ଶିଶୁଙ୍କ ଶିକ୍ଷା ଅଧିକାର ବ୍ୟାହତ ମାମଲା

କେନ୍ଦ୍ରାପଡ଼ା, ୨୨।୪ (ଜଗନ୍ନାଥ ଧଳ)

ରାଜ୍ୟର ଜେଲଗୁଡ଼ିକରେ ଶିଶୁ ରହୁଛନ୍ତି। ୨୦୨୦ ସେପ୍ଟେମ୍ବର ୨୯ରେ ଗୃହ ବିଭାଗ ପକ୍ଷରୁ ଜେଲ ମାନୁଆଲରେ ସଂଶୋଧନ ସତ୍ତ୍ୱେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଜେଲରେ ରହିଥିବା ଶିଶୁଙ୍କଠାରୁ ଶିକ୍ଷା ଅଧିକାର ଛଡ଼ାଇ ନିଆଯାଉଛି। ଏହା ଏକ ପ୍ରକାର ମାନବାଧିକାର ହତ୍ୟା ସଦୃଶ। ଏହାକୁ ଭିତ୍ତିକରି କେନ୍ଦ୍ରାପଡ଼ା ଜିଲା ଏଣ୍ଡର ଗ୍ରାମର ମାନାବାଧିକାର କର୍ମୀ ସାଗର ଜେନା ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍‌ସି) ନିକଟରେ ଅଭିଯୋଗ (ମାମଲା ନଂ. ୫୮/୨୦୨୫) କରିଥିଲେ। ଏହି ମାମଲାକୁ ଗୁରୁତ୍ୱ ଦେଇ ରାଜ୍ୟ ଡାଇରେକ୍ଟର ଜେନେରାଲ ଅଫ ପ୍ରିଜନ୍ସ (ଡିଜିପି)ଙ୍କୁ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ ପାଇଁ ଏନ୍ଏଚ୍ଆର୍‌ସି ପକ୍ଷରୁ ମଙ୍ଗଳବାର ଚିଠି ହୋଇଛି।

ଏ ସମ୍ପର୍କରେ ଅଭିଯୋଗକାରୀ ସାଗର କହିଛନ୍ତି, ଓଡ଼ିଶା ବିଭିନ୍ନ ଜେଲରେ ଥିବା ଶିଶୁଙ୍କ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ନୈରାଶ୍ୟଜନକ ସ୍ଥିତିରେ ରହିଛି। ରାଜ୍ୟର ୮୭ ଜେଲ ପାଇଁ ମାତ୍ର ୨୩ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ରହିଛି। ଏହି ୨୩ଟି ପଦବୀ ମଧ୍ୟରୁ ୧୭ଟି ପଦବୀରେ ନିଯୁକ୍ତି ମିଳିନାହିଁ। ୧୯୪୨ ମସିହା ପରେ ଅର୍ଥାତ୍ ୭୮ବର୍ଷ ପରେ ୨୦୨୦ରେ ନୂଆ ଜେଲ ମାନୁଆଲ କାର୍ଯ୍ୟକାରୀ ହେଲା। ନୂଆ ମାନୁଆଲରେ କଏଦୀଙ୍କ ସାମଗ୍ରିକ ବିକାଶ ସହ ଜେଲ ପରବର୍ତ୍ତୀ ସମୟରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଶିକ୍ଷାକୁ ବାଧ୍ୟତାମୂଳକ ଭାବେ ଗ୍ରହଣ କରାଯାଇଛି। ଏହାଦ୍ୱାରା ପରୋକ୍ଷରେ ଅପରାଧ ହ୍ରାସର ଚିନ୍ତାଧାରା ଯୋଡ଼ି ହୋଇଛି। ଏଥିପାଇଁ ପ୍ରତ୍ୟେକ ଜେଲରେ ପର୍ଯ୍ୟାପ୍ତ ଶିକ୍ଷକ, ଶ୍ରେଣୀଗୃହ ଓ ପାଠାଗାର ପରି ସର୍ବନିମ୍ନ ସୁବିଧା ପ୍ରଦାନ ସମ୍ପର୍କରେ ଏହି ମାନୁଆଲରେ ଗୁରୁତ୍ୱ ଦିଆଯାଇଛି। ଜେଲରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ (ଏନ୍ଆଇଓଏସ୍) ମାଧ୍ୟମରେ ମାଟ୍ରିକ୍ ଓ ଯୁକ୍ତ ୨ ପାଠ୍ୟକ୍ରମ ପ୍ରଦାନ ଏବଂ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ମାଧ୍ୟମରେ ଯୁକ୍ତ ୩, ଧନ୍ଦାମୂଳକ ଶିକ୍ଷା ଓ ସ୍ନାତକୋତ୍ତର କୋର୍ସ ଯୋଗାଇ ଦିଆଯାଉଛି। ତେବେ ଓଡ଼ିଶାର ଜେଲରେ ଶିକ୍ଷା ବ୍ୟବସ୍ଥା ଅତି ଶୋଚନୀୟ ଅବସ୍ଥାରେ ରହିଛି। ୨୦୨୪ ଡିସେମ୍ବର ସୁଦ୍ଧା ମଞ୍ଜୁରୀପ୍ରାପ୍ତ ୨୩ ପଦବୀ ମଧ୍ୟରୁ ମାତ୍ର ୬ ଜଣ ସ୍ଥାୟୀ ଶିକ୍ଷକ ଅଛନ୍ତି। ସେମାନେ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ନାରୀ ବନ୍ଦୀ ନିକେତନ, ସମ୍ବଲପୁର ସର୍କଲ ଜେଲ ଓ ଅନୁଗୋଳ ସର୍କଲ ଜେଲରେ କାର୍ଯ୍ୟରତ ଅଛନ୍ତି। ସୁନ୍ଦରଗଡ଼ ଓ ରାଉରକେଲା ଜେଲ ପାଇଁ ୨ ଜଣ ଡେପୁଟେଶନରେ ଆସିଛନ୍ତି। ଫଳରେ ଅନ୍ୟ ୧୭ ଜେଲରେ ସ୍ଥାୟୀ ଶିକ୍ଷକ ନାହାନ୍ତି। ରାଜ୍ୟର ୮୭ ଜେଲରେ ମହିଳା କଏଦୀଙ୍କ ସଂଖ୍ୟା ୫୮୬। ଏହି ମହିଳା କଏଦୀଙ୍କ ସହ ୩୬ ଶିଶୁ ଅଛନ୍ତି। ପରିବାରର କେହି ନ ଥିଲେ ମହିଳା କଏଦୀଙ୍କ ସହିତ ଶିଶୁ ୬ ବର୍ଷ ପର୍ଯ୍ୟନ୍ତ ରହିବାର ନିୟମ ରହିଛି। ୬ ବର୍ଷ ପରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଥବା ସମାଜ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଗୃହରେ ତାଙ୍କୁ ରଖାଯିବ। ୩ ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ କ୍ରେଚ୍ ଓ ୩ରୁ ୬ ବର୍ଷ ବୟସ୍କ ଶିଶୁଙ୍କୁ ନର୍ସରୀ ସ୍କୁଲରେ ଯତ୍ନ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ଜେଲ ପ୍ରଶାସନ ଶିଶୁଙ୍କ ଶିକ୍ଷା ବ୍ୟବସ୍ଥା କରିପାରିବେ ବୋଲି ମାନୁଆଲରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଶିଶୁଙ୍କ ଶିକ୍ଷା ଅଧିକାର ଛଡ଼ାଇ ନିଆଯାଉ ଥିବାରୁ ଏନ୍ଏଚ୍ଆର୍‌ସିରେ ଅଭିଯୋଗ କରିଥିବା ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାପୁ



@ ବିଷ୍ଣୁ



@ ମିନୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମବାୟ ଆନ୍ଦୋଳନ ସୁଦୃଢ଼ରେ ରାଜ୍ୟ ସମୃଦ୍ଧ ହେବ

## କେନ୍ଦ୍ରାପଡ଼ା ଋଣ ସମବାୟ ସମିତିର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୨।୪ (ଜଗନ୍ନାଥ ଧଳ)

ସମବାୟ ଆନ୍ଦୋଳନ ସୁଦୃଢ଼ ହେଲେ ରାଜ୍ୟ ସମୃଦ୍ଧ ହେବ। ସମବାୟ ଆନ୍ଦୋଳନ ଦ୍ୱାରା ଅଞ୍ଚଳର ପ୍ରଗତି ହୋଇଥାଏ। ସମବାୟ ଓ କୃଷି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମବାୟ ସମିତିରେ ଅର୍ଥ ବିନିଯୋଗ କଲେ ସମ୍ପୃକ୍ତ ଅଞ୍ଚଳର ବିକାଶ ହେବ ବୋଲି କେନ୍ଦ୍ରାପଡ଼ା ଋଣ ସମବାୟ ସମିତିର ୨୩ତମ ବାର୍ଷିକ ସାଧାରଣ ସଭାରେ ସଭାପତିତ୍ୱ କରି କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ମଙ୍ଗଳବାର ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ସଭାପତି ସାହୁ କହିଥିଲେ, ଏହି ସମିତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚି ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଥାଏ। ସେହିପରି ଜାତୀୟ, ଅନ୍ତର୍ଜାତୀୟ ଓ ରାଜ୍ୟସ୍ତରରେ କୃତୀ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ସମ୍ବର୍ଦ୍ଧିତ କରାଯାଇଥାଏ। ସେହିପରି ଉଚ୍ଚଶିକ୍ଷା ପାଇଁ ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରିଥାଏ। କେନ୍ଦ୍ରାପଡ଼ା ଋଣ ସମବାୟ ସମିତି ଏବେ କେବଳ ଭାରତ ବର୍ଷରେ ନୁହେଁ, ସମଗ୍ର ଏସିଆ ମହାଦେଶରେ ଅଗ୍ରଣୀ ଋଣ ସମବାୟ ସମିତି ଭାବେ ସ୍ଥାନ ଅଧିକାର କରିଛି। କୃଷି ସମବାୟର ବିକାଶ ହେଲେ ଅବିଭକ୍ତ କଟକ ଜିଲା ସମେତ ସାରା ରାଜ୍ୟରେ ଦାଦନ ଓ ବେକାରି ସମସ୍ୟା ସମାଧାନ ହୋଇପାରିବ। ଏହି ଅବସରରେ ଏହି ସମିତିର କାର୍ଯ୍ୟକାରୀ ପରିସୀମା ଅବିଭକ୍ତ କଟକ ଜିଲାରେ ଥିବା ୧୭ ଶାଖା ମଧ୍ୟରୁ ପ୍ରତି ଶାଖାର ଜଣେ ଲେଖାଏ ଉତ୍ତମ ଋଣ ପରିଶୋଧକାରୀ ଓ ଜଣେ ଲେଖାଏ ଉତ୍ତମ ସହଯୋଗୀ ଏହିପରି ୩୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ସାଧାରଣ ସଭାର ବିବରଣୀ ସମିତିର ସମ୍ପାଦକ ପ୍ରହ୍ଲାଦ ସାହୁ ପାଠ କରିଥିଲେ। ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମିତିର ନିର୍ଦ୍ଦେଶକ ଅକ୍ଷୟ ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ସହକାରୀ ସାଧାରଣ ପରିଚାଳକ ରମେଶ ସେଠୀ, ମାର୍ଶାଘାଇ ଶାଖା ପରିଚାଳକ ରଞ୍ଜନ ସାହୁ, ଟାଉନ ଶାଖା ପରିଚାଳିକା ଅନୁରତା ସାମନ୍ତରାୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




ସାଧାରଣ ସଭାରେ ଉପସ୍ଥିତ ଅତିଥିମାନେ।

# ମେଡିକାଲ କଲେଜ ପାଇଁ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା



ଗଣଧାରଣାରେ ସାମିଲ ହୋଇଥିବା ଲୋକମାନେ।

କେନ୍ଦ୍ରାପଡ଼ା, ୨୨।୪ (ଜଗନ୍ନାଥ ଧଳ)

ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ଏକ ଦାବି ହୋଇ ରହିନାହିଁ। ଏହା ଜିଲାର ସ୍ୱାଭିମାନ ଓ ସମ୍ମାନର ପ୍ରଶ୍ନ ହୋଇଯାଇଛି ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ସଭାରେ କର୍ମକର୍ତ୍ତାମାନେ ମଙ୍ଗଳବାର ମତ ରଖିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଗଣଧାରଣା ଦିଆଯାଇଥିଲା। ଶିକ୍ଷାବିତ୍ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଆବାହକ ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ସନ୍ଦୀପ୍ତ ଦାସ, ଫକୀର ଖଟୁଆ, ଆଦିକନ୍ଦ ରାଉଳ, ଖବରଦାତା ଚିତ୍ତରଞ୍ଜନ ଦାସ, ଆଇନଜୀବୀ ସରୋଜରାଜ ସିଂ, ଡ. ଉପେନ୍ଦ୍ର ପ୍ରଧାନ, ନରୋତ୍ତମ ପାର୍ଥସାରଥି ପ୍ରମୁଖ ମତ ରଖିଥିଲେ। ସେମାନେ କହିଥିଲେ, ରାଜ୍ୟରେ ୩ଟି ମେଡିକାଲ କଲେଜ ଥିଲାବେଳେ କେନ୍ଦ୍ରାପଡ଼ା ଜିଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ପୂର୍ବ ସରକାରଠାରୁ ଚଳିତ ସରକାର ପର୍ଯ୍ୟନ୍ତ ୧୭ଟି ମେଡିକାଲ କଲେଜ ଘୋଷଣା ହେଲାଣି। ମାତ୍ର କେନ୍ଦ୍ରାପଡ଼ା ସେଥିରୁ ବାଦ୍ ପଡ଼ିଛି। କେନ୍ଦ୍ରାପଡ଼ା ଏକ ଆର୍ଥିକ ଅନଗ୍ରସର ଜିଲା। ଆବଶ୍ୟକ ଭିତ୍ତିଭୂମିର ଅଭାବରୁ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ହୋଇ ପାରୁନାହିଁ। ଜିଲା ମଧ୍ୟ ଦେଇ ଯାଇଥିବା ୫୩ ନଂ. ଜାତୀୟ ରାଜପଥ, ରେଳପଥ ପାଇଁ ଜିଲାବାସୀ ବହୁ ହଜାର ଏକର ଚାଷଜମି ଓ ଭିଟାମାଟି ହରାଇଥିବାବେଳେ ସେଥିଯୋଗୁ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ପାରାଦୀପର ଶିଳ୍ପ କାରଖାନାଗୁଡ଼ିକରୁ ନିଷ୍କାସିତ ବର୍ଜ୍ୟବସ୍ତୁ ତଥା ବିଷାକ୍ତ ଗ୍ୟାସ ଜିଲାବାସୀଙ୍କ ଅନେକ ଦୁରାରୋଗ୍ୟର କାରଣ ହୋଇଛି। ଚଳିତ ସରକାରଙ୍କ ମନ୍ତ୍ରୀ ଓ ବିଧାୟକମାନେ ଅନୌପଚାରିକ ଭାବେ ମେଡିକାଲ କଲେଜ ହେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଆସନ୍ତା ମୌସୁମୀ ଅଧିବେଶନରେ ବିଧାନସଭାରେ ମେଡିକାଲ କଲେଜ ଘୋଷଣା ଓ ସେଥିଲାଗି ଆନୁଷଙ୍ଗିକ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଏଠାରେ ଆହ୍ୱାନ ଦିଆଯାଇଥିଲା। ଗଣଧାରଣାସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଗ୍ରହଣ କରିଥିଲେ।

# ବର୍ଷିଆନ୍ ରାଜନେତା ଗୋବିନ୍ଦଙ୍କ ପରଲୋକ



ଗୋପାଳ ଚନ୍ଦ୍ର ଦାସ।

ରାଜକନିକା, ୨୨।୪ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ପଞ୍ଚାୟତ ନରସିଂହପୁର ଗାଁର ବର୍ଷିଆନ୍ ରାଜନେତା ଗୋବିନ୍ଦ ଚନ୍ଦ୍ର ଦାସ (୯୦) ଙ୍କ ଘରେ ସୋମବାର ରାତିରେ ପରଲୋକ ହୋଇଛି। ଓଳାଭର ଅଞ୍ଚଳର ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ। ତାଙ୍କ ଉଦ୍ୟମରେ ୧୯୪୩ରେ ଓଳାଭରଠାରେ ବେସରକାରୀ ଚିକିତ୍ସାଳୟ ପ୍ରତିଷ୍ଠା, ପରେ ୧୯୯୪ରେ ୨୦ ଶଯ୍ୟା ବିଶିଷ୍ଟ ଡ. ରାଧାନାଥ ରଥ ସରକାରୀ ହସ୍ପିଟାଲରେ ପରିଣତ ହୋଇଥିଲା। ୧୯୭୪ ରେ ଓଳାଭର ମହାବିଦ୍ୟାଳୟ ପ୍ରତିଷ୍ଠା କରାଇବା, ୧୯୪୫ରେ ଓଳାଭର ମଧ ଇଂରାଜୀ ବିଦ୍ୟାଳୟ ସ୍ଥାପନା କରିବା, ୧୯୮୧-୮୨, ୧୯୮୨-୮୩ରେ ସିଟି ସ୍କୁଲ୍ ସ୍ଥାପନ କରିଥିଲେ। ମଙ୍ଗଳବାର ତାଙ୍କ ଶୋଭାଯାତ୍ରା ଓଳାଭର, ବଳରାମପୁର ପଞ୍ଚାୟତରେ ହୋଇଥିଲା। ତାଙ୍କ ପରଲୋକରେ ରାଜନେତା ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସ ନେତ୍ରୀ ଡା. ଦେବସ୍ମିତା ଶର୍ମା, ପବିତ୍ର ରାଉତ, ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ଉତ୍ତମ ସେନାପତି, କୈଳାସ ବେହୁରା, ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସରପଞ୍ଚ ନହୁଷ ନାୟକଙ୍କ ସହ ବହୁ ସାଧାରଣ ଲୋକ ସାମିଲ ହୋଇଥିଲେ। ଓଳାଭର ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରା, ଓଳାଭର ନୋଡାଲ ହାଇସ୍କୁଲ, ଡ. ରାଧାନାଥ ରଥ ହସ୍ପିଟାଲ, ଓଳାଭର ସହ ଶିକ୍ଷା ସ୍କୁଲ ଓ ଓଳାଭର ଯୁବକ ସଂଘ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତାଙ୍କ ପୁତ୍ର ପ୍ରଦୀପ ମୁଖାଗ୍ନି ଦେଇଥିଲେ। ଗାଁ ଶ୍ମଶାନରେ ସଂସ୍କାର କରାଯାଇଥିଲା।

# ବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ

ରାଜନଗର, ୨୨।୪
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତୀନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ମଙ୍ଗଳବାର ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ଚିତ୍ରକଳା, କୁଇଜ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ଧରିତ୍ରୀ ମା'କୁ ସବୁଜିମା କରିବା ପାଇଁ ସବୁଜ ଶପଥ ପାଠ କରାଇବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲାଇ, ଗୋପବନ୍ଧୁ ବେହେରା, ସୌମ୍ୟରଞ୍ଜନ ନାୟକ, ବର୍ଷାରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସେକ ନେମାତୁଲା ଧନ୍ୟବାଦ ଦେଇଥିଲେ।

# ବେଆଇନ ମାଟି ଚାଲାଣ ବେଳେ ୨ ହାଇୱା ଜବତ, ୨ ଗିରଫ

ଡେରାବିଶ, ୨୨।୪
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ତହସିଲ ଅଧୀନ ଅଞ୍ଚଳରେ ଦୀର୍ଘଦିନ ହେବ ବେଆଇନ ଭାବେ ଚୋରାରେ ମାଟି ଓ ବାଲି ଚାଲାଣ ହେଉଥିବା ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ରୋକିବାକୁ ତହସିଲଦାର ଡେରାବିଶ ଥାନା ଅଧିକାରୀ ନେତୃତ୍ୱରେ ରାଜସ୍ୱ ଓ ପୋଲିସ କର୍ମଚାରୀଙ୍କୁ ନେଇ ଏକ ଟାସ୍କଫୋର୍ସ ଟିମ୍ ଗଠନ କରାଯାଇଥିଲା। ସୋମବାର ଅପରାହ୍ନରେ ତହସିଲ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ନୂଆହାଟ ପାଟ ଜମିରୁ ବେଆଇନ ଭାବେ ମାଟି ଚୋରାରେ ଚାଲାଣ ହେଉଥିଲା। ଏ ସମ୍ପର୍କରେ ଖବରପାଇ ତହସିଲଦାର ସରୋଜକାନ୍ତ ନାୟକ ଓ ଆଇଆଇସି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଗଠିତ ଟାସ୍କଫୋର୍ସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚୋରାରେ ଚାଲାଣ ହେଉଥିବା ୨ଟି ମାଟି ବୋଝେଇ ହାଇୱାଙ୍କୁ ଜବତ କରିଥିଲେ। ଏଥିସହ ୨ ଚାଳକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଗିରଫ ୨ ଚାଳକ ହେଲେ ସରୋଜ ମଲ୍ଲିକ ଓ ପ୍ରଦ୍ୟୁମ୍ନ ରାଉତ। ଏ ନେଇ ମଙ୍ଗଳବାର ଥାନାରେ ନଂ. ୭୦/୨୫ରେ ମାମଲା ରୁଜୁ ହେବା ସହ ଅପରାହ୍ନରେ ୨ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟରେ ପାତରଅନ୍ତର: ବିଡିଓଙ୍କୁ ଦାବିପତ୍ର

## ୭ଦିନ ମଧ୍ୟରେ ପଦକ୍ଷେପ ନ ନେଲେ ବ୍ଲକ ସମ୍ମୁଖରେ ଧାରଣା



ବିଡିଓଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ରାଜକନିକା, ୨୨।୪ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ନିର୍ଦ୍ଦିଷ୍ଟ କେତେଗୋଟି ପଞ୍ଚାୟତରେ ଉଦ୍ଦେଶ୍ୟମୂଳକ ଭାବେ ଉନ୍ନୟନମୂଳକ କାର୍ଯ୍ୟରେ ପାତରଅନ୍ତର ସହ ଜନପ୍ରତିନିଧିଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ମୁତାବକ ପଞ୍ଚାୟତ ସମିତି ବୈଠକ ଠିକ୍ ସମୟରେ କରାଯାଉନାହିଁ। ଏଭଳି ଅଭିଯୋଗ ଆଣି ମଙ୍ଗଳବାର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମଗୁଲି ଚରଣ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ନେତ୍ରୀ ଡା. ଦେବସ୍ମିତା ଶର୍ମା ବ୍ଲକରେ ପହଞ୍ଚି ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

କେନ୍ଦ୍ର ହେଉ ବା ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ଲକକୁ ଆସୁଥିବା ଅର୍ଥରାଶିକୁ ସମସ୍ତ ପଞ୍ଚାୟତରେ ପ୍ରକଳ୍ପ ମୁତାବକ ସମାନ ଭାବେ ବିନିଯୋଗ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଉଦ୍ଦେଶ୍ୟମୂଳକ ଭାବେ କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଥିବା ପଞ୍ଚାୟତକୁ ବ୍ଲକ ପ୍ରଶାସନ ପାତର ଅନ୍ତର ଭିତ୍ତିରେ ଦେଖି ହଇରାଣ କରାଯାଉଛି। ନିର୍ଦ୍ଦିଷ୍ଟ କେତେଗୋଟି ପଞ୍ଚାୟତରେ ଅର୍ଥ ବ୍ୟୟ କରାଯାଇ ଉନ୍ନତିମୂଳକ କାର୍ଯ୍ୟ ହେଉଛି। ପଞ୍ଚାୟତିରାଜ ବିଧି ବ୍ୟବସ୍ଥା ମୁତାବକ ପଞ୍ଚାୟତ ସମିତି ବୈଠକ ଠିକ୍ ସମୟରେ ନ ହେବା, ବାତ୍ୟା ପରିଚାଳନା ଓ ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ହୋଇ ନ ଥିବା ପଞ୍ଚାୟତକୁ ଅଧିକ ଅନୁଦାନ ଦେବା, ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନଦୀକୂଳିଆ ପଞ୍ଚାୟତକୁ କମ୍ ଅନୁଦାନ ଦେଇ ଉପେକ୍ଷା କରାଯାଇଛି। ମଞ୍ଜୁର ହୋଇଥିବା ଅର୍ଥରାଶି ପାଇଁ ବାରମ୍ବାର ଜନପ୍ରତିନିଧିଙ୍କୁ ଦୌଡାଇ ହଇରାଣ ନ କରିବା, ପଞ୍ଚାୟତ ସମିତି ବୈଠକର ରିଜୋଲ୍ୟୁଶନ କପି ଠିକ୍ ସମୟରେ ପ୍ରଦାନ ନ କରିବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ରାଶନ କାର୍ଡ, ଆବାସ ଯୋଜନାରେ ଘର, ୮୦ ବର୍ଷିଆ ଭତ୍ତା ଭଳି ଅନ୍ୟ ଯୋଜନାକୁ ଦଳୀୟ ଭିତ୍ତିରେ ବ୍ଲକ ପ୍ରଶାସନିକ ଅଧିକାରୀ କାର୍ଯ୍ୟ କରିବା ନେଇ ଅଭିଯୋଗ କରିଛନ୍ତି। ସମସ୍ତ ଅନିୟମିତତାର ଆଗାମୀ ୭ ଦିନ ମଧ୍ୟରେ ତଦନ୍ତ କରାଯାଇ ସମାଧାନ କରା ନ ଗଲେ କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ। ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ ସମର୍ଥିତ ଦେଉଳତରା ପଞ୍ଚାୟତ ସମିତି ସଭ୍ୟ ତଥା ପିସିସି ସଭ୍ୟ ବାବୁରାମ ଜେନା, ଭାରିଗଦା ସମିତି ସଭ୍ୟ ଶରତ କୁମାର ରାଉତ, ସିକୋ ସମିତି ସଭ୍ୟ ଅମିତ କୁମାର ନାୟକ, ବଳରାମପୁର ସମିତି ସଭ୍ୟା ଅଞ୍ଜନା ସାହୁ, ପଣସଗଣ୍ଡ ସମିତି ସଭ୍ୟା ସୁଭଦ୍ରା ମଲିକ, ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ଭାରିଗଦା ସରପଞ୍ଚ ମୀନା ମଲିକ, ବରୁଣା ସରପଞ୍ଚ ଯଶୋମତୀ ବେହେରା, କୋରନ୍ଦ ସରପଞ୍ଚ ଗୀତାଞ୍ଜଳି ସେଠୀ ଓ ସିକୋ ସରପଞ୍ଚ ଗଙ୍ଗାଧର ବେହେରା, ସତ୍ୟବ୍ରତ ପରିଡା, ପ୍ରମୋଦ ପତି, ଅଜୟ ଦାସ, ସୁଶାନ୍ତ ମଲ୍ଲିକ, ବସନ୍ତ ଦାସ ପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହାର ଏକ କିତା ନକଲ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ, ଅନ୍ୟଙ୍କୁ ଗିରଫ ଦାବିରେ ଥାନା ଘେରାଉ




ମହିଳାମାନେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ଦାବିରେ ରାଜନଗର ଥାନା ଘେରାଉ କରିଥିବା ବେଳେ ପୋଲିସ ବୁଝାଉଛି।

## ଯୌତୁକ ପାଇଁ ୯ ମାସର ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟଣା

### ଅଭିଯୁକ୍ତଙ୍କୁ ୪ ଦିନ ଥାନାରେ ଅଟକ ରଖିବାକୁ ନେଇ ବଢ଼ୁଛି ପ୍ରତିକ୍ରିୟା

ରାଜନଗର, ୨୨।୪
(ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ଗାଁରେ ଯୌତୁକ ପାଇଁ ୯ ମାସର ଗର୍ଭବତୀ କଳ୍ପନା ପରିଡ଼ାଙ୍କୁ ହତ୍ୟା କରାଯାଇଥିବା ନେଇ ଶନିବାର ଅଭିଯୋଗ ହୋଇଥିଲା। ଝିଅଙ୍କ ପରିବାର ଲୋକେ ବାହାରୁ ଖବରପାଇ ଶାଶୁଘରେ ପହଞ୍ଚିବା ବେଳକୁ ଝିଅ ମରି ପଡ଼ିଥିବା ଦେଖିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିଦିନ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସ୍ୱାମୀ ଦୀପକ ଦାସ, ତାଙ୍କ ଦାଦା ଅଜୟ ଦାସଙ୍କୁ ଧରିଥିଲେ ମଧ୍ୟ ଆଜିଯାଏ କୋର୍ଟ ଚାଲାଣ କରୁନି। ୪ ଦିନ ହେଲା ତଦନ୍ତ ଚାଲିଛି କହି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁ ନ ଥିବାରୁ ମଙ୍ଗଳବାର ସନ୍ଧ୍ୟାରେ ଆଳି ଥାନା ନଳପାହି ଗାଁର ମହିଳାପୁରୁଷ ରାଜନଗର ଥାନା ଘେରାଉ କରିଛନ୍ତି। ସ୍ୱାମୀ ଓ ଦାଦା ଶ୍ୱଶୁରଙ୍କୁ କୋର୍ଟ ଚାଲାଣ ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନଳପାହି ଗ୍ରାମବାସୀ ଥାନା ଆଗରେ ବସି ରହିଛନ୍ତି। ପୋଲିସ ହତ୍ୟା ଓ ଯୌତୁକ ନିର୍ଯାତନା ଭଳି ସଙ୍ଗିନ୍ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୪ ଦିନ ଧରି କୋର୍ଟ ଚାଲାଣ ନ କରି ଥାନାରେ କିପରି ଅଟକ ରଖିଛି ସେନେଇ ଉତ୍ୟକ୍ତ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି।

ଶତାଧିକ ମହିଳା ଝିଅର ହତ୍ୟାକାରୀଙ୍କୁ କୋର୍ଟ ଚାଲାଣ ଦାବିରେ ଥାନାରେ ପହଞ୍ଚି ହୋହାଲ୍ଲ କରିଥିଲେ। ମୃତାଙ୍କ ପରିବାର ଲୋକ ଅର୍ଥାତ୍ ଦାଦା ଶ୍ୱଶୁରଙ୍କୁ ମଙ୍ଗଳବାର ପୋଲିସ ଛାଡ଼ି ଦେବେ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଆଇଆଇସି ନରେଶ କୁମାର ସାହୁ ଉତ୍ୟକ୍ତ ଲୋକଙ୍କ ଅଭିଯୋଗ ଉପରେ ମାମଲା ରୁଜୁ କରିଛି। ଆମେ ପ୍ରାଥମିକ ତଦନ୍ତ ରିପୋର୍ଟରେ ହତ୍ୟା କରାଯାଇଥିବା କୌଣସି ଲକ୍ଷଣ ପାଇଲୁ ନାହିଁ। ତାଙ୍କୁ ହତ୍ୟା କରାଯାଇନାହିଁ କିମ୍ବା ସେ ଆତ୍ମହତ୍ୟା କରିନାହାନ୍ତି। ମୃତଦେହ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟ ମିଳିଛି। ସେଥିରେ ତାଙ୍କ ହାର୍ଟ ଓ ଲଙ୍ଗ୍‌ସରେ ପାଣି ଜମିଥିଲା। ସେଥିପାଇଁ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି ଉଲ୍ଲେଖ ରହିଛି। ପରବର୍ତ୍ତୀ ରିପୋର୍ଟକୁ ଅପେକ୍ଷା କରିଛୁ ଓ ତଦନ୍ତ ଜାରି ରଖିଛୁ। ତଦନ୍ତ ସରି ନ ଥିବାରୁ ୪ ଦିନ କ'ଣ ୫ ଦିନ ଅଟକ ରଖିହେବ ବୋଲି ଆଇଆଇସି ଉତ୍ୟକ୍ତ ଲୋକଙ୍କୁ କହିଛନ୍ତି। ପୋଲିସର ଉତ୍ତରରେ ସନ୍ତୁଷ୍ଟ ନ ହୋଇ ନଳପାହି ଗ୍ରାମର ମହିଳାମାନେ ଥାନା ଆଗରେ ନ୍ୟାୟ ପାଇଁ ବସି ରହିଛନ୍ତି।

ସୂଚନାଯୋଗ୍ୟ, ଆଳି ଥାନା ନଳପାହି ଗାଁର ଜୟରାମ ପରିଡ଼ାଙ୍କ ଝିଅ କଳ୍ପନା ବାଲିସାହିପାଟଣା ଗାଁର ଦୀପକଙ୍କୁ ୨୦୨୪ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ବରଘର ଦାବି ମୁତାବକ ସମସ୍ତ ଆସବାସପତ୍ର ସହ ସୁନା ଅଳଙ୍କାର ଝିଅ ଘର ପକ୍ଷରୁ ଦିଆଯାଇଥିଲା। କିନ୍ତୁ ଶାଶୁଘର ଲୋକେ ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରିବା ସହ ଝିଅକୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏପରିକି ଝିଅ ଗର୍ଭବତୀ ହେବା ପରେ ମେଡିକାଲ ନେଉ ନ ଥିଲେ। ଶୁକ୍ରବାର ରାତିରେ ସ୍ୱାମୀ ଦୀପକ, ଶାଶୁ, ଶ୍ୱଶୁର ଓ ଦିଅର ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ। କେସ୍ ନଂ. ୧୩୦/୨୫ରେ ମାମଲା ରୁଜୁ ହୋଇଛି।

# ଗୋପୀନାଥପୁରରେ ପାନୀୟ ଜଳ ସଙ୍କଟ


ମହିଳାମାନେ ଅନ୍ୟ ଗାଁରୁ ପାଣି ଆଣି ଫେରୁଛନ୍ତି ।

ଖଣ୍ଡପଡ଼ା,୨୨।୪(ଅଜୟ କୁମାର ମହାରଣା)

### ଟ୍ୟାଙ୍କରରେ ପାଣି ଯୋଗାଇଦେବା ପାଇଁ ଦାବି

ଖଣ୍ଡପଡ଼ା ବ୍ଲକର ବେଣାଗାଡିଆ ପଞ୍ଚାୟତର ୨୧ ଓ ୨୨ନଂ.ୱାର୍ଡର ୬ଶହରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କୁ ନେଇ ଗୋପୀନାଥପୁର ଗ୍ରାମ ଗଠିତ । ହେଲେ ଏହି ଗ୍ରାମର ବାସିନ୍ଦାମାନେ ପାନୀୟ ଜଳ ସଂଗ୍ରହ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଗତ ଦିନରେ ସଂପୃକ୍ତ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଗ୍ରାମ ନିକଟରେ ବୋରୱେଲର ବ୍ୟବସ୍ଥା କରାଯାଇଥିଲା । ମାତ୍ର ଏହା କାର୍ଯ୍ୟକାରୀ ହେବାରେ ସମସ୍ୟା ସୃଷ୍ଟି ହୋଇଥିଲା । ବାଣପୁର- ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଅବସ୍ଥିତ ଗୋପୀନାଥପୁର ଗ୍ରାମ ଦେଇ ବାଣପୁରସ୍ଥିତ ମହାନଦୀରୁ ନୟାଗଡ଼କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ମାତ୍ର ଉକ୍ତ ଗ୍ରାମ ଦେଇ ଅନ୍ୟତ୍ର ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ବେଳେ ଗୋପୀନାଥପୁର ଅଞ୍ଚଳ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ସଂପୃକ୍ତ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସଂପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଦିନକୁ ଦିନ ରୌଦ୍ରତାପର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଜଳଉତ୍ସଗୁଡିକ ଶୁଖିବାରେ ଲାଗିଛି ।

## ପାନୀୟ ଜଳ ପାଇଁ ଗୋଛାବାରୀ ଗ୍ରାମବାସୀ ହନ୍ତସନ୍ତ

ଖଣ୍ଡପଡ଼ା,୨୨।୪(ଅଜୟ କୁମାର ମହାରଣା)-ଖଣ୍ଡପଡ଼ା ବ୍ଲକର କିଆଝର ଅଧୀନ ଗୋଛାବାରୀ ଗ୍ରାମର ବାସିନ୍ଦା ସାଂପ୍ରତିକ ପରିସ୍ଥିତିରେ ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କୁ ପାଇପ ଲାଇନ ଯୋଗେ ଆବଶ୍ୟକୀୟ ପାନୀୟ ଜଳ ଯୋଗାଇ ଦିଆ ଯାଇ ଥିବାରୁ ସ୍ଥାନୀୟ ବାସିନ୍ଦା ବାଧ ହୋଇ ଗ୍ରାମରେ ଥିବା ନଳକୂପ, କୂପ ସମେତ ଅନ୍ୟାନ୍ୟ ଉତ୍ସରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବା ବେଳକୁ ବେଳ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଗୋଟିଏ ନଳକୂପରୁ ଏକାଧିକ ମହିଳା ଏକ ସଙ୍ଗରେ ଜଳ ସଂଗ୍ରହ କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି । ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ କୂପରେ ୨୦ରୁ ୨୫ ଫୁଟ ତଳେ ପାଣି ଉପଲବ୍ଧ ହେଉଛି । ଗ୍ରାମବାସୀଙ୍କୁ ପାଇପ ଲାଇନ ଯୋଗେ ଅଧିକ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହେଉଛି ।

ଗ୍ରାମରେ ଥିବା କୂପ ଓ ନଳକୂପର ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଗ୍ରାମର ମହିଳାମାନେ ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏକ କୂପରୁ ପାନୀୟ ଜଳ ସଂଗ୍ରହ କରୁଥିବା ପରିଲକ୍ଷିତ ହେଉଛି । ବିଶେଷକରି ପାଠପଢୁଥିବା ଅନେକ ଛାତ୍ରୀ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସେମାନଙ୍କ ସାଇକେଲରେ କୂଅରୁ ପାଣି ଆଣୁଥିବା ପରିଲକ୍ଷିତ ହୋଇଛି । ପାନୀୟ ଜଳ ସଂଗ୍ରହ ନିମନ୍ତେ ମହିଳାମାନଙ୍କୁ ବାରମ୍ବାର ବାହାରକୁ ଆସିବାକୁ ପଡୁଛି । ତେଣୁ ଗ୍ରାମବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ରାମକୁ ଜଳ ଯୋଗାଣର ବିକଳ୍ପ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି । ସଂପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗୋପୀନାଥପୁର ଗ୍ରାମବାସୀ ଦାବି କରିଛନ୍ତି । ତେବେ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ସୂଚନା ଦେଇଛନ୍ତି ।

## ୧୪ କୋଟି ଟଙ୍କାର ୪୫୮ ପ୍ରକଳ୍ପର ଶୁଭାରମ୍ଭ


ଖବରଦାତା ସମ୍ମିଳନୀରେ ଜିଲାପାଳ ପ୍ରକଳ୍ପର ସୂଚନା ଦେଉଛନ୍ତି ।

ନୟାଗଡ଼,୨୨।୪(ଲୋକନାଥ ମିଶ୍ର): ଜିଲାପାଳଙ୍କ ଓସୱାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅଭାସୀ ଯୋଗେ ଯୋଡି ହୋଇଥିବା ୮ ବ୍ଲକର ଅଧ୍ୟକ୍ଷ, ବିଡିଓଙ୍କର ୪୫୮ ପ୍ରକଳ୍ପକୁ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶୁଭାରମ୍ଭ କରିଛନ୍ତି । ପ୍ରକଳ୍ପ ଶୁଭାରମ୍ଭ ସମୟରେ ଜିଲାପାଳଙ୍କ ସହ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍ ଉପସ୍ଥିତ ଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବିଡିଓମାନଙ୍କ ଆକ୍ସନ ପ୍ଲାନ ମୁତାବକ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇଛି । ପଞ୍ଚମ ଅର୍ଥ କମିଶନର ୫୦ କୋଟି ଟଙ୍କାର ଅନୁଦାନରୁ ୧୪ କୋଟି୩୨ ଲକ୍ଷ ୩୧ ହଜାର ୮୭୮ ଟଙ୍କା ବ୍ୟୟ ଅଟକଳ ହୋଇଛି । ସେହି ଅର୍ଥ ଜୁନ ମାସ ସୁଦ୍ଧା ଖର୍ଚ୍ଚ ହେବ । ନିର୍ବାଚନ ପୂର୍ବରୁ ପଞ୍ଚମ ଅର୍ଥ କମିଶନର ୫୦ କୋଟି ଟଙ୍କା ଅନୁମୋଦିତ ହୋଇ ପଡି ରହିଥିଲା। ଅବଶିଷ୍ଟ ବକେୟା ପ୍ରାୟ ୩୫ କୋଟି ଟଙ୍କା ପରବର୍ତ୍ତୀ ସମୟରେ ବ୍ୟୟବରାଦ ହେବ । ଏହି ଅବସରରେ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ କହିଛନ୍ତି, ପଞ୍ଚମ ଅର୍ଥ କମିଶନ ପକ୍ଷରୁ ୫ ବର୍ଷରୁ ଅନୁଦାନ ଆସି ରହିଥିଲା । ଏ ବାବାଦରେ ୫୦ କୋଟି ଟଙ୍କା ପଡି ରହିଥିଲା । ଗତ ୯ ତାରିଖରେ ସବୁ ବ୍ଲକରେ ସମୀକ୍ଷା ବୈଠକ ହୋଇଥିଲା । ବିଡିଓମାନଙ୍କୁ ଆକ୍ସନ ପ୍ଲାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଡିଓଙ୍କଠାରୁ ଆକ୍ସନ ପ୍ଲାନ ମିଳିବା ପରେ ମଙ୍ଗଳବାର ପ୍ରକଳ୍ପ ଗୁଡିକର ଶୁଭାରମ୍ଭ ପାଇଁ ନିଷ୍ପତ୍ତି ନେଇଥିଲୁ । ଶୁଭାରମ୍ଭ ହୋଇଥିବା ରାସ୍ତା, କଲ୍ୟାଣ ମଣ୍ଡପ, ମନ୍ଦିର, ପୋଖରୀ ପୁନରୁଦ୍ଧାର, କୋଠଘର ଓ କମ୍ୟୁନିଟ୍ ସେଣ୍ଟର ପରି ପ୍ରକଳ୍ପର କାର୍ଯ୍ୟ ଜୁନ ମାସ ସୁଦ୍ଧା ଶେଷ ହେବ । ଅବଶିଷ୍ଟ ୩୫ କୋଟିରୁ ଊର୍ଦ୍ଧ୍ୱ ପ୍ରକଳ୍ପର କାମ ୧ମାସ ଭିତରେ ଆରମ୍ଭ ହେବ ବୋଲି କହିଛନ୍ତି ।

# ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହୋଇପାରୁନି

ଖଣ୍ଡପଡ଼ା,୨୨।୪ (ଅଜୟ କୁମାର ମହାରଣା)

### ଭିତ୍ତିପ୍ରସ୍ତର ସ୍ଥାପନର ୬ମାସ ବିତିଲା



ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟ ପରିସରରେ ନୂତନ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସହ ଆନୁସଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨୦୨୪ ଅକ୍ଟୋବରରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏଥିପାଇଁ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଗତ ଫେବୃଆରୀ ୭ କଲେଜରର ବାର୍ଷିକ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସମେତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଖୁବଶୀଘ୍ର ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେବ ବୋଲ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଛି। ଇତିମଧ୍ୟରେ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ମହାବିଦ୍ୟାଳୟ ପରିସରରେ ଉନ୍ନୟନମୂଳକ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ, ଅଧ୍ୟାପକ ଓ କର୍ମଚାରୀମାନେ ବାରମ୍ବାର ଖଣ୍ଡପଡ଼ା ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ । ପ୍ରଶାସନିକ ଖାମ୍ଖିଆଲି ସାଙ୍ଗକୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଅପରପକ୍ଷେ ଅନୁଦାନ ଅର୍ଥ ବିନିଯୋଗ ନ ହୋଇ ପଡି ରହିଥିବାରୁ ଏହା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ମଙ୍ଗଳବାର ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଅଧ୍ୟାପକମାନେ ବିଡିଓ, ବ୍ଲକ ଅଧ୍ୟକ୍ଷା ଏବଂ ଅନ୍ୟଅଧିକାରୀଙ୍କୁ ସାକ୍ଷାତ କରି ନୂତନ ଗୃହ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି । ଯଦି କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ ଘଟେ ତେବେ ଆଗାମୀ ଦିନରେ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ତ୍ରିପାଠୀ ଚେତାବନୀ ଦେଇଛନ୍ତି ।

## କନ୍ଧମାଳ ଏମ୍ପିଙ୍କ ଭ୍ରାତୃ ବିୟୋଗ



ଗଣିଆ,୨୨।୪(ସନ୍ତୋଷ କୁମାର ପ୍ରଧାନ): କନ୍ଧମାଳ ଏମ୍ପି ସୁକାନ୍ତ ପାଣିଗ୍ରାହୀଙ୍କ ଭାଇ ବସନ୍ତ ପଣିଗ୍ରାହୀଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି । ସୋମବାର ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ପାଣିଗ୍ରାହୀ ଗଣିଆ ଓ ଦଶପଲ୍ଲା ଅଞ୍ଚଳର ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ ପରିଚିତ ଥିଲେ । ସେ କୃଷି ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ । ସେ ଦଶପଲ୍ଲାର ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା କମିଟିର ସଭାପତି ଥିଲେ । ତାଙ୍କ ପରଲୋକ ଖବର ପାଇ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଗଣିଆ ବ୍ଲକ ଭାଜପା ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ମଧ୍ୟଖଣ୍ଡ ମଣ୍ଡଳ ସଭାପତି ଭାଗ୍ୟଲକ୍ଷ୍ମୀ ଦାସ, ଗଣିଆ ଲଙ୍କାପୋଡ଼ି କମିଟିର ସଭାପତି ବିଜୟ କୁମାର ସାହୁ, ଏମ୍ପିଙ୍କ ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କରଙ୍କ ସମେତ କନ୍ଧମାଳ ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବହୁ ଭାଜପା କାର୍ଯ୍ୟକର୍ତ୍ତା ଓ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କର ଏକମାତ୍ର ପୁତ୍ର ଯୋଦ୍ଧାଜିତ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ । ବସନ୍ତଙ୍କ ଭାଇ ଶରତ କୁମାର ପାଣିଗ୍ରାହୀ କନ୍ଧମାଳ ଏମ୍ପି ସୁକାନ୍ତ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବିଭୁତି ଭୂଷଣ ପଣ୍ଡା, ଭଉଣୀ ସଂଯୁକ୍ତା ପଣ୍ଡାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ ।

# ୨ ଗଞ୍ଜେଇ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼,୨୨।୪(ଲୋକନାଥ ମିଶ୍ର): ନୟାଗଡ଼ ଅବକାରୀ ମୋବାଇଲ ଟିମ ୨ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ କଟକ ଜିଲା ବାଙ୍କୀ ଥାନା ନରଗାଙ୍ଗ ଗାଁର ସୌମେନ୍ଦ୍ର ପଟ୍ଟନାୟକ(୪୨) ଓ କଟକ ସଦର ଥାନା ଶ୍ରୀରାମ ଗାଁର ଦେବେନ୍ଦ୍ର କର(୨୯) ଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି । ନୟାଗଡ଼ ଶରଣକୁଳ ରାସ୍ତାର ବଡପୁଟ ଛକରୁ କାର ସହ ୨୧ କେଜି ୮୦୦ ଗ୍ରାମ ଗଞ୍ଜେଇ ଚାଲାଣ ପଛରେ ବାଲୁଗାଁ ଅଞ୍ଚଳର ଜଣେ ଭାଜପା ନେତାଙ୍କ ହାତ ରହିଛି ବୋଲି ଚର୍ଚ୍ଚା ହେଉଛି । ଏଭଳି ଚର୍ଚ୍ଚା ଓ କିଛି ଅଭିଯୋଗ ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ଖୋଳତାଡ ଚାଲିଛି ।

ସୂଚନା ଅନୁଯାୟୀ, ଗତ ୨୧ ତାରିଖ ଅପରାହ୍ନରେ ଗଞ୍ଜେଇ ଚାଲାଣ ନେଇ ଅଭିଯୋଗ ମିଳିଥିଲା । ବ୍ରହ୍ମପୁର ଅବକାରୀ ଗୁଇନ୍ଦା ସଂସ୍ଥାର ଡେପୁଟି ସୁପରିଟେଣ୍ଡେଣ୍ଟ ଶୃତିକାନ୍ତ ରାଉତ ଗଞ୍ଜେଇ ଚାଲାଣ ନେଇ ନୟାଗଡ଼ ଅବକାରୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ପଣ୍ଡାଙ୍କୁ ଅବଗତ କରାଇଥିଲେ । ଖବର ମିଳିବା ପରେ ନୟାଗଡ଼ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ନୟାଗଡ ଅବକାରୀ ମୋବାଇଲ ଟିମ୍ ଶରଣକୁଳ ଥାନାର ବଡପୁଟ ଛକରେ ଓଡି୦୨ବିଭି ୯୪୮୪ କାରରୁ ୨୧ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ଯାହାର ଦାମ ୧ ଲକ୍ଷ ୯ ହଜାର ହେବ ବୋଲି ସୂଚନା ମିଳିଛି । ଏପରିକି ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା । ଅନ୍ୟପକ୍ଷେ ଜବତ ଗଞ୍ଜେଇ କନ୍ଧମାଳରୁ କଟକ ଯାଉଥିଲା । ଗଞ୍ଜେଇ ଚାଲାଣରେ ବ୍ୟବହୃତ କାରଟି ନୟାଗଡ଼ ସଦର ଥାନା ବାଲୁଗାଁ ଖେଡପଡା ଗାଁର ପ୍ରଭାତ ଗୁରୁଙ୍କର ବୋଲି ଜଣାପଡିଛି । କାର ମାଲିକଙ୍କୁ ନୋଟିସ୍ କରାଯିବ । ସେହିପରି ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡକୁ ଗିରଫ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ।


ଜବତ ହୋଇଥିବା କାର୍, ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ ।

- କାର୍ ସହ ୨୧ କେଜି ଗଞ୍ଜେଇ ଜବତ
- ଗଞ୍ଜେଇ କାରବାରରେ ଭାଜପା ନେତାଙ୍କ ହାତ

ନୟାଗଡ଼ ଅବକାରୀ ମୋବାଇଲ ଟିମର ଇନ୍ସପେକ୍ଟର ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ମହାପାତ୍ର, କନଷ୍ଟେବଳ ଦେବୀ ପ୍ରସାଦ ପାଣି, କୈବଲ୍ୟ ସ୍ୱାଇଁ, ନୀଳ ଲୋହିତ ମଲିକ, ଶୁଭଶ୍ରୀ ପାଣିଗ୍ରାହୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।

ଗତ ରବିବାର କଣ୍ଟିଲୋ ଫାଣ୍ଡି ପୋଲିସ ପିକ୍‌ଅପ୍ ଭ୍ୟାନ ସହ ୧୬୫ କୁଇଣ୍ଟାଲ ୮୪୫ କେଜି ଗଞ୍ଜେଇ ଜବତ କରିଥିବାବେଳେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କଣ୍ଟିଲୋ ପରେ ବଡପୁଟ ଛକରୁ ଗଞ୍ଜେଇ ଜବତ ଘଟଣା ନୟାଗଡ ଜିଲାରେ ଗଞ୍ଜେଇ କାରବାର ବଢ଼ି ଚାଲିଥିବା ସ୍ପଷ୍ଟ ହୋଇଛି ।

# ଶରଣକୁଳକୁ ବ୍ଲକ ଘୋଷଣା ଦାବି ଜୋର ଧରିଲା

ଶରଣକୁଳ,୨୨।୪(ଦୀପକ କର):

ଭାଜପା ସରକାର କ୍ଷମତାରେ ଥିବା ବେଳେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବ୍ଲକ ବିଭାଜନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶରଣକୁଳକୁ ବ୍ଲକ ମାନ୍ୟତା ପ୍ରଦାନ କରିବାକୁ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି । ଏଥିପାଇଁ ମଙ୍ଗଳବାର ଲଡୁବାବା ମନ୍ଦିର ଆଗରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା, ସେବାୟତ ଓ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସ୍ଲୋଗାନ ଦେଇ ଦାବି ଉପସ୍ଥାପନ କରିଥିଲେ। ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଓ ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ମୋହନ ନନ୍ଦ, ସେବାୟତ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ମହାପାତ୍ର, ଶତ୍ରୁଘ୍ନ ରାଉତ, ବୁଢା ମହାପାତ୍ର, କୁମାର ମହାପାତ୍ର ଆଦି ଯୋଗଦେଇ ବଜାର ପରିକ୍ରମା କରିଥିଲେ। ଏଥିରେ ଶରଣକୁଳ ବ୍ଲକ ଆମର ଦାବି, ସରକାର ତୁମେ ମାନିନିଅ ଆଦି ନାରା ଦିଆଯାଇଥିଲା। ସବୁ କ୍ଷେତ୍ରରେ ଶରଣକୁଳ ବ୍ଲକ ମାନ୍ୟତା ପାଇବାକୁ ହକଦାର ବୋଲି ବକ୍ତାମାନେ କହିଥିଲେ। ତେଣୁ ଶରଣକୁଳ ଉପଯୁକ୍ତ ସ୍ଥାନ ବୋଲି କ୍ରୀୟାନୁଷ୍ଠାନ କମିଟି ଦାବି କରିଛି। ଏହି ବିକ୍ଷୋଭ ଶୋଭାଯାତ୍ରାରେ ୨ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।


ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ବ୍ଲକ ପ୍ରତିଷ୍ଠା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ବଜ୍ରପାତରେ ଦୁଇ ଶିଶୁଙ୍କ ସମେତ ୫ ଆହତ

ରାମଗିରି,୨୨।୪(ବୃନ୍ଦାବନ ଗୌଡ଼):

ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ଅନ୍ତର୍ଗତ ଡୁବୁରୁସିଂ ଗ୍ରାମରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହୋଇ ୨ ଶିଶୁଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସଂଗୀତା ଯାନୀ (୧୫), ପୂର୍ଣ୍ଣବାସୀ ଯାନୀ (୨୦), ସୁମିତ୍ରା ଯାନୀ (୫୦), ଗିରିଧାର ଯାନୀ ( ୭), ରୀତିକା ରାଣୀ ଯାନୀ (୪)। ସଙ୍ଗୀତାଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତେ ଘର ଭିତରେ ଥିବା ସମୟରେ ଘର ପାଖରେ ଥିବା ଏକ ନଡ଼ିଆ ଗଛକୁ ପ୍ରଥମେ ବିଜୁଳି ମାରିଥିଲା। ଫଳରେ ଉପରୋକ୍ତ ୫ ଜଣ ଆହତ ହୋଇଥିଲେ। ଗ୍ରାମର ଈଶ୍ୱର ଚନ୍ଦ୍ର ବଡମୁଣ୍ଡି ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ପରେ ଅଟୋ ଯୋଗେ ଆହତମାନଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇଥିଲା।

## ସ୍ତ୍ରୀ, ପିଲାଙ୍କୁ ମାଡ଼ ମାରି ଯୁବକ ଗିରଫ

ବୁଗୁଡା,୨୨।୪(କାଳି ଚରଣଦାଶ)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ ଗ୍ରାମର ଜଣେ ଯୁବକ ନିଜ ସ୍ତ୍ରୀ ଓ ପିଲାମାନଙ୍କୁ ମାଡ଼ ମାରିବା ଅଭିଯୋଗରେ ସୋମବାର ଗିରଫ ହୋଇଛନ୍ତି। ସେ ହେଲେ ବୁଲୁ ରଣା (୪୨)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ. ୨୬୨/୨୫ରେ ଏକ ମାମଲା ରୁଜୁହୋଇଛି। ରବିବାର ବୁଲୁ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଖାଇବାକୁ ମାଗିଥିଲେ। କୌଣସି କାରଣ ନ ଥାଇ ପିଲାଙ୍କୁ ସେ ପିଟିଥିଲେ। ସ୍ତ୍ରୀ ସନ୍ତୋଷିନୀ ଏହାର ପ୍ରତିବାଦ କରବାରୁ ବୁଲୁ ତାଙ୍କୁ ମଧ ନିଘୁଞ୍ଚ ମାଡ ମାରିଥିଲେ। ଏପରିକି ସେ ସମସ୍ତଙ୍କୁ ଘରୁ ବାହର କରିଦେଇ ପୋଷାକପତ୍ରରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଭୟଭୀତ ହୋଇ ସ୍ତ୍ରୀ ଓ ପିଲାଛୁଆ ରାତିସାରା ଭୋକ ଉପାସରେ ଘର ବାହାରେ ରହିଥିଲେ। ଅନ୍ୟ ଉପାୟ ନ ପାଇ ଶେଷରେ ସନ୍ତୋଷିନୀ ଥାନାରେ ଅଭିଯୋଗ କରିଥିଲେ।

# ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପାଇଁ ଟଙ୍କା

### ଜନସେବା କେନ୍ଦ୍ରର କର୍ମଚାରୀ ନେଉଛନ୍ତି ୫୦ରୁ ୧୦୦ ଟଙ୍କା

ନୟାଗଡ଼,୨୨।୪(ଲୋକନାଥ ମିଶ୍ର):

- ଟଙ୍କା ନେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଲେ ଜିଲାପାଳ

ଏପ୍ରିଲ ୧୧ରେ ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏ.ବି.ପିଏମ.ଜେ.ଏ.ୱାଇ), ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜିଜେ.ଏ.ୱାଇ)ର ନୂଆ ଏକକ କାର୍ଡ ବିତରଣ ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା(ଏ.ଭି.ଭି.ୱାଇ) ଯୋଜନା ଲାଗୁ ହୋଇଛି । ଯୋଜନା ଲାଗୁ ପରେ ଜନସେବା କେନ୍ଦ୍ରରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡର ଇ କେୱାଇସି ନେବା ପାଇଁ ୫୦ରୁ ୧୦୦ ଟଙ୍କା ନିଆଯାଉଛି । ଏଭଳି ଅଭିଯୋଗ ନୟାଗଡ଼ ଜିଲାର ୮ଟି ବ୍ଲକ ସମେତ ସମସ୍ତ ସହରାଞ୍ଚଳରୁ ହୋଇ ଆସୁଛି । ଖେଡବାରଣା ଗାଁରେ ୫୦ ଟଙ୍କା ମାଗୁଥିବାର ଭିଡିଓ ଭାଇରାଲ ହୋଇଥିଲା । ଏଭଳି ଘଟଣା ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପାଇଁ ସରକାର ମାଗଣା ସେବା ଯୋଗାଇ ଦେଉଛନ୍ତି । ଏଥିପାଇଁ ଜନସେବା କେନ୍ଦ୍ର ଟଙ୍କା ନେଇ ପାରିବେ ନାହିଁ । ଏଭଳି ଅଭିଯୋଗ ମିଳିବା ପରେ ତାଗିଦ୍ କରାଯାଇଥିଲା । ସରକାର ଜନସେବାକେନ୍ଦ୍ରକୁ ଟଙ୍କା ଦେବା ପାଇଁ ବ୍ୟବସ୍ଥା କରିଥିବାରୁ ଜନସେବା କେନ୍ଦ୍ର କର୍ମଚାରୀ ହିତାଧିକାରୀଙ୍କଠାରୁ ଟଙ୍କା ନେଲ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଜିଲାପାଳ ମଙ୍ଗଳବାର ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି ।

# ଜ୍ଞାନ ହୋତା ପାଇବେ ଉତ୍କଳଘଣ୍ଟ ହାସ୍ୟରସିକ ଉପାୟନ

ନୟାଗଡ଼,୨୨।୪(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ସାହିତ୍ୟ ଓ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ହେବାକୁ ଥିବା ବିଶ୍ୱ ହାସ୍ୟ ଦିବସ-୨୦୨୫ ଏବଂ ହସି ହସାଅ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ ମହର୍ଷି ଖେଳ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକ ଏଥିରେ ପୌରୋହିତ୍ୟରେ କରିଥିଲେ। ସୂଚନା ଅନୁଯାୟୀ, ମେ'୪ ତାରିଖ ସନ୍ଧ୍ୟାରେ ନୟାଗଡ଼ ପୁରୁଣା ସହରସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟ ଯଦୁମଣି ମଣ୍ଡପରେ ବିଶ୍ୱ ହାସ୍ୟ ଦିବସ ପାଳିତ ହେବ। ଏଥିରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ବ୍ୟଙ୍ଗ କବିମାନଙ୍କୁ ନେଇ ହସି ହସାଅ ଆସରରେ ଜ୍ଞାନ ହୋତା, ସତ୍ୟାନାଶ, ଡ.କୁଳାଙ୍ଗାର, ବୋଲଗଡ଼ ଏକ୍ସପ୍ରେସ, ମନ ମାଷ୍ଟ୍ରେ, ଆର୍ତ୍ତତ୍ରାଣ ମିଶ୍ର, ରବିନ୍ଦ୍ର ରାଉତ, ସତ୍ୟବ୍ରତ ପାଣିଗ୍ରାହୀ, ବିଭୁ ମିଶ୍ର, ସୁଶାନ୍ତ ସାହୁ, ପ୍ରିୟବ୍ରତ ପଣ୍ଡା, ଡ. ରମାକାନ୍ତ ମହାପାତ୍ର ପ୍ରମୁଖ ବ୍ୟଙ୍ଗକାରମାନେ ଯୋଗ ଦେବେ। ଅନ୍ୟପକ୍ଷେ ବିଶେଷ ଆକର୍ଷଣ ଭାବେ ଓଡ଼ିଶାର ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ ଯୋଗ ଦେବେ । ସଭା ପ୍ରାରମ୍ଭରେ ନିକଟରେ ଇହଧାମ କରିଥିବା ଓଡିଶା ପଲିଟିକାଲ ସର୍କସର ହସ୍ୟାଭିନେତା ଅଜୟ ନାୟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ ପାଇବା ଯୋଗ୍ୟ ବିବେଚିତ




### ହସି ହସାଅ ପ୍ରସ୍ତୁତି ବୈଠକ

ଜ୍ଞାନ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନଗଦ ୨୧ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବ। ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ, ସମ୍ପାଦକ ନିର୍ମଳ ଶୁରଦେଓ,ଟ୍ରଷ୍ଟି ପ୍ରଶାନ୍ତ କୁମାର ଦାଶ ଏବଂ ଶେଖ ଅବଦୁଲ ଖାଲିକ,କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଲକ୍ଷ୍ମୀଧର ସାହୁ,ପୂର୍ଣ୍ଣଚନ୍ଦ୍ର ଶତପଥୀ,ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ,ହାସ୍ୟରସିକ ମି. କାଳିଆ, ରବୀନ୍ଦ୍ର ରାଉତ, ଦୁର୍ଯ୍ୟୋଧନ ସାହୁ, ପ୍ରଧାନୀ ବୃନ୍ଦାବନ ମହାପାତ୍ର ପ୍ରମୁଖ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

# ଗୁଣି ସନ୍ଦେହରେ ପିଟି ହତ୍ୟା

ରାୟଗଡ଼ା/ପଦ୍ମପୁର,୨୨।୪ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଶାନ୍ତ କୁମାର କର)

■ ୭ ନାବାଳକଙ୍କ ସମେତ ୨୮ ଜଣଙ୍କୁ ଉଠାଇନେଲା ପୋଲିସ
■ ସଂଘବଦ୍ଧ ଆକ୍ରମଣରେ ଥାନା ଅଧିକାରୀ ଆହତ

ଅନ୍ଧବିଶ୍ୱାସର କରାଳଗ୍ରାସରୁ ହୀନ ଏବେବି ଲୋକମାନେ ହତ୍ୟା ପରି ବାଭତ୍ସକାଣ୍ଡ ଘଟାଇବାକୁ ପଛାଉନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ହାଟପଦା ସାହିରେ। ସୋମବାର ବିଳମ୍ବିତ ରାତିରେ ଗୁଣି ଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଉଗ୍ରକ୍ଷୁବ୍ଧ ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପଦ୍ମପୁର ଲେଜିସାହିର ଭୈରବ ସାହୁ(୫୦)। ତେବେ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଯାଇ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ରାୟଗଡ଼ା ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏନେଇ ପଦ୍ମପୁର ଥାନାରେ କେସ୍ ନଂ. ୬୦/୨୫ରେ ଏକ ମାମଲା ରୁଜୁ ହୋଇଛି। ୭ଜଣ ନାବାଳକଙ୍କ ସମେତ ୨୮ଜଣଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ପରେ ମଙ୍ଗଳବାର ରାତିରେ ୨୧ଜଣଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଥିବାବେଳେ ୭ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି ବୋଲି ଅତିରିକ୍ତ ଏସ୍‌ପି ଧର କହିଛନ୍ତି।

ପୋଲିସ ସୂତ୍ରୁ ଅନୁଯାୟୀ, ଗୁଣପୁର ଉପଖଣ୍ଡ ପଦ୍ମପୁର ଥାନା ଅନ୍ତର୍ଗତ ହାଟପଦା ସାହିର ବିପିନ ସାହୁଙ୍କ ଗତ ୪ଦିନ ତଳେ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ତେଣି ସହିତ ଭୈରବ ପୂର୍ବରୁ ଗୁଣିଗାରେଡ଼ି କରୁଥିବାରୁ ସେ ବିପିନଙ୍କୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ସୋମବାର ରାତି ପ୍ରାୟ ୧୨ଟାରେ ଲୋକମାନେ ସଂଘବଦ୍ଧ ଭାବେ ଭୈରବଙ୍କୁ ଆକ୍ରମଣ କରିଥିଲେ। ଭୈରବ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବାରୁ ଲୋକେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଖବରପାଇ ପଦ୍ମପୁର ଥାନା ଆଇଆଇସି ପ୍ରଧାନ ଓ ପୋଲିସ ଟିମ୍ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଲୋକମାନେ ପୋଲିସକୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଆଇଆଇସି ଆହତ ହୋଇଥିଲେ। ଭୈରବଙ୍କୁ ପୋଲିସ ଘଟଣାସ୍ଥଳରୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ପୋଲିସ ୨୮ଜଣଙ୍କୁ ଧରି ଥାନାକୁ ଆଣିଥିଲା। ହେଲେ ସେମାନଙ୍କୁ ଖଲାସ କରିବା ପାଇଁ ଗ୍ରାମର ମହିଳାମାନେ ଥାନା ଘେରାଉ କରିଥିଲେ। ଥାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ସେଠାରେ ୧୬୩ ଧାରା ଜାରି କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘ ୩୦ବର୍ଷ ତଳେ ପଦ୍ମପୁରରେ ଏଭଳି ଏକ ଅମାନୁଷିକ ହତ୍ୟାକାଣ୍ଡ ଘଟିଥିଲା। ପଦ୍ମପୁରର ଜୁମୁରୁଗୁଡ଼ାରେ ଗୁଣିଗାରେଡ଼ି ସନ୍ଦେହରେ ଅନ୍ନପୂର୍ଣ୍ଣା ନାମ୍ନୀ ମହିଳାଙ୍କୁ ଗ୍ରାମବାସୀ ସଂଘବଦ୍ଧ ଆକ୍ରମଣକରି ଅତି ଅମାନୁଷିକ ଭାବେ ଜିଅନ୍ତା ଜାଳି ଦେଇଥିଲେ।



ଭୈରବ ସାହୁ

## ଯୁବକଙ୍କୁ ପଥରରେ ଛେଚି ହତ୍ୟା

ବିଗହଣ୍ଡି,୨୨।୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ସାମନ୍ତରାପୁର ଗ୍ରାମର ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ସେ ହେଲେ ହୀନ ପାତ୍ର। ମଙ୍ଗଳବାର ସକାଳେ ସାନଖେମୁଣ୍ଡି ବ୍ଲକ ରାମରଙ୍ଗପୁର ଗ୍ରାମ ନିକଟ ଏକ କେନାଲ ବ୍ରିଜ ପାଖରୁ ପଥର ଛେଚା ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉକ୍ତ ବ୍ରିଜ ନିକଟରେ ବହୁଦିନରୁ ହେଲା ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ସେଠାରେ ମଦ୍ୟପାନ କରି ଅସାମାଜିକ ଯୁବକମାନେ ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକଙ୍କୁ ମାଡ଼ ମାରିବା ସହ ଛିନତାଇ କରୁଥିବା ଅଭିଯୋଗ ହୋଇଛି। ତେବେ ହୀନଙ୍କ ମୃତ୍ୟୁ କିପରି ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

ହୀନ ସୋମବାର କୌଣସି କାମରେ ନିଜ ବାଇକ୍ (ନଂ.ଓଡ଼ି ୦୭ ଏଭି ୧୬୯୨) ଯୋଗେ ବ୍ରହ୍ମପୁର ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ଆସି ନ ଥିଲେ। ପରିବାର ଲୋକେ ଫୋନ କରିବାରୁ ରାତିରେ ଘରକୁ ଫେରିବେ ବୋଲି କହି ଆଉ ଆସି ନ ଥିଲେ। ମଙ୍ଗଳବାର ସକାଳେ କେତେଜଣ ଲୋକ କେନାଲ ନିକଟରେ ହୀନଙ୍କ ମୃତଦେହ ପଡ଼ିଥିବା ଓ କିଛି ଦୂରରେ ବ୍ରିଜ୍ ଉପରେ ତାଙ୍କ ବାଇକ୍ ଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସାଇଣ୍ଟିଫିକ ଟିମ ସହ ସଦଳବଳ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ବାଇକ୍‌କୁ ପୋଲିସ ଜବତ କରି ଥାନାକୁ ନେଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର

ସୁନ୍ଦରଗଡ଼,୨୨।୪(ଜୟ ନାରାୟଣ ମେଣ୍ଟୁଲି)

**ନାବାଳକଙ୍କ ସମେତ ୩ ଅଟକ**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଜଣେ ଆଦିବାସୀ ନାବାଳିକା(୧୫)ଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ସକାଳେ ପୀଡ଼ିତାଙ୍କ ପରିବାର ଲୋକେ ତଳସରା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଅଟକ ରଖିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୯୦/୨୫) ରୁଜୁ କରିବା ସହ ବୋଲେରୋ ଗାଡ଼ି ଏବଂ ୩ଟି ମୋବାଇଲ ଫୋନ୍ ଜବତ କରିଛି।

ପୋଲିସ ସୂଚନା ମୁତାବକ, ପୀଡ଼ିତା ନାବାଳିକା ତାଙ୍କ ୨ଜଣ ସାଙ୍ଗଙ୍କ ସହିତ ସୋମବାର ରାତିରେ ଗ୍ରାମରେ ଏକ ଏକୋଶିଆ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ପଛପଟୁ ଏକ ବୋଲେରୋରେ ୩ଜଣ ଆସି ସେମାନଙ୍କୁ ପିଛା କରିଥିଲେ। ଏହି ସମୟରେ ଜଣେ ନାବାଳିକା ତଳେ ପଡ଼ି ଯାଇଥିଲେ। ଫଳରେ ବୋଲେରୋରୁ ୩ଜଣ ଓହ୍ଲାଇ ତଳେ ପଡ଼ିଥିବା ନାବାଳିକାଙ୍କୁ ଟେକି ନେଇ ସେଠାରୁ ୧୧କିଲୋମିଟର ଦୂର ବାଲିଶଙ୍କରା ଶୁଖାମହାଦେବ ମନ୍ଦିର ପାହାଡ଼ ଉପରେ ଥିବା ଜଙ୍ଗଲରେ ତାଙ୍କୁ ଗଣବଳାତ୍କାର କରିଥିଲେ। ରାତି ପ୍ରାୟ ସାଢେ ୩ଟାରେ ତଳସରା ଥାନାଠାରୁ ୧୫କି.ମି. ଦୂର ରାସ୍ତା ପାର୍ଶ୍ୱରେ ପୀଡ଼ିତାଙ୍କୁ ଓହ୍ଲାଇ ଘଟଣା ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଚାଲି ଯାଇଥିଲେ। ପରେ କୌଣସି ପ୍ରକାର ଖବରପାଇ ପରିବାର ଲୋକେ ଝିଅକୁ ଉଦ୍ଧାର କରି ଘରକୁ ଆଣିଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକଙ୍କ ସହିତ ପୀଡ଼ିତା ତଳସରା ଥାନାରେ ଏତଲା ଦେଇଥିଲେ। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଗଣବଳାତ୍କାରୀଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସନ୍ଧ୍ୟାରେ ପୀଡ଼ିତାଙ୍କ ସମେତ ୨ଅଭିଯୁକ୍ତଙ୍କ ସମେତ ନାବାଳକଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ତଳସରା ଥାନାରେ ଅପହରଣ ଏବଂ ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ୨ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ସଦର ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଅପରପକ୍ଷରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି।

# ଫୁଲବାଣୀରୁ ବାଘ ଛାଲ ଜବତ, ୨ ଗିରଫ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

ବାଘ ଛାଲ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଫୁଲବାଣୀ–ବାଲିଗୁଡା ରାସ୍ତାରେ ସୋମବାର ସନ୍ଧ୍ୟାରେ ଚଢାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ କେ. ନୂଆଗାଁର ପ୍ରଦୀପ ମଲ୍ଲିକ ଓ ଗୁଟୁସା ପ୍ରଧାନ। ଉଭୟଙ୍କଠାରୁ ଗୋଟିଏ ବାଘ




ଜବତ ବାଘ ଛାଲ।

ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ ଏକ ମାମଲା ନଂ.୦୯/୨୦୨୫ ରୁଜୁ କରି ଫୁଲବାଣୀସ୍ଥିତ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବାଘଛାଲକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ବାୟୋଲୋଜିକାଲ ସେଣ୍ଟରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ଏହି ବାଘ ଛାଲ କେଉଁଠାରୁ ଆଣିଲେ କାହାକୁ ଦେବାକୁ ଆଣିଥିଲେ ତାହାର ଅଧିକ ଖୋଲତାଡ ଜାରି ରଖିଛି ଏସ୍‌ଟିଏଫ୍।

# ପିସିଆର୍ ଭ୍ୟାନ୍- ହାଇୱା ମୁହାଁମୁହିଁ ଧକ୍କା: ୨ ପୋଲିସ କର୍ମଚାରୀ ମୃତ

କଟକ/କଟକ ସଦର, ୨୨।୪ (କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)



ଦୁର୍ଘଟଣାଗ୍ରସ୍ତ ପିସିଆର୍ ଭ୍ୟାନ୍ ଓ ହାଇୱା।

■ ହୋମ୍‌ଗାର୍ଡ ଗୁରୁତର, ହାଇୱା ଚାଳକ ଅଟକ
■ ମୃତକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କଟକ ଜିଲା ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତ ପାଟଣା ନିକଟରେ ମଙ୍ଗଳବାର ଭୋର ସମୟରେ ପିସିଆର୍ ଭ୍ୟାନ୍ ଓ ବାଲି ବୋଝେଇ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ପରେ ଉଭୟ ଗାଡ଼ି କେନାଲବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ଭ୍ୟାନ୍ ଭିତରେ ଥିବା ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପିସିଆର୍ ଭ୍ୟାନ୍ ଚାଳକ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ପାଇକସାହି ଗ୍ରାମର ଜଗବନ୍ଧୁ ମହାଳି ଓ କନ୍‌ଷ୍ଟେବଲ ରାୟଗଡ଼ା ଜିଲାର ଲୋକନାଥ ଶବର। ଦୁର୍ଘଟଣାରେ ଗୁରୁତର ହୋଇଥିବା ହୋମ୍‌ଗାର୍ଡ ପବିତ୍ର ମୋହନ ସେଠୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଭୋର ସମୟରେ ରାସ୍ତା ଫାଙ୍କା ଥିବାବେଳେ ଏତେବଡ଼ ଦୁର୍ଘଟଣା ଘଟିଥିବାରୁ ଏହା ଦୁର୍ଘଟଣା କି ଯୋଜନାବଦ୍ଧ ଷଡ଼ଯନ୍ତ୍ର ସେନେଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସିଆର୍‌ଆର୍‌ଆଇ ଥାନାରୁ ପିସିଆର୍ ଭ୍ୟାନ୍(ନଂ.ଓଡି୦୫–ଜି–୯୬୬୧) ପାଟ୍ରୋଲିଂରେ ଗତିରାଉତ ପାଟଣା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା(ନଂ. ଓଡି୦୨–ୟୁ–୧୯୫୫) ସହ ଧକ୍କା ହୋଇଥିଲା। ଫଳରେ ଗାଡ଼ି ଦୁଇଟି କେନାଲବନ୍ଧ ତଳକୁ ଖସିପଡିଥିଲା। ଦୁର୍ଘଟଣାରେ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଚୂର୍‌ମାର୍ ହୋଇଯାଇଥିବାବେଳେ ୨ ପୋଲିସ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଜୋନ୍–୫ ଏସିପି କୃଷ୍ଣଚନ୍ଦ୍ର ସେଠୀ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଗ୍ୟାସ୍ କଟର ଦ୍ୱାରା ଅଲଗା କରିଥିଲେ। ସେହିପରି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ପହଞ୍ଚି ଆହତଙ୍କୁ ଚିକିତ୍ସା ଏବଂ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ମଙ୍ଗଳାବାଗ ଥାନା ପରିସରକୁ ନିଆଯାଇଥିଲା। କମିଶନରେଟ୍ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଲୋକନାଥଙ୍କ ମୃତଦେହ ରାୟଗଡ଼ା ପଠାଇ ଦିଆଯାଇଛି। ଅପରପକ୍ଷରେ ଜଗବନ୍ଧୁଙ୍କ ମୃତଦେହ ପାଇକସାହି ଗ୍ରାମ ଶ୍ମଶାନକୁ ନିଆଯାଇ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ପୁତୁରା ରାକେଶ ମହାଳି ମୁଖାଗ୍ନି ଦେଇଥିଲେ। ସେଠାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

ଦଶମନ୍ତପୁର,୨୨।୪(ଅରବିନ୍ଦ ନାୟକ)

୫ ମାସ ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ସ୍ୱାମୀ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଲୁଲ୍ଲା ପଞ୍ଚାୟତ ଅଧୀନରେ ଥିବା ନେର୍କାଗୁଡ଼ା ଗ୍ରାମର ମହେଶ୍ୱର ପରଜାଙ୍କ ସ୍ତ୍ରୀ ଦାନମତି ମୁଦୁଲି(୨୫)। ଦାନମତିଙ୍କୁ ମହେଶ୍ୱର ହତ୍ୟା କରିଥିବା ନେଇ ମୃତାଙ୍କ ଭାଇ ନକୁଳ ମୁଦୁଲି ଦଶମନ୍ତପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ, ଦାନମତି ଓ ମହେଶ୍ୱରଙ୍କ ମଧ୍ୟରେ ଦୀର୍ଘ ଦିନ ହେବ କଳହ ଲାଗି ରହିଥିଲା। କୌଣସି କାରଣକୁ ନେଇ ୭।୪।୨୫ରେ ମହେଶ୍ୱର ଦାନମତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ସମୟରେ ମହେଶ୍ୱର ଅନୁପସ୍ଥିତ ଥିଲେ। ଏହାପରେ ବାଧ୍ୟ ହୋଇ ପରିବାର ମୃତଦେହ ନେର୍କାଗୁଡ଼ା ଗାଁକୁ ନେଇଥିଲେ। ସେଠାରୁ ମହେଶ୍ୱର ଫେରାର ହୋଇଯାଇଥିବା ମୃତାଙ୍କ ଭାଇ ନକୁଳ, ପୁରୁଷୋତ୍ତମ ଓ ରଞ୍ଜନ ସୂଚନା ଦେଇଛନ୍ତି। ସ୍ୱାମୀ ଫେରାର ଥିବା ବେଳେ ମୃତଦେହ ସତ୍କାର କିପରି କରିବୁ କହି ଦାନମତିଙ୍କ ଭାଇ ନକୁଳ ପୁଣି ଥରେ ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସ୍ତ୍ରୀଙ୍କୁ ନିର୍ଯାତନା ପାଇଁ ୨ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦ୍ରାପଡ଼ା, ୨୨।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଫାଷ୍ଟ ଟ୍ରାକ୍ କୋର୍ଟରେ ରାଜକନିକା ଥାନା ଅଞ୍ଚଳର ୨୦୧୯ ମସିହାରେ ହୋଇଥିବା ସ୍ତ୍ରୀଙ୍କୁ ନିର୍ଯାତନା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ମାମଲା (ପି.ଏସ. କେସ ନଂ. ୧୭୮/୨୦୧୯)ର ଶୁଣାଣି କରି ଥାନା ଅନ୍ତର୍ଗତ ଓଲାଭର ବାଲିସାହି ଗ୍ରାମର ଅଜୟ କୁମାର ନାଥଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ବାବଦ ୫ ହଜାର ଟଙ୍କା ନ ଦେଲେ ୧ ବର୍ଷରୁ ଅଧିକ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା ସୂଚନା ଦେଇଛନ୍ତି, ଅଜୟଙ୍କ ବିବାହ ୨୦୧୭ ନଭେମ୍ବର ୨୫ରେ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଶ୍ୱଶୁର ଘରୁ ପାଇଥିଲେ। ବିବାହ ପରେ ଅଜୟଙ୍କ ଅନ୍ୟ ଜଣେ ଝିଅ ସହ ପ୍ରେମ ସମ୍ପର୍କ ରହିଥିବା ଜଣାପଡ଼ିବା ପରେ ସ୍ତ୍ରୀଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଥିଲା। ଏହି ସମୟରେ ଅଧିକ ଯୌତୁକ ବାବଦ ଅର୍ଥ ମାଗିବାରୁ ସ୍ତ୍ରୀଙ୍କ ବାପଘର ପକ୍ଷରୁ ୬୦ ହଜାର ଟଙ୍କା ଦିଆଯାଇଥିଲା। ତେବେ ୨୦୧୯ ଜୁଲାଇ ୨ରେ ଅଜୟ ତାଙ୍କର ଜଣେ ସାଙ୍ଗଙ୍କ ସହିତ ଅନୈତିକ ସମ୍ପର୍କ ରଖିବାକୁ ସ୍ତ୍ରୀଙ୍କୁ ବାଧ୍ୟ କରିଥିଲେ। ଏହାର ପ୍ରତିବାଦ କରିବାରୁ ସ୍ତ୍ରୀଙ୍କୁ ଅଜୟ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସ୍ତ୍ରୀ ଜୁଲାଇ ୨୭ରେ ଥାନାରେ ଅଭିଯୋଗ ପତ୍ର ଦେଇଥିଲେ ବୋଲି ସରକାରୀ ଓକିଲ ଜେନା ସୂଚନା ଦେଇଛନ୍ତି।

Government of Odisha "e" procurement Notice
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
No.B-36
Bid Identification No. S.E (R&B)KPT - 02/2025-26

1. Name of the work : Building works (Site Development)
2. Total No. of works : 01 No.
3. Estimated cost : Rs. 53.22 Lakhs
4. Period of completion : 03 (Three) months
5. Date & Time of availability of bid document in the portal : From 22.04.2025 at 11.00 hours to 07.05.2025 upto 17.00 hours
6. Last date / Time for receipt of bids in the portal : 07.05.2025 upto 17.00 hours
7. Date of opening of Tender : 08.05.2025 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in
Sd./- Superintending Engineer Koraput (R&B) Division
OIPR-34096/11/0019/2526

GOVERNMENT OF ODISHA
**OFFICE OF PANCHAYAT SAMITI, SADAR KEONJHAR**
NOTICE INVITING TENDER (e-Procurement)
Online Bid ID No. TCN No.01-KjrSadar/2025-2026
**No.i-38** : The Block Development Officer, Sadar, Keonjhar on behalf of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 04 (Four) Nos. |
| Estimated Cost put to Tender | Rs. 53,69,646/- |
| Tender Paper Cost | Mentioned in Column No.6 of Tender call notice |
| Period of completion | 04 (Four) Calendar Months |
| Availability of Bid Documents | From 28.04.2025 to 07.05.2025 during office hours in Website (www.tendersodisha.gov.in) |
| Period of receipt of Bid through online | From 28.04.2025 to 07.05.2025 through online |
| Date of Opening of Technical Bid | At 11.00 A.M. on 08.05.2025 in the office chamber of the BDO, Sadar, Keonjhar |
| Date of Lottery of Technical Bid | At 11.00 A.M. on 09.05.2025 in the office chamber of the BDO, Sadar, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-III or Class-IV |
| Name and Address of the OIT | Office of the Panchayat Samiti, Sadar, Collectorate Campus, At/PO-Keonjhar, Dist-Keonjhar |

Pin-758001, E-Mail ID : ori-bkeonjhar@nic.in
Further Details can be seen from the website : www.tendersodisha.gov.in
Sd./- (Sri Binod Chandra Panda) Block Development Officer Sadar, Keonjhar
OIPR-19123/11/0006/2526

idco ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820 | Fax:2542956/2541982
cgmpc@idco.in | Website:www.idco.in
File No.IDCO/H.O/FD/773/2024-25/11057 Date:17.04.25
BID IDENTIFICATION NO. P&C/EST/E-05/2025-26
NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA
**No.CAD-185:** Odisha Industrial Infrastructure Development Corporation (IDCO) invites technical and financial proposals from **"Chartered Accountant Firms for Routine Financial and Accounting Services of IDCO"**. The detailed Request for Proposal (RFP) document can be downloaded from e-procurement portal of Govt. of Odisha from **05.00 PM of 24.04.2025**. The last date of receipt of technical and financial bids through e-procurement portal of Govt. of Odisha is **01.05.2025** till **05.00 PM.** The technical bids will be opened online on **02.05.2025 at 12.30 PM**. IDCO has the right to accept or reject the Notice/RFP without assigning any reasons thereof.
OIPR-14003/11/0140/2526 Sd./-Chief General Manager (P&C)

**ZILLA SWASTHYA SAMITI, BALANGIR**
(Department of Health & FW, Govt. of Odisha)
Advt. No :21 Date : 19.04.25
**No.E-36** : Sealed tenders in prescribed format are invited from the registered firms / agencies/Suppliers for supply of Drugs & Consumables/Equipment & Instrument/ Lab Reagent for Balangir district for the year 2025-26. Interested Firms/Agencies having valid GST/Drug License/PAN No. may apply to the undersigned on or before 17.05.25 up to 1.00 P.M. through registered post/ speed post/courier only. For details regarding terms, conditions & specifications log on to www.balangir.nic.in The undersigned reserves the right to accept or reject all or any of the tenders without assigning any reason thereof.
OIPR-10019/11/0015/2526 Sd./-CDM&PHO, Balangir

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
No.B-39
E-mail ID : cebuildings_orissa@yahoo.co.in, Tel. - (0674)-2391523
INVITATIONS FOR BIDS (IFB)
File No. B-I-Home-17/2025 No. 15926 Dt. 19th April, 2025
Invitation for Bids
Bid Identification No. C.E.(B) - 03/2025-26

| | | |
|---|---|---|
| 1 | The Chief Engineer (Buildings-II), Odisha, Bhubaneswar on behalf of Works Deptt., Govt. of Odisha invites percentage rate bids in double cover system in ONLINE MODE only | |
| 2 | Nature of Work | Supply, installation, testing and commissioning of Audio, Video System 1 No. of Mini Class Room, 1 No. of Large Class Room at 4th Floor, Judicial Academy, Cuttack |
| 3 | No. of Work | 01 No. |
| 4 | Bid Cost | ₹ 10,000/- |
| 5 | Class of Contractor | MV/HT/Specialized agency with associate electrical contractor having valid license from ELBO/OEM having joint venture with electrical contractor having valid license from ELBO |
| 6 | Availability of Bid Documents in the Website | From dt. 25.04.2025 to 17.00 Hours of dt. 08.05.2025 |
| 7 | Date of Opening of Bid | Dt. 09.05.2025 at 11:30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Chief Engineer (Buildings-II), Odisha, Bhubaneswar
OIPR-34117/11/0082/2526

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:17.04.2025
No.CAD-189: NOTICE INVITATION FOR BIDS (NIFB)
E-Procurement Notice No.BP-I/04/2025-26 dt.15.04.2025
1.Nature of Work: Hard Landscaping and Soft Landscaping and Miscellaneous Work. 2. Total No. of Works: 01 No., 3. Value of Works: Rs.78.47 lakhs. 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/05/2025-26 Dt.17.04.2025 | From 23.04.2025 | To 02.05.2025 | 11.30 Hours of dt.03.05.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in
OIPR-37002/11/0060/2526 Sd./- Superintending Engineer, O.T.D.C. Ltd., BBSR

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:15.04.2025
No.CAD-190: NOTICE INVITATION FOR BIDS (NIFB)
E-Procurement Notice No.BP-I/04/2025-26 dt.15.04.2025
1.Nature of Work: Repair and Renovation, Construction of Board walk & Repair and Renovation and Upgradation. 2. Total No. of Works: 03 Nos., 3. Value of Works: Rs.141.24 lakhs to 180.00 lakhs., 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/04/2025-26 Dt.15.04.2025 | From 22.04.2025 | To 06.05.2025 | 11.30 Hours of dt.07.05.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in
OIPR-37002/11/0062/2526 Sd./- Superintending Engineer, O.T.D.C. Ltd., BBSR

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
INVITATION FOR BIDS
NATIONAL COMPETITIVE BIDDING
**Bid Identification No: RWDSE_MKG_II_ONLINE_01/2025-26**
No.O-71:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work: Building Work. 2. No. of Works: 01 No. 3. Estimated Cost: Rs.58.83 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months.
7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_20 of 2024-25 | 25.04.2025 at 11.00 A.M. | 02.05.2025 upto 05.30 PM | 01.05.2025 upto 3.00 PM | 03.05.2025 at 11.00 A.M. | To be intimated Separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.
OIPR-25079/11/0022/2526 Sd./- Superintending Engineer, Rural Works Division-II, Malkangiri

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିଲ୍ଲୀର ଷଷ୍ଠ ବିଜୟ



ଉଇକେଟ ନେବା ପରେ ଉଲ୍ଲସିତ ମୁକେଶ କୁମାର (ବାମ)।

**ଲକ୍ଷ୍ନୌ, ୨୨।୪**

ମୁକେଶ କୁମାର ଘାତକ ବୋଲିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୮ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏସ୍‌ଏଲ୍‌ଜି)କୁ ପରାସ୍ତ କରିଛି। ଲକ୍ଷ୍ନୌ ପକ୍ଷରୁ ପ୍ରଦତ୍ତ ୧୬୦ ରନର ଲକ୍ଷ୍ୟକୁ ଦିଲ୍ଲୀ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ଷଷ୍ଠ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ଏହା ଚତୁର୍ଥ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ଏଡେନ ମାରକ୍ରାମ ୫୨(୨ ଚୌକା ଓ ୩ ଛକା) ଓ ମିଚେଲ ମାର୍ଶ ୪୫ (୩ ଚୌକା ଓ ୧ ଛକା) ରନ କରିଥିବା ବେଳେ ଆୟୁଷ ବଦୋନୀ ୩୬ (୬ ଚୌକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କ ଓ ଦୁଶମନ୍ଥା ଚମିରା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଦିଲ୍ଲୀ ୧୬୦ ରନର ଟାର୍ଗେଟ୍‌କୁ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଭିଷେକ ପୋରେଲ ୩୬ ବଲରେ ୫୧ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଲୋକେଶ ରାହୁଲ ୫୭ (୩ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ଅକ୍ଷର ପଟେଲ ୩୪ (୧ ଚୌକା ଓ ୪ ଛକା) ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ମାରକ୍ରାମ ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୫୯/୬ (ଏଡେନ ମାରକ୍ରାମ-୫୨, ମିଚେଲ ମାର୍ଶ-୪୫, ଆୟୁଷ ବଦୋନୀ-୩୬, ମୁକେଶ କୁମାର-୪/୩୩, ମିଚେଲ ଷ୍ଟାର୍କ-୧/୨୫)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୫ ଓଭରରେ ୧୬୧/୨ (ଅଭିଷେକ ପୋରେଲ-୫୧, ଲୋକେଶ ରାହୁଲ-୫୭*, ଅକ୍ଷର ପଟେଲ-୩୪*, ଏଡେନ ମାରକ୍ରାମ-୨/୩୦)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ହାଇଦ୍ରାବାଦ ବନାମ ମୁମ୍ବାଇ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

# ବୁମ୍‌ରା, ମନ୍ଧାନାଙ୍କୁ ୱିଜଡେନ୍ ପୁରସ୍କାର



ସ୍ମୃତି ମନ୍ଧାନା ଓ ଯଶପ୍ରୀତ ବୁମ୍‌ରା।

**ନୂଆଦିଲ୍ଲୀ, ୨୨।୪ (ପି.ଟି.)**

ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ପୁରୁଷ ବିଭାଗରେ ଏବଂ ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ମହିଳା ବିଭାଗରେ ୱିଜଡେନ ଦ୍ୱାରା ବିଶ୍ୱର ଅଗ୍ରଣୀ କ୍ରିକେଟର ବିବେଚିତ ହୋଇଛନ୍ତି। ଗତବର୍ଷର ଉଲ୍ଲେଖନୀୟ ପ୍ରଦର୍ଶନକୁ ନେଇ ଏହି ଦୁଇ ଭାରତୀୟଙ୍କୁ ସମ୍ମାନିତ କରାଯାଇଛି। ୩୧ବର୍ଷୀୟ ବୁମ୍‌ରା ୨୦୨୪ ସିଜନରେ ୧୪.୯୨ ଆଭରେଜରେ ୭୧ଟେଷ୍ଟ ଉଇକେଟ ନେଇଛନ୍ତି। ଗୋଟିଏ ବର୍ଷରେ କୌଣସି ବୋଲର ଏତେ କମ୍ ଆଭରେଜରେ ବୋଲିଂ କରିନାହାନ୍ତି। କ୍ରିକେଟ ଇତିହାସରେ ୨୦ରୁ କମ୍ ଆଭରେଜରେ ବୁମ୍‌ରା ୨୦୦ ଉଇକେଟ ହାସଲ କରିବାରେ ପ୍ରଥମ ଟେଷ୍ଟ ବୋଲର ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ସେ କହିବାକୁ ଗଲେ ଏକତରଫା ଭାବେ ଭାରତୀୟ ଆକ୍ରମଣର ନେତୃତ୍ୱ ନେଇ ୧୩.୦୬ ଆଭରେଜରେ ୩୨ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ବିଶ୍ୱକପ୍‌ରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମହିଳା ଦଳର ସିନିୟର ବ୍ୟାଟର ସ୍ମୃତି ମନ୍ଧାନା ବିଶ୍ୱର ଅଗ୍ରଣୀ ୱିଜଡେନ ମହିଳା କ୍ରିକେଟର ବିବେଚିତ ହେବା ଦ୍ୱାରା ଭାରତ ଦୁଇଟି ପୁରସ୍କାର ଜିତି ପାରିଛି।

**ଫିଡେ ମହିଳା ଗ୍ରାଁ ପ୍ରି**

## କୋନେରୁ ହମ୍ପି ଅଗ୍ରଣୀ

**ପୁଣେ, ୨୨।୪:** ଏଠାରେ ଚାଲିଥିବା ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟ ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହେବା ସମ୍ଭାବନା ସୃଷ୍ଟି କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ୮ମ ରାଉଣ୍ଡ ଶେଷସୁଦ୍ଧା ହମ୍ପି ୬ ପଏଣ୍ଟ ପାଇ ଅଗ୍ରଣୀଲାଭ କରିଛନ୍ତି। ଚାଇନାର ଜିନେର ଝୁ ମଧ୍ୟ ୬ ପଏଣ୍ଟ ପାଇ ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖ ୫ ପଏଣ୍ଟ ସହ ତୃତୀୟ ଓ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ୩.୫ ପଏଣ୍ଟ ପାଇ ୬ଷ୍ଠରେ ରହିଛନ୍ତି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି।

## ଭାରତୀୟ ଦଳରେ କିଟ୍‌ର ଅବିନାଶ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ):** ଜର୍ମାନୀରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୧୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଚୟନ ଟ୍ରାଏଲ୍ସ କିଟ୍ ପରିସରରେ ହୋଇଥିଲା। ଟ୍ରାଏଲ୍ସରେ ଭାଗ ନେଇ ନ ଥିବା ଅନ୍ତର୍ଜାତୀୟ ଖେଳାଳି ଲକ୍ଷ୍ୟ ସେନ୍ ଦଳରେ ସାମିଲ ହୋଇଛନ୍ତି ଏବଂ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ତ୍ରୀରଙ୍ଗାଧାରୀ ହେବେ।

### କଳିଙ୍ଗ ସୁପର କପ୍

(ଆଜିର ମ୍ୟାଚ)
**ବେଙ୍ଗାଲୁରୁ ଏଫ୍‌ସି ବନାମ ଇଷ୍ଟର କାଶି**
ସମୟ: ଅପରାହ୍ନ ୪.୩୦
**ମୁମ୍ବାଇ ସିଟି ଏଫ୍‌ସି ବନାମ ଚେନ୍ନାଇନ୍ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

## ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରି ଲିଗ୍ ଆଜିଠାରୁ

**ଭୁବନେଶ୍ୱର, ୨୨।୪ (ବିଜୟ ରଣା):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ (ଟି୨୦ ଫର୍ମାଟ)ର ପ୍ରିଲିମିନାରୀ ଲିଗ୍ (ଗ୍ରୁପ୍ 'ଡି' ଓ 'ଇ') ଦ୍ୱିତୀୟ ପର୍ଯ୍ୟାୟ କଟକର ବିଭିନ୍ନ ଭେନ୍ୟୁରେ ବୁଧବରଠାରୁ ଆରମ୍ଭ ହେବ। ଏନେଇ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରତିଯୋଗିତାର ଗ୍ରୁପ୍ 'ଡି'ରେ ଯାଜପୁର, ରାଉରକେଲା, କେନ୍ଦୁଝର, କେନ୍ଦ୍ରାପଡ଼ା, ନୂଆପଡ଼ା ଓ ଗଞ୍ଜାମ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ଇ'ରେ କିଟ୍, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, ମାଲକାନଗିରି ଓ ବୌଦ୍ଧ ସ୍ଥାନ ପାଇଛନ୍ତି।

## ସ୍ଲାଟରଙ୍କୁ ୪ ବର୍ଷ କାରାଦଣ୍ଡ

**ମେଲବୋର୍ନ, ୨୨।୪:** ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ମାଇକେଲ ସ୍ଲାଟରଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। କିନ୍ତୁ ପୋଲିସ ହେପାଜତରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବାରୁ ୫୫ ବର୍ଷୀୟ ସ୍ଲାଟରଙ୍କୁ ଜେଲରୁ ମୁକ୍ତ କରାଯାଇଛି। ସେ ଘରୋଇ ହିଂସା ସମେତ ୭ଟି ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ବିରୋଧରେ ନିର୍ଯ୍ୟାତନା, ତଣ୍ଟି ଚିପିବା, ଚୋରି ଓ ବେଆଇନ ଭାବେ ମହିଳାଙ୍କୁ ପିଛା କରିବା ଭଳି ଦଫା ଲଗାଯାଇଛି। ବିଚାରପତି ଗ୍ଲେନ କ୍ୟାଶ ଦଣ୍ଡାଦେଶ ଶୁଣାଇଲା ବେଳେ କହିଥିଲେ ଯେ, ସ୍ଲାଟରଙ୍କ ଅସୁବିଧା ପଛର ମୁଖ୍ୟ କାରଣ ସ୍ପଷ୍ଟ ଭାବେ ଜଣାପଡୁଛି। ଏହା ସ୍ପଷ୍ଟ ଯେ, ସ୍ଲାଟର ଜଣେ ମଦ୍ୟପ। ମଦ୍ୟପ ଗୁଣ ତାଙ୍କ ପେସାର ଅନ୍ତ ଘଟାଇବା, ପଶ୍ଚାତାପର ବିଷୟ। ତୁମ ରେହାବିଲିଟେଶନ ସହଜ ହେବ ନାହିଁ। ସ୍ଲାଟରଙ୍କୁ ଗତ ବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା ଏବଂ ସେ ସେବେଠାରୁ ଜେଲରେ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ଲାଟର ଅଷ୍ଟ୍ରେଲିଆ ପାଇଁ ୭୪ ଟେଷ୍ଟ ଖେଳି ୧୪ ଶତକ ସହ ୫,୩୧୨ ରନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସେ ୪୨ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଥିଲେ।


# Classified Everyday
0674-2580101, 9692975378



MATRIMONIAL

**BRIDE WANTED**

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ- 7978626462. D-228

**GROOM WANTED**

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260



REAL ESTATE
SALE


**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811



FOR RENT

Single Room with separate Kitchen & Toilet in 2nd floor near DAV, Unit-8, Rent-6200/-. 7008635352, 7683986496. D-244

Office Accommodation Commercial Hospital premises available Chandrasekharpur, Bhubaneswar, 4000sqft. 9437008388. D-74727



Healthcare

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**Full body massage experience, good looking therapist @999 (Bhubaneswar). 9078484455.** D-152

**LOST**

Abinas Mohapatra, Utkal University, Roll No.- 82401UT01003 of OEC, has been lost BE Original Degree Certificate. If anybody found please call me- 7606934314. D-258

**AFFIDAVIT**

By virtue of an affidavit sworn before Executive Magistrate, Cuttack, dated 21.04.2025, I, Deepak Kumar Panda, Address: At- Bagada Binayakpur, P.O.- Binayakpur, Block- Basudevpur, District.- Bhadrak, PIN- 756125 declare that I have changed my daughter's name from Adyasa Priyadarshani Panda to Adyasha Priyadarshini Panda. Henceforth, I shall be known as Adyasha Priyadarshini Panda for all purposes.
Deepak Kumar Panda
D-251

By virtue of an affidavit sworn before Notary Public, Puri, dated 01.03.2025, Nabaghan Jena, Address: Khadipada, Totasahi, P.O.- Khadipada, P.S.- Puri Sadar, Dist.- Puri declare that I have changed my name from Nabin Jena to Nabaghan Jena. Henceforth, I shall be known as Nabaghan Jena for all purposes.
Nabaghan Jena
D-256

By virtue of an affidavit sworn before Executive Magistrate, Bhadrak, dated 10.02.2025, I, Ajay Kumar Rout, Vill- Khanapur, P.O.- Panichhatra, PIN- 756059, P.S.- Khaira, Dist.- Balasore declare that I have changed my daughter's name from Pramita to Rajashree Rout. Henceforth, she will be known as Rajashree Rout for all purposes.
Ajay Kumar Rout
D-254

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

Letter No.- 637, dt. 11.04.2025
ମାନ୍ୟବର ଅତିରିକ୍ତ କମିଶନର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକଙ୍କ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
କେସ୍ ନଂ.- O.S.S. 1176/2023
ବ୍ୟୋମଜିତ ଦୀକ୍ଷିତ ...ବାଦୀ
ବନାମ
୩. ରାଜକିଶୋର ମହାପାତ୍ର, ପିତା- ୰ରାମଚନ୍ଦ୍ର ମହାପାତ୍ର, ଗ୍ରାମ- ଗୋବିନ୍ଦପୁର, ପୋଷ୍ଟ- ଯାଁଳା, ଥାନା- ଇଣ୍ଫୋସିଟି, ଜିଲ୍ଲା- ଖୋର୍ଦ୍ଧା । ....ପ୍ରତିବାଦୀ
ନୋଟିସ୍ ଅର୍ଡର-୫, ରୁଲ୍-୨୦ ମୁତାବକ
ଏତଦ୍ୱାରା ଉକ୍ତ ପ୍ରତିବାଦୀ ରାଜକିଶୋର ମହାପାତ୍ରଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୧୬।୦୬।୨୦୨୫ରିଖ ଦିବା ୧୧:୩୦ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।
ଜମିର ବିବରଣୀ
ମୌଜା- ଶଙ୍କରପୁର, ଥାନା- ଚନ୍ଦକା (୫୫), ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା । ସାବକ ଖାତା ନଂ.-୨୧୬, ପ୍ଲଟ୍ ନଂ.-୧୦୦୪, ରକବା- ଏ୦.୦୫୫ଡି. (ଏ୦.୧.୨୯୦ଡି. ସମ୍ପନ୍ଧରୁ), ସ୍ୱତ୍ୱ- ସ୍ଥିତିବାନ, ହାଲ୍ ଖାତା ନଂ.- ୧୪୧୮, ପ୍ଲଟ୍ ନଂ.-୪୭୦/୩୪୬୯, ରକବା- ଏ୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ
ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।
ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ କୋର୍ଟ ଅଫିସର
ଧ-୨୫୪

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ପ୍ରମିଳା ସୁନ୍ଦରୀ ସାହୁ
ଅରବିନ୍ଦନଗର, ପଣ୍ଡା କ୍ଲିନିକ, ନୟାଗଡ଼
ଆବିର୍ଭାବ : ୧୫.୦୮.୧୯୪୭
ମହାପ୍ରୟାଣ : ୧୨.୦୪.୨୦୨୫
ଆପଣଙ୍କ ଅକସ୍ମାତ ବିୟୋଗ ଆମକୁ ଅନେକ କଷ୍ଟ ଦେଇଛି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ :
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୫୮୪୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ବି. ଶ୍ୟାମବାବୁ ପାତ୍ର
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୫
ତିରୋଧାନ: ୧୨।୦୪।୨୦୨୫ (ଚୈତ୍ରମାସ, ପୂର୍ଣ୍ଣମୀ ତିଥି)
ଆଜି ଆମ ବାପାଙ୍କର ଏକାଦଶାହ ଅବସରରେ ସ୍ମରଣ କରି ଆମ ବାପାଙ୍କର ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆଜି ଆମ ବାପାଙ୍କର ଆତ୍ମା ଆରପାରିରେ ରହି ମଧ୍ୟ ଆମ୍ଭମାନଙ୍କ ହୃଦୟରେ ସଦାସର୍ବଦା ଜୀବିତ ହୋଇ ରହିବ।
ଇତି: ରାଜେଶ, ସୁରେଶ, ନରେଶ, ଅମୂଲ୍ୟ, ସନ୍ତୋଷିନି ଏବଂ ପରିବାରବର୍ଗ ।
ଧ-୨୫୯

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ଫଳଚାଷ



ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

## ମକାର ଉନ୍ନତ କିସମ



ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା- ନଭଜୋତ୍,ଶକ୍ତି,ଡେକାନ୍-୧୦୭,ଡେକାନ୍-୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ୧ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ ,୧୬ କି.ଗ୍ରା. ଫସ୍‌ଫରସ୍ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ ଭାଗରୁ ଭାଗେ ଯବକ୍ଷାରଜାନ ,ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।

# ଖରାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ଡା. ବୀରକିଶୋର ପରିଡ଼ା

ଖରାଦିନେ ଅତ୍ୟଧିକ ରୌଦ୍ରତାପ ଫଳରେ ପିଇବାପାଣିର ଅଭାବ ସହ ସବୁଜ ଘାସର ଘୋର ଅଭାବ ଯୋଗୁ ଉଭୟ ପ୍ରାଣୀ ଓ ଚାଷୀଭାଇଙ୍କ ପକ୍ଷରେ ସମସ୍ୟାର କାରଣ ହୋଇଥାଏ। ଗୋରୁ (ବିଶେଷକରି ସଙ୍କର ଜାତୀୟ) ଅଧିକାଂଶ ସମୟରେ ଖରାତାପ ସହି ନ ପାରି ଧଇଁସେଇ ହୋଇପଡ଼ନ୍ତି। ସେମାନଙ୍କର କ୍ଷୁଧା କମିଯାଏ । ଫଳରେ ସେମାନେ ଦୁର୍ବଳ ହୋଇପଡ଼ନ୍ତି । ଗାଈଙ୍କ ଦୁଗ୍ଧଦେବା ଶକ୍ତି ହ୍ରାସପାଏ । ଗୋରୁଙ୍କର ଖାଦ୍ୟହୀନତା ଓ ଦୁର୍ବଳତା ଯୋଗୁ ସେମାନଙ୍କ ମଧ୍ୟରୁ କେତେକ ଅନେକ ସମୟରେ ମୃତ୍ୟୁବରଣ କରନ୍ତି। ତେବେ ଖରାଦିନେ କିଭଳି ଭାବେ ଯତ୍ନ ନେଲେ ଗୋସମ୍ପଦକୁ ବିଭିନ୍ନ ରୋଗଦାଉରୁ ରକ୍ଷା କରିପାରିବା, ତାହା ନିମ୍ନରେ ପ୍ରଦତ୍ତ କରାଯାଇଛି ।

**ଅଂଶୁଘାତ :** ଗୋରୁ ବହୁ ସମୟ ଧରି ବାହ୍ୟ ଜଳବାୟୁ ସଂସ୍ପର୍ଶରେ ଅଧିକ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ ପ୍ରଦାହ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରର ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ ଏବଂ ଅଂଶୁଘାତ ହୋଇଥାଏ । ଏତଦ୍ ବ୍ୟତୀତ ଖରାଦିନେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇଲେ, ଶରୀରର ଚମଡ଼ା ମୋଟା ଥିଲେ, ମସ୍ତିଷ୍କରେ ଥିବା ହାଇପୋଥାଲାମସ୍‌ରେ କ୍ଷତ ସୃଷ୍ଟି ହେଲେ କିମ୍ବା ଶରୀରରୁ ଜଳୀୟ ଅଂଶ କମିଲେ ମଧ୍ୟ ଏପରି ଅବସ୍ଥା ସୃଷ୍ଟି ହୁଏ ।

**ଲକ୍ଷଣ :** ଗୋରୁଙ୍କ ଶରୀରର ଉତ୍ତାପ ୧୦୩ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ଉର୍ଦ୍ଧ୍ୱରେ ରହେ। କିଛି ଖାଆନ୍ତି ନାହିଁ। କ୍ଷୀଣ ଓ ଦୁର୍ବଳ ପରି ଦିଶନ୍ତି। ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ । ଗୋରୁମାନେ ପାଟିବାଟେ ନିଃଶ୍ୱାସ ନେବା ସହ ଧଇଁସେଇ ହୁଅନ୍ତି। ଜିଭ ପଦାକୁ ବେଳେବେଳେ ବାହାରି ଆସେ। ଝାଳ ବହେ। ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ଲାଳ ନିର୍ଗତ ହୁଏ । ଧୀରେ ଧୀରେ ଝାଳ ବୋହିବା ବନ୍ଦ ହୋଇଯାଏ। ଗୋରୁ ଅସ୍ଥିର ହୋଇପଡ଼ନ୍ତି ଏବଂ ଚାଲିପାରନ୍ତି ନାହିଁ। ଥଣ୍ଡା ଓ ଛାଇ ସ୍ଥାନ ଖୋଜି ବୁଲନ୍ତି । ଗାଈ ବା ଛଡ଼ାର ପ୍ରଜନନ ଶକ୍ତି ହ୍ରାସ ପାଏ। ଶରୀରର ଉତ୍ତାପ ୧୦୭-୧୦୯ ଡିଗ୍ରୀ ଫାରେନ୍‌ହାଇଟ୍(୪୧.୫-୪୨.୫ ଡିଗ୍ରୀ ସେଲ୍‌ସିୟସ୍) ବୃଦ୍ଧି ଘଟିଲେ ଗୋରୁଙ୍କ ଶ୍ୱାସକ୍ରିୟାରେ ଅନିୟମିତତା ହୁଏ । ତା’ ପରେ ଶ୍ୱାସକେନ୍ଦ୍ର ଓ ସ୍ନାୟୁରେ ପକ୍ଷାଘାତ ଘଟେ ଏବଂ ଶେଷ ଆଡ଼କୁ ଶରୀରର ଉତ୍ତାପ କମିଯାଏ ଓ ଗୋରୁ ମୃତ୍ୟୁବରଣ କରନ୍ତି ।

**ଚିକିତ୍ସା :** ପ୍ରଥମେ ଅଂଶୁଘାତ ଆକ୍ରାନ୍ତ ଗୋରୁଙ୍କୁ ଛାଇ ସ୍ଥାନକୁ ନେଇଯାଆନ୍ତୁ ଏବଂ ମୁଣ୍ଡରେ ବରଫ ପ୍ରୟୋଗ କରନ୍ତୁ । ତା’ପରେ ବରଫ ଥଣ୍ଡାପାଣି ଭିଜା କପଡ଼ାରେ ସମଗ୍ର ଶରୀରକୁ ପୋଛିଆଣନ୍ତୁ। ନର୍ମାଲ ସାଲାଇନ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଶରୀରର ଜଳ ଶୁଷ୍କତା ବା ଡିହାଇଡ୍ରେସନ୍ କମାଇବା ପାଇଁ ଆସ୍ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକଶନ ଶରୀରର ଉତ୍ତାପ କମାଇବା ପାଇଁ ଏବଂ ଷ୍ଟିରଏଡ୍ ଇଞ୍ଜେକଶନ୍ ସେରିବ୍ରାଲ ଏଡିମା ସକ୍ରୁ ରକ୍ଷା ପାଇବା ପାଇଁ ଦିଆଯାଏ। ପ୍ରାଣୀମାନଙ୍କର ଅସ୍ଥିରତା ରୋକିବା ପାଇଁ ଟ୍ରାଙ୍କୁଲାଇଜର ଯଥା - ସିକ୍ୱିଲ୍, ଲାର୍ଗାକ୍ୱିଲ ଇଞ୍ଜେକ୍ଶନ ପ୍ରଭୃତିର ସାହାଯ୍ୟ ନିଆଯାଏ । ସୋଡିୟମ୍ ବେଞ୍ଜଏଟ୍ ୫-୧୦ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍ଶନ୍ ଏବଂ ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବାପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ । ଗୋରୁଙ୍କୁ ରାତ୍ରିର ଥଣ୍ଡା ପ୍ରହରରେ ଉତ୍ତମ ପୁଷ୍ଟିକର ଦାନାଜାତୀୟ ଖାଦ୍ୟ ଓ ଦିନରେ ସବୁଜ ଘାସ, ନଡ଼ାକୁଟା ଆଦି ଖାଇବାକୁ ଦେବା ଦରକାର । ପ୍ରଚୁର ଥଣ୍ଡା ପାଣି ପିଇବା କିମ୍ବା ପେଯତୋରାଣି ଗୋରୁଙ୍କୁ ଦିନବେଳେ ଚରାଇବା ପୂର୍ବରୁ ଓ ପରେ ପିଆଇବା ଆବଶ୍ୟକ । ଖରାଦିନେ ଗୋରୁଙ୍କ ଆରାମ ପାଇଁ ଉପଯୁକ୍ତ ଆଶ୍ରୟସ୍ଥଳ (ବାୟୁ ଚଳାଚଳ, ଛାଇ ପ୍ରଦାନ ଇତ୍ୟାଦି) ସୃଷ୍ଟି ଲାଗି ପଦକ୍ଷେପ ଗ୍ରହଣ କରିବା ଉଚିତ ।

"ଗୋରୁ ବହୁ ସମୟ ଧରି ବାହ୍ୟ ଜଳବାୟୁ ସଂସ୍ପର୍ଶରେ ଅଧିକ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ ପ୍ରଦାହ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରର ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ ଏବଂ ଅଂଶୁଘାତ ହୋଇଥାଏ । ଏତଦ୍ ବ୍ୟତୀତ ଖରାଦିନେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇଲେ, ଶରୀରର ଚମଡ଼ା ମୋଟା ଥିଲେ, ମସ୍ତିଷ୍କରେ ଥିବା ହାଇପୋଥାଲାମସ୍‌ରେ କ୍ଷତ ସୃଷ୍ଟି ହେଲେ କିମ୍ବା ଶରୀରରୁ ଜଳୀୟ ଅଂଶ କମିଲେ ମଧ ଏପରି ଅବସ୍ଥା ସୃଷ୍ଟି ହୁଏ ।"



**ଥନହରା ରୋଗ :** ଦୁଧିଆଳୀ ଗାଈଙ୍କ ପାଇଁ ଏହା ଏକ ମାରାତ୍ମକ ରୋଗ ଏବଂ କରାଇନେବ୍ୟାକ୍ଟେରିୟମ ପାଓଜିନିସ୍ ନାମକ ଜୀବାଣୁ ଦ୍ୱାରା ମୁଖ୍ୟତଃ ଏହି ରୋଗ ସୃଷ୍ଟି ହୋଇଥାଏ । ଠିକ୍ ଭାବରେ ଦୁଗ୍ଧ ନ ଦୁହିଁଲେ, ପହ୍ନାରେ କ୍ଷତ ବା ପ୍ରଦାହ ସୃଷ୍ଟି ହେଲେ, ଗୁହାଳ ଅପରିଷ୍କାର ରହିଲେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦୁଗ୍ଧ ଦୁହିଁଲେ ଏହି ରୋଗ ଖରାଦିନେ ଦେଖାଦେଇଥାଏ । ଖାଦ୍ୟାଭାବ ଯୋଗୁ ଦେହରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ପାଇଲେ, ପହ୍ନାରେ ଲୁକ୍କାୟିତ ଅବସ୍ଥାରେ ଥିବା ଜୀବାଣୁ ଏହି ରୋଗ ସୃଷ୍ଟିକରେ । କୀଟପତଙ୍ଗ, ମଶା, ମାଛି ଆଦି କାମୁଡ଼ିଲେ ମଧ୍ୟ ଏହି ଜୀବାଣୁ ଶରୀରରେ ସହଜରେ ପ୍ରବେଶକରି ରୋଗ କରିଥାଏ । ଖରାଦିନେ ସାଧାରଣତଃ ଛଡ଼ା ଓ ପଡ଼ିଆ ହୋଇଆସୁଥିବା ଗାଈଙ୍କଠାରେ ଏହା ମୁଖ୍ୟତଃ ଦେଖାଦେଇଥାଏ।

**ଲକ୍ଷଣ :** ଏହି ରୋଗ ହେଲେ ଗାଈ ଦୁହିଁବାକୁ ସୁଯୋଗ ଦିଅନ୍ତି ନାହିଁ । ପହ୍ନାରେ ସଂକ୍ରମିତ ଚିରଗୁଡ଼ିକ ଫୁଲି ବଡ଼ ହୋଇ ଲାଲ ଦିଶେ ଓ କଷ୍ଟ ଦିଏ । ଧୀରେ ଧୀରେ ପହ୍ନା ବା ଚିରର ଉପର କ୍ୱାର୍ଟରକୁ ଫୁଲା ବଢ଼ିଯାଏ ଏବଂ ଚିକିତ୍ସାର ବିଳମ୍ବ ଘଟିଲେ ଶେଷକୁ ବଡ଼ ଗେଟା ପରି ଟାଣ ବା କଠିନ ପରି ହାତକୁ ଲାଗେ । ବହଳ ପୂଜ ବା ଛେନା ଛିଡ଼ିଲା ପରି କ୍ଷୀର ସଂକ୍ରମିତ ଚିର ଦୁହିଁଲେ ବାହାରି ଆସେ । ଚିରର ବାଟ ସବୁଦିନ ପାଇଁ ବନ୍ଦହୋଇ ପହ୍ନାକୁ ଅକାମୀ କରିଦିଏ । (କ୍ରମଶଃ...)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## କୁକୁଡ଼ା ପାଳନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଛିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଛିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

## ଡାଲିଜାତୀୟ ଫସଲ ଅମଳ ସମୟରେ...



ଛୁଇଁ ୮୦-୮୫ଭାଗ ପାଚିଲା ହୋଇଗଲେ ଅମଳକରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାଚିଲା ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

## ମହୁଚାଷ



ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ପରିଶ୍ରମର ମୂଲ୍ୟ ମିଳିଛି

## ସଫଳ ଚାଷୀ
### ଦୟାନିଧି ସାହୁ



ଧର୍ମପତ୍ନୀଙ୍କ ସହ ଦୟାନିଧି।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍‌ର ଦୟାନିଧି ସାହୁ (ମୋ : ୯୬୯୨୬୪୯୮୪୨) ଜଣେ ସଫଳ ଚାଷୀ ରୂପେ ସ୍ଥାନୀୟ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉକ୍ତ ବ୍ଲକ୍‌ର ବରି ପଞ୍ଚାୟତ ଅଧୀନ ବରିମେଳକ ଗ୍ରାମରେ ତାଙ୍କର ଜନ୍ମ। ସେ ନିଜର ସାଢେ ୪ ଏକର ଜମି ମଧ୍ୟରୁ ୨ ଏକରରେ ଦୁଇଟି ମାଛ ପୋଖରୀ କରିବା ସହ ବଳକା ଅଢ଼େଇ ଏକର ଜମିରେ ବାଇଗଣ, କଲରା, ତରଭୁଜ, ଲାଉ, ଭେଣ୍ଡି, ଲଙ୍କା, ବୋଇତାଳୁ, କୁନ୍ଦୁରୀ, ଧଣିଆ ପତ୍ର, ପୋଟଳ, ଝୁଡଙ୍ଗ, ପିତାଗମା ଇତ୍ୟାଦି ବିଭିନ୍ନ ଶାଗ କରିଛନ୍ତି । ବିଭିନ୍ନ ଫସଲ ଅମଳ ପରେ ଜମିରେ ଧାନଚାଷ ମଧ୍ୟ କରନ୍ତି । ଫସଲର ମୁଖ୍ୟ ଉପାଦାନ ଜଳ ଯୋଗାଣ ପାଇଁ ସେ ନିଜ କ୍ଷେତରେ ସ୍ପ୍ରିଙ୍କଲର ଓ ଡ୍ରିପ୍ ସଂଯୋଗ କରିଛନ୍ତି । ଉଦ୍ୟାନ ବିଭାଗ ପକ୍ଷରୁ ତାଙ୍କୁ ୨୦୨୦-୨୧ରେ ପନିପରିବା ସଂରକ୍ଷଣ ପାଇଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଏକ ପ୍ୟାକ୍ ହାଉସ ନିର୍ମାଣ ପାଇଁ ମିଳିଛି।

ନିଜ ସମ୍ପର୍କରେ ଦୟାନିଧି କହନ୍ତି, "ପାଠ ପଢ଼ା ତ ଭଲ ହେଉଥିଲା, ତା’ସହ ବରି ହାଇସ୍କୁଲରେ ମୁଁ ଜଣେ ମେଧାବୀ ଛାତ୍ର ଥିଲି। ଏକଦା ସାର୍‌ଙ୍କୁ ‘ମୁଁ ଭବିଷ୍ୟତରେ କୃଷକ ହେବି’ ବୋଲି କହି ଗାଳି ଶୁଣିଥିଲି। କିନ୍ତୁ ଆଜି ମୁଁ ମୋ ଲକ୍ଷ୍ୟ ହାସଲ କରିପାରିଛି। ଭଦ୍ରକ କଲେଜରେ ଯୁକ୍ତ୨ ଶେଷ କରିବା ପରେ ଭାରତୀୟ ନୌସେନା ପାଇଁ ଚୟନ ହୋଇ ଶେଷ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲି । କିନ୍ତୁ ପାରିବାରିକ ସମସ୍ୟା ପାଇଁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଥିଲା। କିଛି ରୋଜଗାର କରିବାକୁ ମୁଁ ବମ୍ବେ ଯାଇଥିଲି। ସେଠାରୁ ଫେରିବା ପରେ କୃଷି କାର୍ଯ୍ୟରେ ମନୋନିବେଶ କଲି। ୨୦୧୭ରୁ ମୁଁ ଏହା ସହ ଜଡ଼ିତ ଅଛି। ଚାଷକାର୍ଯ୍ୟରେ ମୋ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟାଙ୍କ ସାହାଯ୍ୟକୁ କଦାପି ଭୁଲିପାରିବି ନାହିଁ। ଏଥିରେ ସହଯୋଗ ପାଇଁ କେତେ ଜଣଙ୍କୁ ନିଯୁକ୍ତି ଦେଇଛି। ହେଲେ ଯେଉଁ ଚାକିରି ମୁଁ କରିପାରି ନ ଥିଲି ମୋ ଝିଅ ଶ୍ରାବଣୀ ସେଥିରେ ସଫଳ ହୋଇଛି। ବର୍ତ୍ତମାନ ସେ ଭାରତୀୟ ନୌବାହିନୀ ପାଇଁ ସିଲେକ୍ଟ ହୋଇଛି। ମୋଟ ଉପରେ କହିବାକୁ ଗଲେ ମୋ ପରିଶ୍ରମର ମୂଲ୍ୟ ମିଳିଛି।" ବରି ବଜାର ବ୍ୟତୀତ ସ୍ଥାନୀୟ ବିଭିନ୍ନ ଅଞ୍ଚଳର ସାପ୍ତାହିକ ହାଟରେ ସେ ଉତ୍ପାଦନ କରିଥିବା ପନିପରିବା ବିକ୍ରି କରିଥାଆନ୍ତି। ଶିକ୍ଷିତ ଯୁବତୀଯୁବକମାନେ ଚାକିରି ପଛରେ ନ ଗୋଡ଼ାଇ କୃଷି କାର୍ଯ୍ୟ ପ୍ରତି ମନୋନିବେଶ କଲେ ବେଶ୍ ଲାଭବାନ୍ ହୋଇପାରିବେ ବୋଲି ମତ ଦିଅନ୍ତି ଦୟାନିଧି।

- ସନ୍ତୋଷ କୁମାର ନାୟକ, ସିମୁଳିଆ

## କୁଜିସାରୁ ଚାଷ କରୁଥିଲେ



ଅଧିକ ଅମଳକ୍ଷମ ସାରୁ କିସମ ମଧ୍ୟରେ ରହିଛି ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ୧ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା



ଡାଲୁଅ ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ବା ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ଗୋଳାଇ ଗଛମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୩/୨୦୨୫ Bhubaneswar, Wednesday, April 23/ 2025

# ଜାତୀୟ ସିନିୟର ମହିଳା ରଗ୍‌ବୀ ସେଭେନ୍ସ ଆଜିଠାରୁ


ଓଡ଼ିଶା ଦଳରେ ସ୍ଥାନ ପାଇଥିବା କିସ୍‌ର ୭ ଖେଳାଳି।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ଜାତୀୟ ସିନିୟର ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ମନୋନୀତ ଓଡ଼ିଶା ଦଳରେ କିସ୍‌ର ୭ ଜଣ ଯାକ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡୁମୁନି ମାର୍ଣ୍ଡି, ରଞ୍ଜିତା ନାଏକ,

## ଓଡ଼ିଶା ଦଳରେ କିସ୍‌ର ୭ ଖେଳାଳି

ମାମା ନାଏକ, ତରୁଲତା ନାଏକ, ପୁଷ୍ପାଞ୍ଜଳି ଭୋଇ, ବର୍ଷାରାଣୀ ମାଝି ଓ ଗୀତାରାଣୀ ସାଇ। ଦେଶର ମୋଟ ୨୪ ରାଜ୍ୟରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ପୁଲ୍ 'ଏ'ରେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ସହ ଓଡ଼ିଶା ସ୍ଥାନ ପାଇଛି। ପୁଲ୍ 'ବି'ରେ ବିହାର, ଆସାମ, ଆଣ୍ଡାମାନ ଆଣ୍ଡ ନିକୋବର, ପୁଲ୍ 'ସି'ରେ ମହାରାଷ୍ଟ୍ର, ମଣିପୁର, ମଧ୍ୟ ପ୍ରଦେଶ, ପୁଲ୍ 'ଡି'ରେ ପଶ୍ଚିମବଙ୍ଗ, ଗୁଜରାଟ, ଆନ୍ଧ୍ର ପ୍ରଦେଶ, ପୁଲ୍ 'ଇ'ରେ ଦିଲ୍ଲୀ ଚଣ୍ଡିଗଡ଼, ପୁଡୁଚେରୀ, ପୁଲ୍ 'ଏଫ୍'ରେ କେରଳ, ଉତ୍ତରାଖଣ୍ଡ, ହରିୟାଣା, ପୁଲ୍ 'ଜି'ରେ କର୍ଣ୍ଣାଟକ, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ପୁଲ୍ 'ଏଚ୍'ରେ ପଞ୍ଜାବ, ରାଜସ୍ଥାନ ଓ ଜମ୍ମୁ କଶ୍ମୀର ଦଳ ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରୀୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଓଡ଼ିଶା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଲିଲମୁନୀ ହାଁସଦା, ଗୀତାରାଣୀ ସାଇ, ତରୁଲତା ନାଏକ, ମାମା ନାଏକ, ସୁନୀତା ହାଁସଦା, ସନ୍ଧ୍ୟାରାଣୀ ଟୁଡୁ, ପୁଷ୍ପାଞ୍ଜଳି ଭୋଇ, ଡୁମୁନି ମାର୍ଣ୍ଡି, ରଞ୍ଜିତା ନାଏକ, କବିତା କସ୍ତୁରୀ ପଡିହାରୀ, ଆରତୀ ମୁର୍ମୁ, ବର୍ଷାରାଣୀ ମାଝି। କୋଚ୍: ରାଜକିଶୋର ମୁର୍ମୁ, ମ୍ୟାନେଜର: ସୁନୀତା ବର୍ମା, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।

# ପ୍ରଜ୍ଞା, ସ୍ୱାଧୀନଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

କେରଳର କୋଚିଠାରେ ଚାଲିଥିବା ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। ମଙ୍ଗଳବାର ଅନୁଷ୍ଠିତ ମହିଳା

## ନ୍ୟାଶନାଲ ଫେଡେରେଶନ ଆଥଲେଟିକ୍ସ

୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରିଲାଏନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଜ୍ୟୋତି ୟାରାଜି ୧୩.୨୩ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ତାମିଲନାଡୁର ନିତ୍ୟା ରାମରାଜ (୧୩.୪୨) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ପୁରୁଷ


ପଦକ ସହ ପ୍ରଜ୍ଞା ପ୍ରଶାନ୍ତି ସାହୁ।

ହାଇଜମ୍ପରେ ଓଡ଼ିଶାର ସ୍ୱାଧୀନ କୁମାର ମାଝି ୨.୧୪ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଛନ୍ତି। ମହାରାଷ୍ଟ୍ରର ସରଭେଶ ଅନିଲ କୁଶାରେ ୨.୨୬ ଓ କେରଳର ଭରତ ରାଜ ୨.୧୪ ମିଟର ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଶା ଆଥଲେଟ୍ ନିଖିଲ ଦାସ ୨.୦୦ ମିଟର ଜମ୍ପକରି ୧୨ଶ ସ୍ଥାନରେ ରହିଛନ୍ତି। ପୁରୁଷ ଲଙ୍ଗଜମ୍ପ ଫାଇନାଲରେ ସରୁନ ପାୟାସିଂ ୭.୩୯ ମିଟର କ୍ଲିୟର କରିପାରି ୯ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଏଥିରେ ତାମିଲନାଡୁର ଡାଭିଡ ପି. (୭.୯୪), ରିଲାଏନ୍ସର ଜେସୱିନ ଆଲଡ୍ରେନ (୭.୮୩) ଓ ମହମ୍ମଦ ଆନେସ (୭.୭୦) ଯଥାକ୍ରମେ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏଚପିସି ଆଥଲେଟ୍ ଅନିମେଶ କୁଜୁର ପୁରୁଷ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

# ୫ ମହିଳା ଚେସ୍ ଖେଳାଳିଙ୍କୁ ୧କୋଟି ଫେଲୋଶିପ୍ ଅନୁଦାନ

**ହାଇଦ୍ରାବାଦ, ୨୨।୪ (ପି.ଟି.)**

ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ମଙ୍ଗଳବାର ଇଣ୍ଟରନ୍ୟାଶନାଲ ମାଷ୍ଟର(ଆଇଏମ୍) ଭାନ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋଶିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି। ୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେଶନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଡି-୧ର ଏକ ମିଳିତ ପ୍ରୟାସ। ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାନ୍ତିକା, ଡବ୍ଲ୍ୟୁଏଫ୍‌ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍‌ଏମ୍ ଚାର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲ୍ୟୁଆଇଏମ୍ ସାରାୟୁ ଭେଲପୁଲା ଓ ଡବ୍ଲୁଆଏଇଏମ୍ ସାହିଥି ଭାର୍ଷିନୀ। ଫେଲୋଶିପ୍ ଅନୁଦାନ ଏହି ଖେଳାଳିମାନଙ୍କ ଏକ ବର୍ଷ ପାଇଁ ଟ୍ରେନିଂ, ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ କରାଯିବ। ଏମାନଙ୍କ ମଧ୍ୟରୁ ପୂର୍ବରୁ ଅର୍ଜୁନ ପୁରସ୍କାର ବିଜେତା ଭାନ୍ତିକା ୨୦୨୩ରେ ସହାୟତା ପାଇଥିଲେ।




# ବିଶ୍ୱଭାରତୀ, ନିମପୁର ସେମିଫାଇନାଲରେ


ପ୍ଲେୟର ଅଫ୍ ଦି ମ୍ୟାଚ ଅଭିଷେକ ଯାଦବଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ମୁଲବେରୀ ଗ୍ରିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବିଶ୍ୱଭାରତୀ କ୍ଲବ ଓ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ବିଶ୍ୱଭାରତୀ ୮ ଉଇକେଟରେ ୟୁନିୟନ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ କ୍ଲବ ୯ ଉଇକେଟରେ ୧୧୪ ରନ କରିଥିଲା। ୧୧୫ ରନ ବିଜୟ ଲକ୍ଷ୍ୟକୁ ବିଶ୍ୱଭାରତୀ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଭିଷେକ ଯାଦବ ୧୮ ବଲ୍‌ରୁ ବିସ୍ଫୋରକ ୫୬ ରନକରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଷ୍ଟକୋଷ୍ଟ ରେଲୱେ କ୍ରୀଡ଼ା ସମ୍ପାଦକ ମହମ୍ମଦ ଜାକିର, ଯୁଗ୍ମ ସମ୍ପାଦକ ଜ୍ୟୋତି ଶଙ୍କର ଓ ସିଏମ୍‌ସି ଡେପୁଟି ମେୟର ଦମୟନ୍ତି ମାଝି ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟଏକ ମ୍ୟାଚରେ ନିମପୁର ଦଳ ୧୬ ରନରେ ପଟ୍ଟନାୟକ ଆସୋସିଏଟ୍ସକୁ ହରାଇ ଦେଇଛି। ନିମପୁର ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୬୯ ରନ କରିଥିଲା। ଶାନ୍ତନୁ ମିଶ୍ର ୫୧ ଓ ରଘୁନାଥ ମଲ୍ଲ ୪୧ ରନ କରିଥିଲେ। ଜବାବରେ ପଟ୍ଟନାୟକ ଆସୋସିଏଟ୍ସ ୮ ଉଇକେଟ ହରାଇ ୧୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶାନ୍ତନୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସାମାଜିକ କର୍ମୀ ନୃସିଂହ ଚରଣ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ